ଆଇସିସି ଟି୨୦ ର୍‍ୟାଙ୍କିଂ
ଶୀର୍ଷସ୍ଥାନ ବଜାୟ ରଖିଲା ଭାରତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୯୫ ● ୬ ମଇ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-95 ● 6th May 2026, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

ଟ୍ରଫ୍ ଲାଇନ୍ ଦକ୍ଷିଣ-ପୂର୍ବ ଉତ୍ତର ପ୍ରଦେଶରୁ ତାମିଲନାଡୁ ପର୍ଯ୍ୟନ୍ତ ବ୍ୟାପିଛି

ୟୁପି-ବିହାରରେ ଝଡ଼ ତୋଫାନ : ୩୧ ମୃତ

ଜୟପୁର,୫।୫

ରାଜସ୍ଥାନର ଉତ୍ତର-ପଶ୍ଚିମ ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ଫଳରେ ଦେଶର ଅଧିକାଂଶ ସ୍ଥାନରେ ପାଗ ପରିବର୍ତ୍ତନ ହୋଇଛି। ଏକ ଟ୍ରଫ୍ ଲାଇନ୍ ଦକ୍ଷିଣ-ପୂର୍ବ ଉତ୍ତର ପ୍ରଦେଶରୁ ତାମିଲନାଡୁ ପର୍ଯ୍ୟନ୍ତ ବ୍ୟାପିଛି, ଯାହା ଫଳରେ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଭାରତରେ ବର୍ଷା ହେଉଛି।

ଗତ ୨୪ ଘଣ୍ଟା ମଧ୍ୟରେ ବିହାର, ହରିୟାଣା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ସହିତ ଝଡ଼ ପବନ ହୋଇଛି। ୟୁପିରେ ଝଡ଼ ଏବଂ ବର୍ଷା ଯୋଗୁଁ ୮ ଜଣ ପ୍ରାଣ ହରାଇଛନ୍ତି। ପିଲିଭିଟରେ ଏକ ଇଟା ଭାଟିର ୧୦୦ ଫୁଟ ଉଚ୍ଚ ଚିମିନି ଭୁଶୁଡ଼ି ପଡ଼ିଛି। ଗାଜିପୁରରେ ଏକ ମାଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଛି।

ବିହାରର ୨୨ଟି ଜିଲ୍ଲାରେ ଝଡ଼ ସହିତ ପ୍ରବଳ ବର୍ଷା ଓ ବଜ୍ରପାତ ହେବା ଫଳରେ ୭ ଜଣ ଶିଶୁଙ୍କ ସମେତ ୨୩ ଜଣଙ୍କର ମୃତ୍ୟୁ

ହୋଇଥିବା ବେଳେ ଦୁଇ ଜଣ ମହିଳା ପୋଡ଼ି ଆହତ ହୋଇଛନ୍ତି। ମଙ୍ଗଳବାର ବିହାରର ୧୮ଟି ଜିଲ୍ଲା ପାଇଁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି।

ରାଜସ୍ଥାନରେ, ତାପମାତ୍ରା ୮ ଡିଗ୍ରୀ ହ୍ରାସ ପାଇଛି। ଜୟପୁର ସମେତ ଅନେକ ସହରରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ତଳେ ରହିଛି। ହରିୟାଣାରେ ପ୍ରବଳ ଝଡ଼ ହେବା ଫଳରେ ୧୫ ହଜାରରୁ ଅଧିକ ଗଛ ଉପୁଡ଼ି ପଡ଼ିଛି।

ହିମାଚଳ ପ୍ରଦେଶର ସୋଲାନରେ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ୍ ଥିଲା। ଏହା ମେ' ମାସରେ ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସର୍ବନିମ୍ନ ତାପମାତ୍ରା। ପୂର୍ବରୁ ୧୪ ମଇ, ୨୦୨୧ରେ ତାପମାତ୍ରା ୯.୪ ଡିଗ୍ରୀ ସେଲସିୟସ୍ ଥିଲା। ଟାବୋରେ ପାରଦ ୩.୫ ଡିଗ୍ରୀ ସେଲସିୟସ୍ ଏବଂ କୁକୁମସେରିରେ ୪.୧ ଡିଗ୍ରୀ ସେଲସିୟସ୍ ଥିଲା।

ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନ ପାଇଁ ପ୍ରବଳ ଝଡ଼ ଏବଂ ବର୍ଷା ନେଇ ସତର୍କତା ଜାରି କରାଯାଇଛି।

ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ବର୍ଷା ସହିତ ବଜ୍ରପାତର ଆଶଙ୍କା ରହିଛି। ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ପାଇଁ ବିଚ୍ଛିନ୍ନ ଅଞ୍ଚଳରେ ବଜ୍ରପାତ ଏବଂ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ବଜ୍ରପାତର ଆଶଙ୍କା ରହିଛି। ମଧ୍ୟ ପ୍ରଦେଶ, ଛତିଶଗଡ଼ ଏବଂ ଦକ୍ଷିଣ ଭାରତର କିଛି ସ୍ଥାନରେ ପ୍ରବଳ ପବନ ସହିତ ହାଲୁକା ବର୍ଷା ହୋଇପାରେ ବୋଲି ସୂଚନା ଦିଆଯାଇଛି।

ମମତାଙ୍କ ଯୁଦ୍ଧଂଦେହି ଡାକରା

ଆମେ ନିର୍ବାଚନ ହାରି ନାହୁଁ, ମୁଁ ଇସ୍ତଫା ଦେବି ନାହିଁ...

କୋଲକାତା,୫।୫

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ମମତା ବାନାର୍ଜୀଙ୍କ ଆଭିମୁଖ୍ୟ କୋହଳ ହୋଇନାହିଁ। ନିର୍ବାଚନ ଫଳାଫଳ ପରେ ନିଜର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ମମତା କେନ୍ଦ୍ର ସରକାରଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେ ଇସ୍ତଫା ଦେବେ ନାହିଁ ଏବଂ ତାଙ୍କୁ ଷଡ଼ଯନ୍ତ୍ର କରି ହରାଇ ଦିଆଯାଇଛି।

ଶ୍ରୀମତୀ ବାନାର୍ଜୀ ନିର୍ବାଚନ କମିଶନ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁଯାୟୀ ନିର୍ବାଚନ କମିଶନ ବିକ୍ରି ହୋଇଯାଇଛନ୍ତି ଏବଂ ଅଧିକାରୀମାନେ ଏକପାଖିଆ କାମ କରିଛନ୍ତି। ଇଭିଏମ୍ ମେସିନରେ ଗଣତି ପରେ ମଧ୍ୟ ୯୦–୯୫% ଚାର୍ଜ ରହିବା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗଣତି କେନ୍ଦ୍ରରେ ତାଙ୍କ ଏଜେଣ୍ଟମାନଙ୍କୁ ମାଡ଼ ମରାଯାଇ ବାହାର କରିଦିଆଯାଇଛି। ସିଆରପିଏଫ ଯବାନ ଏବଂ ବାହାର ଗୁଣ୍ଡାଙ୍କ ସହାୟତାରେ ବିଜେପି ପ୍ରାର୍ଥୀ

ଜବରଦସ୍ତି ଫର୍ମ ଛଡ଼ାଇ ନେଇଛନ୍ତି। କେବଳ ଏତିକି ନୁହେଁ ସେ ନିଜେ ଗଣତି କେନ୍ଦ୍ରକୁ ଯିବା ସମୟରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ସେ ଦାବି କରିଛନ୍ତି।

ରାଜ୍ୟରେ ଏବେ ଏକ ନୂଆ ରାଜନୈତିକ ସଙ୍କଟ ଦେଖାଦେଇଛି। ସାଧାରଣତଃ ନିର୍ବାଚନ ହାରିବା ପରେ ମୁଖ୍ୟମନ୍ତ୍ରୀ ରାଜଭବନ ଯାଇ ଇସ୍ତଫା ପ୍ରଦାନ କରନ୍ତି, ଯାହା ପରେ ନୂଆ ସରକାର ଗଠନ ପାଇଁ ପଥ ପରିଷ୍କାର ହୁଏ। କିନ୍ତୁ ମମତା ଇସ୍ତଫା ନ ଦେବାକୁ ଜିଦ୍ ଧରିଥିବାରୁ ଏହା ଏକ ସାମ୍ବିଧାନିକ ଜଟିଳତା ସୃଷ୍ଟି କରିଛି।

ଯଦି ମମତା ବାନାର୍ଜୀ ଇସ୍ତଫା ନ ଦିଅନ୍ତି, ତେବେ ସମ୍ବିଧାନ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ଥିବା ବିକଳ୍ପ ବିଷୟରେ ଚିନ୍ତା କରାଯାଇପାରେ। ଯେପରିକି ସମ୍ବିଧାନର ଅନୁଚ୍ଛେଦ ୧୬୪ ଅନୁଯାୟୀ, ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଅନ୍ତି। ଯଦି ଜଣେ ମୁଖ୍ୟମନ୍ତ୍ରୀ ସଂଖ୍ୟାଗରିଷ୍ଠତା ହରାଇଛନ୍ତି ବା ନିର୍ବାଚନ ହାରିଛନ୍ତି, ତେବେ ରାଜ୍ୟପାଳ ତାଙ୍କୁ ପଦରୁ ବରଖାସ୍ତ କରିପାରିବେ। ନଚେତ ରାଜ୍ୟପାଳ ବିଧାନସଭାର ବିଶେଷ ଅଧିବେଶନ ଡକାଇ ବହୁମତ ସାବ୍ୟସ୍ତ କରିବାକୁ କହିପାରନ୍ତି। ବର୍ତ୍ତମାନ ବିଜେପି ପାଖରେ ୨୦୬ଟି ଆସନ ଥିବାବେଳେ ଟିଏମ୍‌ସି ପାଖରେ ମାତ୍ର ୮୦ ଆସନ ଅଛି। ତେଣୁ ମମତା ବହୁମତ ପ୍ରମାଣ କରିବାରେ ବିଫଳ ହେବା ନିଶ୍ଚିତ।

ମୋଟାମୋଟି କହିବାକୁ ଗଲେ ମମତା ବାନାର୍ଜୀଙ୍କ ଏହି ଆଭିମୁଖ୍ୟରୁ ସ୍ପଷ୍ଟ ଯେ, ସେ ଆଗାମୀ ଦିନରେ ନିଜ କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇବା ପାଇଁ ଏହି ଲଢ଼େଇକୁ ରାଜରାସ୍ତାକୁ ନେବାକୁ ଚାହୁଁଛନ୍ତି। କିନ୍ତୁ ସାମ୍ବିଧାନିକ ନିୟମ ଅନୁସାରେ, ବହୁମତ ନ ଥିଲେ ତାଙ୍କୁ ଗାଦି ଛାଡ଼ିବାକୁ ହିଁ ପଡ଼ିବ।

ଟିଭିକେ ବିଧାୟକ ଦଳ ନେତା ହେଲେ ବିଜୟ

ଚେନ୍ନାଇ,୫।୫

ଚେନ୍ନାଇର ପନୟୁର୍ ସ୍ଥିତ ଟିଭିକେ ମୁଖ୍ୟାଳୟରେ ପାର୍ଟିର ନବନିର୍ବାଚିତ ବିଧାୟକମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଏହି ବୈଠକରେ ସରକାର ଗଠନକୁ ନେଇ ଚର୍ଚ୍ଚା ହେଉଛି। ବୈଠକରେ ସମସ୍ତ ବିଧାୟକମାନେ ସମ୍ମତି ସହିତ ବିଜୟଙ୍କୁ ତମିଳଗା ଓ୍ୱେଟ୍ରି କଝଗମ୍ (ଟିଭିକେ)ର ବିଧାନସଭା ଦଳର ନେତା *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ ଇସ୍ତଫା ଗ୍ରହଣ କଲେ ତାମିଲନାଡୁ ରାଜ୍ୟପାଳ।
- ମୁମ୍ବାଇ-ଦିଲ୍ଲୀ ରାଜପଥର ଗୋଧ୍ରା ନିକଟରେ ଏକ ବଡ଼ ଦୁର୍ଘଟଣା; ସୁରତରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ।
- ବିହାରରେ ସମ୍ରାଟ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ମଇ ୭ରେ ହେବ, ଗାନ୍ଧୀ ମଇଦାନରେ ଶପଥ ଗ୍ରହଣ ସମାରୋହ।
- ହରିୟାଣାରେ କେଏମପି ଏକ୍ସପ୍ରେସୱେ ଦୁର୍ଘଟଣାରେ ୟୁପି ପୋଲିସର ୫କର୍ମଚାରୀଙ୍କ ମୃତ୍ୟୁ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୧୮ (-୪୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୭୫ (-୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୮୯ (-୩୩)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (-୧୦)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବାଛିବେ ଅମିତ ଶାହ ଓ ମୋହନ ମାଝୀ

ନୂଆଦିଲ୍ଲୀ,୫।୫

ପଶ୍ଚିମବଙ୍ଗରେ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଅମିତ ଶାହଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବା ବେଳେ ସହପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଯୁକ୍ତି ମିଳିଛି। ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୯ ତାରିଖରେ ପଶ୍ଚିମବଙ୍ଗରେ ସରକାର ଗଠନ କରିବ ବିଜେପି। ପ୍ରଥମ ଥର ଲାଗି ବିଜେପି ସରକାର ଗଠନ ହେବ।

ପଶ୍ଚିମବଙ୍ଗରେ ବିଜେପି ଜିତିବା ପରେ ଏବେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଏମିତି ଦେଖିଲେ ବିଜେପି ନିର୍ବାଚନ ବେଳେ

ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରି ନ ଥାଏ। ତେବେ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ୬ ଜଣ ପ୍ରମୁଖ ନେତାଙ୍କ ନାମ ସାମ୍ନାକୁ ଆସିଛି। ସବୁଠୁ ଆଗରେ ଅଛନ୍ତି ଶୁଭେନ୍ଦୁ ଅଧିକାରୀ। ସେ ନନ୍ଦିଗ୍ରାମ ଓ ଭବାନୀପୁରରୁ ଲଢ଼ି ଜିତିଛନ୍ତି। ଦଳର ପ୍ରଚାର ଅଭିଯାନରେ ସେ ଆଗ ଧାଡ଼ିରେ ଥିଲେ। ତାଙ୍କ ପଛକୁ ଦିଲୀପ ଘୋଷଙ୍କ ନାମ ଆସୁଛି। ୨୦୨୧ରେ ବିଜେପିକୁ ମୁଖ୍ୟ ବିରୋଧୀ ଦଳ ବନାଇବାର ଶ୍ରେୟ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଦିଲୀପଙ୍କୁ ଦିଆଯାଏ। ଏବେ ସେ ଅଧ୍ୟକ୍ଷ ନାହାନ୍ତି। କିନ୍ତୁ *(ପୃଷ୍ଠା ୭ରେ)*

କୋଟିଆରେ ପଟ୍ଟା ଓ ଭତ୍ତା ବାଣ୍ଟିଲେ ମନ୍ତ୍ରୀ

ଭୁବନେଶ୍ୱର,୫।୫
ନ୍ୟୁଜ୍‌ବ୍ୟୁରୋ

ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ କୋରାପୁଟର ସୀମାନ୍ତ ଅଞ୍ଚଳ କୋଟିଆରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଏବଂ ପଟ୍ଟା ବଣ୍ଟନ କରିଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଆଇନ ମନ୍ତ୍ରୀ ହରିଚନ୍ଦନ ଲେଖିଛନ୍ତି - କୋଟିଆ ମାଟିରେ ଜନସେବାର ସଙ୍କଳ୍ପ।

ମଙ୍ଗଳବାର କୋରାପୁଟ ଗସ୍ତ ଅବସରରେ ସୀମାନ୍ତ କୋଟିଆ ଠାରେ ଆୟୋଜିତ ଏକ ଭବ୍ୟ ସମାବେଶରେ ଯୋଗଦେଇଥିଲେ। କୋଟିଆର ପ୍ରତ୍ୟେକ ନାଗରିକଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ଆମର *(ପୃଷ୍ଠା ୭ରେ)*

ମେ' ୯ରେ ପଶ୍ଚିମବଙ୍ଗରେ ନୂଆ ସରକାରର ଶପଥ ଗ୍ରହଣ

କୋଲକାତା,୫।୫

ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି (ବିଜେପି)ର ଐତିହାସିକ ବିଜୟ ପରେ ନୂତନ ସରକାର ଗଠନ ପାଇଁ ପ୍ରସ୍ତୁତି ଜୋର ହୋଇଯାଇଛି ଏବଂ ଶପଥ ଗ୍ରହଣ ଅନୁଷ୍ଠାନର ତାରିଖ ନିର୍ଦ୍ଧାରିତ ହୋଇଛି। ବିଜେପିର ପ୍ରଦେଶ ଅଧ୍ୟକ୍ଷ ସମିକ ଭଟ୍ଟାଚାର୍ଯ୍ୟ ସୂଚନା ଦେଇଛନ୍ତି ଯେ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଆସନ୍ତା ୯ ମେ' ତାରିଖରେ ହେବ। ତେବେ ମୁଖ୍ୟମନ୍ତ୍ରୀଙ୍କ ନାମର ଅଧିକାରିକ ଘୋଷଣା ଏପର୍ଯ୍ୟନ୍ତ ହୋଇନାହିଁ। ମଙ୍ଗଳବାର ସକାଳେ ଗଣମାଧ୍ୟମ ସହ କଥାବାର୍ତ୍ତାରେ ପ୍ରଦେଶ ଅଧ୍ୟକ୍ଷ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ୯ ମେ ଦିନଟି ବିଶେଷ ମହତ୍ତ୍ୱ ରଖେ, କାରଣ ସେହି ଦିନ କବିଗୁରୁ *(ପୃଷ୍ଠା ୭ରେ)*

ଦୁର୍ଘଟଣାରେ ୩ ଶ୍ରମିକ ମୃତ

ଅନୁଗୁଳ,୫।୫
ନ୍ୟୁଜ୍‌ବ୍ୟୁରୋ

ଅନୁଗୁଳ ଶ୍ରୀମେଟାଲିକ୍ସ କାରଖାନାରେ ଅଘଟଣ। ମେଣ୍ଟେନାନ୍ସ ବେଳେ ଦୁର୍ଘଟଣା ଘଟି ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ହିନ୍ଦୋଳ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ତିନିଜଣ ହେଲେ ସୁନ୍ଦରଗଡ଼ ସଦର ଥାନା ତିନିକୁଡ଼ା ଗ୍ରାମର ୩୭ ବର୍ଷୀୟ ଶ୍ରୀଧର ବେଗୁନ ଓ ୩୭ବର୍ଷୀୟ ମଣ୍ଟୁ କମାର, ଅନ୍ୟ ଜଣେ ରାଜଗାଙ୍ଗପୁର ସୁନାଖଣି ଗ୍ରାମର ୪୦ ବର୍ଷୀୟ ମଙ୍ଗଳ ମାଝୀ। ଏହି ଶ୍ରମିକମାନେ ମେଣ୍ଟେନାନ୍ସ କରିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଅଞ୍ଚଳରେ ୬ଜଣ ଶ୍ରମିକ କାମ କରୁଥିଲେ। ତେବେ ଅନ୍ୟ ୩ଜଣ ସୁରକ୍ଷିତ ଥିବା ସୂଚନା ମିଳିଛି।

ସନ୍ଧ୍ୟାରେ କାରଖାନାରେ *(ପୃଷ୍ଠା ୭ରେ)*

ୟୁଏଇର ଫୁଜୈରାହ ଆକ୍ରମଣକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୫।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସଂଯୁକ୍ତ ଆରବ ଏମିରେଟସ୍ (ୟୁଏଇ)ର ଫୁଜୈରାହ ପେଟ୍ରୋଲିୟମ ଶିଳ୍ପ କ୍ଷେତ୍ର ଉପରେ ଇରାନଙ୍କ ଡ୍ରୋନ୍ ଆକ୍ରମଣକୁ ନିନ୍ଦା କରିଛନ୍ତି। ଏହି ଆକ୍ରମଣରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ସେଠାରେ କାମ କରୁଥିବା ତିନିଜଣ ଭାରତୀୟ ନାଗରିକ ଆହତ ହୋଇଥିଲେ। ସେ ନାଗରିକ ଏବଂ ଭିତ୍ତିଭୂମିକୁ ଲକ୍ଷ୍ୟ କରିବାକୁ ଅସ୍ୱୀକାର ଯୋଗ୍ୟ ବୋଲି କହିଥିବା ସହ ହର୍ମୁଜ ପ୍ରଣାଳୀ ମାର୍ଗର ସୁରକ୍ଷିତ ଆଗମନ-ପ୍ରସ୍ଥାନର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ କହିଛନ୍ତି, "ସଂଯୁକ୍ତ ଆରବ ଏମିରେଟସ୍ ଉପରେ ହୋଇଥିବା ଆକ୍ରମଣଗୁଡ଼ିକୁ ଆମେ କଠୋର ଭାବରେ ନିନ୍ଦା କରୁଛୁ, ଯେଉଁଥିରେ ତିନିଜଣ ଭାରତୀୟ ନାଗରିକ ଆହତ ହୋଇଛନ୍ତି।



ନାଗରିକ ଏବଂ ଭିତ୍ତିଭୂମିକୁ ଲକ୍ଷ୍ୟ କରିବା ଅସ୍ୱୀକାରଯୋଗ୍ୟ। ଭାରତ ସଂଯୁକ୍ତ ଆରବ ଏମିରେଟସ୍ ସହ ସମ୍ପୂର୍ଣ୍ଣ ଏକତାରେ ରହିଛି ଏବଂ ସମ୍ବାଦ ଓ କୂଟନୀତି ମାଧ୍ୟମରେ ସମସ୍ତ ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନିଜର ସମର୍ଥନ ଦୋହରାଉଛୁ। ହର୍ମୁଜ ପ୍ରଣାଳୀ ମାର୍ଗରୁ ସୁରକ୍ଷିତ ଏବଂ ନିର୍ବିଘ୍ନ ଆଗମନ-ପ୍ରସ୍ଥାନ ନିଶ୍ଚିତ କରିବା ଆଞ୍ଚଳିକ ଶାନ୍ତି, ସ୍ଥିରତା ଏବଂ ବିଶ୍ୱ ଉର୍ଜା ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ।"

ଏହାପୂର୍ବରୁ ବିଦେଶ ମନ୍ତ୍ରଣାଳୟ ମଧ୍ୟ ଫୁଜୈରାହ ଉପରେ ହୋଇଥିବା ଆକ୍ରମଣରେ ତିନିଜଣ ଭାରତୀୟ ନାଗରିକ ଆହତ ହେବା ଘଟଣାକୁ ଅସ୍ୱୀକାରଯୋଗ୍ୟ ବୋଲି କହିଥିଲା। ଭାରତ ତୁରନ୍ତ ଶତ୍ରୁତା ବନ୍ଦ କରିବା ଏବଂ ଭିତ୍ତିଭୂମି ଓ ନିର୍ଦ୍ଦୋଷ ନାଗରିକଙ୍କୁ ଲକ୍ଷ୍ୟ କରିବାକୁ ରୋକିବାକୁ ଆହ୍ୱାନ କରିଛି।

ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ଏକ ଆଧିକାରିକ ବିବୃତି ଜାରି କରି କହିଥିଲେ ଯେ ଏହି ପରିସ୍ଥିତି ସମାଧାନ ପାଇଁ ଭାରତ ସମ୍ବାଦ ଏବଂ କୂଟନୀତିର ପକ୍ଷପାତୀ, ଯାହାଦ୍ୱାରା ପଶ୍ଚିମ ଏସିଆରେ ଶାନ୍ତି *(ପୃଷ୍ଠା ୭ରେ)*

ଭାରତୀୟ ଜାହାଜକୁ ସହାୟତାର ହାତ ବଢ଼ାଇଲା ପାକିସ୍ତାନ

ନୂଆଦିଲ୍ଲୀ,୫।୫

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆରବ ସାଗରରେ ଫସି ରହିଥିବା ଭାରତୀୟ ଜାହାଜକୁ ସହାୟତା କରିବାକୁ ଆଗେଇ ଆସିଲା ପାକିସ୍ତାନ। ୭ ଜଣଙ୍କ ଜୀବନ ବଞ୍ଚାଇଲା ନୌସେନା। ଓମାନରୁ ଭାରତ ଫେରୁଥିବା ଜାହାଜଟି ସମୁଦ୍ରରେ ବିପଦରେ ଥିବା ସୂଚନା ଦେଇଥିଲା, ଯାହା ପରେ ପାକିସ୍ତାନ କର୍ତ୍ତୃପକ୍ଷ ଏକ ମାନବିକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

ସୂତ୍ର ଅନୁଯାୟୀ, ମୁମ୍ବାଇ ସ୍ଥିତ ସାମୁଦ୍ରିକ ଉଦ୍ଧାର ଏବଂ ସମନ୍ୱୟ କେନ୍ଦ୍ର ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ସହାୟତା ପାଇଁ ଅନୁରୋଧ କରିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାରତୀୟ ଜାହାଜ, ଏମଭି ଗୌତମ, ଓମାନରୁ ଭାରତ ଅଭିମୁଖେ ଯାଉଥିବା ସମୟରେ ଏଥିରେ ଏକ ଗୁରୁତର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଜାହାଜରେ ଛଅ ଜଣ ଭାରତୀୟ ଏବଂ ଜଣେ ଇଣ୍ଡୋନେସିଆନ ନାଗରିକ ସମେତ ମୋଟ ସାତ ଜଣ କ୍ରୁ ସଦସ୍ୟ ଥିଲେ। ଏହି ଅପରେସନରେ ପାକିସ୍ତାନ ନୌସେନା ପାକିସ୍ତାନ ସାମୁଦ୍ରିକ ସୁରକ୍ଷା ଏଜେନ୍ସି ସହିତ ଘନିଷ୍ଠ ଭାବରେ କାର୍ଯ୍ୟ *(ପୃଷ୍ଠା ୭ରେ)*

ଏକାଳ ପଖାଳ

'ଇସ୍ତଫା ଦେବିନି, ହାରିନାହିଁ ମୁଁ'
ମନେମନେ ବଡ଼ ଯୋଦ୍ଧା
ମହା ମୁସ୍କିଲ୍ ପାଗଳାମୀ ଇଏ
ଲାଞ୍ଜ ନ ହୁଅଇ ସିଧା
ନା ବୁଦ୍ଧି ବିବେକ କି ମେଧା
ଜନାଦେଶ ଦିଦି ମୁଣ୍ଡ ଭିତରଟା
ପୂରାପୂରି ଖାଲି ପଦା!!

ଟ୍ୱିନ୍ ସିଟିରେ ଟ୍ରାଫିକ୍ ସମସ୍ୟା : ଖୁବ୍ ଶୀଘ୍ର ପ୍ରତିକାରାତ୍ମକ ବ୍ୟବସ୍ଥା

ଭୁବନେଶ୍ୱର,୫।୫
ନ୍ୟୁଜ୍‌ବ୍ୟୁରୋ

ଦ୍ୱୈତ-ନଗରୀ ଭୁବନେଶ୍ୱର ଏବଂ କଟକ ସହରାଞ୍ଚଳରେ ବିଭିନ୍ନ ଛକ ସ୍ଥାନମାନଙ୍କରେ ଦେଖା ଦେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ମଙ୍ଗଳବାର ଅପରାହ୍ନରେ ଯୋଜନା ଓ ସଂଯୋଜନ ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ସୂଚନା ଯୋଗ୍ୟ ଯେ, ଭୁବନେଶ୍ୱର-କଟକ ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନସାଧାରଣ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏହାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ପଦ୍ଧତିଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ, ଭୁବନେଶ୍ୱର-କଟକ ପୁଲିସ୍ କମିଶନର, ପରିଚାଳନା ନିର୍ଦ୍ଦେଶକ କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନସପୋର୍ଟ(କ୍ରୁଟ୍), ଭୁବନେଶ୍ୱର ମହାନଗର ନିଗମ କମିଶନର, ଉପାଧ୍ୟକ୍ଷ-ବିଡିଏ, ପରିଚାଳନା *(ପୃଷ୍ଠା ୭ରେ)*

ସମ୍ବଲପୁର ରେଳ ମଣ୍ଡଳରେ ଶାନ୍ତିପୂର୍ଣ୍ଣ ଧାରଣା : ଦାବି ପୂରଣ ନ ହେଲେ ଏକମାସ ପରେ ରେଳରୋକ

ବରଗଡ଼/ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ

ବରଗଡ଼ ଓ ବଲାଙ୍ଗୀରକୁ ରେଳ ବିଭାଗର କ୍ରମାଗତ ଅବହେଳା ତଥା ବିଭିନ୍ନ ଦାବିକୁ ନେଇ ଆଜି ଏପ୍ରିଲ ୨୯ ତାରିଖରେ ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ବରଗଡ଼ ଓ ବଲାଙ୍ଗୀର ଜିଲ୍ଲା ରେଳ ଉପଭୋକ୍ତା ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ନୀରବ ଧାରଣା ପ୍ରଦର୍ଶନ କରାଯାଇଥିଲା। ସଦସ୍ୟମାନେ ମୁହଁରେ କଳାମାସ୍କ ପିନ୍ଧି ବିଭିନ୍ନ ଦାବି ଲେଖା ଥିବା ପ୍ଲାକାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ପ୍ରଦର୍ଶନ କରିଥିଲେ। ପରେ ସମ୍ବଲପୁର ଉଜଗ ସୁବାସ ଚୌଧୁରୀ ସମସ୍ତ ସଦସ୍ୟଙ୍କୁ ତାଙ୍କ କେବିନ୍‌କୁ ଡାକି ଆଲୋଚନା କରିଥିଲେ। ସେଠାରେ ମୁଖ୍ୟତଃ ତିନୋଟି ଦାବି ଉପରେ ଆଲୋଚନା ହୋଇଥିଲା। ବଲାଙ୍ଗିର ଓ ବରଗଡ଼ରୁ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି, ଏହି ଲାଇନ୍ ଦେଇ ଦିଲ୍ଲୀ ଓ ପ୍ରୟାଗରାଜକୁ ଟ୍ରେନ ତଥା ବଲାଙ୍ଗିରରେ ପିଟ-ଲାଇନ୍ ନିର୍ମାଣ। ଉଜଗ ଶ୍ରୀ ଚୌଧୁରୀ ବିଭିନ୍ନ କାରଣ ଦେଖାଇ ଏହି ଦାବିଗୁଡ଼ିକୁ ଅଗ୍ରାହ୍ୟ କରିବାକୁ ଚେଷ୍ଟା କରୁଥିଲେ। କିନ୍ତୁ, ସଦସ୍ୟମାନେ ଏହି ଦାବିଗୁଡ଼ିକ ଲୋକଙ୍କ ପାଇଁ କେତେ ଆବଶ୍ୟକ ତାହା ବୁଝାଇବାକୁ ଚେଷ୍ଟା କରିଥିଲେ। ଶେଷରେ ସଦସ୍ୟମାନେ ତାଙ୍କର ଅସହଯୋଗ ମନୋବୃତ୍ତିକୁ ଲକ୍ଷ୍ୟ କରି ତାଙ୍କୁ ଚରମବାଣୀ ଶୁଣାଇ କହିଛନ୍ତି ଯେ, ଆଗାମୀ ଏକ ମାସ ମଧ୍ୟରେ ଯଦି ଆମର ଦାବି ପୂରଣ ନ ହୁଏ, ତେବେ ବରଗଡ଼ ଓ ବଲାଙ୍ଗୀରରେ ସମସ୍ତ ରାଜନୈତିକ ଦଳ, ଅନୁଷ୍ଠାନଗୁଡ଼ିକ ତଥା ବ୍ୟକ୍ତି ବିଶେଷଙ୍କ ସମର୍ଥନରେ ବିରାଟ ରେଳ-ରୋକୋ ଜନଆନ୍ଦୋଳନ ଆରମ୍ଭ କରାଯିବ। ଅଧିକାରୀମାନଙ୍କ ଏଭଳି ନକାରାତ୍ମକ ଚିନ୍ତାଧାରା ପାଇଁ ଆଜି ପର୍ଯ୍ୟନ୍ତ ବରଗଡ଼ ଓ ବଲାଙ୍ଗୀରର ରେଳ ଉପଭୋକ୍ତାମାନେ ନ୍ୟାଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ସମ୍ବଲପୁର-ଟିଟିଲାଗଡ ସେକ୍ସନକୁ ସର୍ବଦା ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଉଛି। ପ୍ରତ୍ୟହ, ଦେଶର ସବୁଆଡ଼େ ନୂତନ ଟ୍ରେନ ଚଳାଚଳ ସମ୍ପର୍କରେ ଖବର ସମ୍ବାଦପତ୍ରର ଶିରୋନାମା ମଣ୍ଡିତ ହେଉଥିବା ବେଳେ ଏ ଅଞ୍ଚଳର ସାମାନ୍ୟ କେତୋଟି ଦାବି ପାଇଁ ୧୫ ବର୍ଷ ହେଲା ଶାନ୍ତିପୂର୍ଣ୍ଣ ସଂଗ୍ରାମ ଚାଲିଆସିଛି। କିନ୍ତୁ, ଏଥର ମିଳିତ କ୍ରିୟାନୁଷ୍ଠାନ କମିଟି ଏହାକୁ ସ୍ୱାଭିମାନର ପ୍ରଶ୍ନ ବୋଲି ବିବେଚିତ କରି ଏବେ ଗାନ୍ଧିଜୀଙ୍କ ପଥ ଛାଡ଼ି ନେତାଜୀଙ୍କ ପଥରେ ଯିବା ପାଇଁ ନିଷ୍ପତ୍ତି ନେଇସାରିଛି। ଉଭୟ ଜିଲ୍ଲାର ଜନସାଧାରଣ ଏଥିପାଇଁ ଆବଶ୍ୟକ ପଡ଼ିଲେ ଆନ୍ଦୋଳନ ଦ୍ୱାରା ଏହାର ସମାଧାନ କରାଯିବ ଏବଂ ଏଥିପାଇଁ କୌଣସି କ୍ଷତି ହେଲେ ଡି.ଆର.ଏମ୍. ଶ୍ରୀ ଚୌଧୁରୀ ଦାୟି ହେବେ। ଏ ଅଞ୍ଚଳର ଜନସାଧାରଣ ଦାବି ପୂରଣ ନହେଲେ ରେଳରୋକୋ ପାଇଁ ଉତ୍ସାହିତ ଅଛନ୍ତି। ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବରଗଡ଼ ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଉପ-ସଭାପତି ପ୍ରିତମ ସିଂହ ଓ ନିର୍ମଳ କିଶୋର କର, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ ତଥା ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ କିଶୋର କୁମାର ରଥ, ଅଚ୍ୟୁତାନନ୍ଦ ବାରିକ, ଗୋବିନ୍ଦ ଦାଶ, ଅଭୟ କୁମାର ଭୋଇ, ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଲକି ମିରଓ୍ୱାନି, ହରଦୀପ ସିଂହ, ଉଦ୍ଧବ ଚରଣ ବେହେରା, ସି.ଏମ୍.ରାଓ, ବିଷ୍ଣୁ ଧାନୁକା, ଦୀପକ ରେଖାନୀ, ପ୍ରତାପ ନାୟକ ଓ ବିନୟ କୁମାର ଲାଠ ଯୋଗଦେଇଥିବା ବେଳେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସଭାପତି ତରୁଣ କୁମାର ମିଶ୍ର, ସମ୍ପାଦକ ବିମଳ ଚକ୍ରବର୍ତ୍ତୀ ତଥା ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଶେଷରେ ସଂପାଦକ କମଳ ଯୋଶୀ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ତୃତୀୟ ବର୍ଷର ପିଲାମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ଉପାଧି ବଣ୍ଟନ

ବ୍ୟାସନଗର, ନ୍ୟୁଜ ବ୍ୟୁରୋ

ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ବିଭାଗର ତୃତୀୟ ବର୍ଷର ପିଲାମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଏନ୍ ସିସି ପକ୍ଷରୁ ଏହି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ୧ ଓଡ଼ିଶା ବାଟାଲିୟନର ଏନ୍‌ସିସି ଅଫିସର କ୍ୟାପଟେନ୍ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ୭ ଓଡ଼ିଶା ବାଟାଲିୟନ ର ଏନ୍ ସି ସି ଅଫିସର ଲେଫ୍ଟନାଣ୍ଟ ଶଶିକାନ୍ତ ଲେଙ୍କା, ୧ ଓଡ଼ିଶା ବାଳିକା ବାଟାଲିୟନ ର ସିଟିଓ ଦୀପାଳି ପ୍ରିୟଦର୍ଶିନୀ ଓ ବିଦାୟୀ ସିଟିଓ ଲିପ୍ସା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ କ୍ୟାଡେଟ୍ ମାନଙ୍କୁ ଶୃଙ୍ଖଳିତ ହେବା ସହିତ ଦେଶମାତୃକାର ସେବା କରିବା ପାଇଁ ଉଦ୍ ବୋଧନ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ଶମର ଶିକ୍ଷାର୍ଥୀ ବାହିନୀ ଏ ଦେଶର ସବୁଠାରୁ ବଡ ଯୁବ ସଙ୍ଗଠନ ଏବଂ ଦେଶକୁ ନିର୍ମାଣ କରିବାରେ ଏହାର ବଳିଷ୍ଠ ଯୋଗଦାନ ରହିଛି ବୋଲି କହିଥିଲେ। ଏହି ଅବସରରେ ତୃତୀୟ ବର୍ଷର କ୍ୟାଡେଟ୍ ମାନଙ୍କ ସହିତ, ସଟିଓ ସୁଶ୍ରୀ ନାଏକଙ୍କୁ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସ୍ୱାଇଁଙ୍କୁ ଏନ୍‌ସିସି ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ୟାପଟେନ୍ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପ ଗୁଚ୍ଛ ଓ ଜଗନ୍ନାଥଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ୩ଟି ବାଟାଲିୟନର ପ୍ରଥମ ଓ ଦ୍ୱିତୀୟ ବର୍ଷର କ୍ୟାଡେଟ୍ ମାନଙ୍କ ମଧ୍ୟରେ ଉପାଧି ପ୍ରଦାନ କରାଯାଇଥିଲା। ୧ ଓଡ଼ିଶା ବାଟାଲିୟନର ଆଲୋକ କୁମାର ସାହୁ ସିନିୟର୍ ଅଣ୍ଡର ଅଫିସର , ସୋନାଲି ପ୍ରିୟଦର୍ଶିନୀ ଜେନା ଜୁନିୟର ଅଣ୍ଡର ଅଫିସର, ଇନ୍ଦ୍ର ପ୍ରଧାନ ଓ ସୁରଜ୍ ମହାପାତ୍ର ସର୍ଜାଣ୍ଟ ଉପାଧି ଲାଭ କରିଥିଲେ। ୭ ଓଡ଼ିଶା ବାଟାଲିୟନର ସରୋଜିନୀ ମଲ୍ଲିକ ଏସ୍ ୟୁଓ, ଅନୁପମା ବାରିକ୍ ଜେୟୁଓ, ବିଶ୍ୱରଞ୍ଜନ ଦଳାଇ ସର୍ଜାଣ୍ଟ ଉପାଧି ଲାଭ କରିଥିଲେ। ୧ ଓଡ଼ିଶା ବାଳିକା ବାଟାଲିୟନର ସୁଚରିତା ବାରିକ୍ ଏସ୍‌ୟୁଓ ଏବଂ ଲିପ୍ସା ପ୍ରିୟଦର୍ଶିନୀ ପାତ୍ର ଜେୟୁଓ ଉପାଧି ଲାଭ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ମହାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଭଡ଼ା ଘରୁ ଅଧ୍ୟାପିକାଙ୍କ ମୃତଦେହ ଉଦ୍ଧାର : ଆତ୍ମହତ୍ୟାର କାରଣ ଅସ୍ପଷ୍ଟ

କନ୍ଧମାଳ, ନ୍ୟୁଜ ବ୍ୟୁରୋ

ଫୁଲବାଣୀ ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ତେଜସ୍ୱୀନୀ ପାଢ଼ୀ (୨୮) ଙ୍କ ମୃତଦେହ ଫୁଲବାଣୀରେ ତାଙ୍କ ଭଡ଼ା ଘରୁ ଉଦ୍ଧାର କରିଛି ଟାଉନ ଥାନା ପୁଲିସ। ତେଜସ୍ୱୀନୀ କାହିଁକି କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କ ଘର ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଶ୍ରୀରାମ ନଗରରେ ବୋଲି ଜଣାପଡିଛି। ଖବର ପାଇ ତାଙ୍କର ମା, ଭାଇ ଓ ପରିବାର ଲୋକେ ଫୁଲବାଣୀ ପହଂଚିଛନ୍ତି। ଅଧ୍ୟାପିକା ଝିଅର ଅକାଳ ମୃତ୍ୟୁରେ ମା କାନ୍ଦି କାନ୍ଦି ବେହୋସ୍ ହୋଇ ପଡୁଛନ୍ତି। ଅତିଥି ଅଧ୍ୟାପିକା ତେଜସ୍ୱୀନୀ ଫୁଲବାଣୀ ସହରରେ ମାଦିକୁନ୍ଦା ଛକଠାରେ ଏକ ଘରଭଡ଼ା ନେଇ ଏକାକୀ ରହୁଥିଲେ। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୌଣସି ଚାପର ବଶବର୍ତ୍ତି ହୋଇ ହୁଏତ ଏହି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଧ୍ୟାପିକା ଝିଅର ଅକାଳ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ମା। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ରମ୍ଭା ଏନଏସିରେ ଚନ୍ଦନ ଯାତ୍ରା ପାଇଁ ପ୍ରଶାସନ ସ୍ତରୀୟ ସମୀକ୍ଷା

ରମ୍ଭା,ନ୍ୟୁଜ ବ୍ୟୁରୋ

ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହ ପରିସରରେ ପ୍ରଶାସନିକ ସ୍ତରୀୟ ଏକ ବୈଠକ ଚନ୍ଦନ ଯାତ୍ରାର ପରିଚାଳନା କମିଟି ଓ ଗ୍ରାମବାସୀ ବୃନ୍ଦଙ୍କ ପକ୍ଷରୁ ସାତ ଦିନ ମଦନ ମୋହନ ଶ୍ରୀ ଜୀଉଙ୍କ ଯାତ୍ରା ଉଦେଶ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଏନ.ଏ.ସି ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରସିଦ୍ଧ ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ ଓ ସମୀକ୍ଷା ଉଭୟ ବାଡ଼ ତଥା ପ୍ରଶାସନିକ ସ୍ତରୀୟ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାର ଆନୁସଙ୍ଗିକ ସମସ୍ୟା, ଶାନ୍ତି ଶୃଙ୍ଖଳା, ଠାକୁରଙ୍କ ପହଣ୍ଡି ଓ ଚାପ ଖେଳ ସମୟରେ ବିଶୃଙ୍ଖଳାକୁ ଏଡାଇବାପାଇଁ ଏକ ଆଲୋଚନା ହୋଇଥିଲା। ତତ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜର କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ସହ ନିଜ କାର୍ଯ୍ୟକ୍ରମ ରେ ଅବହେଳା ପ୍ରଦର୍ଶନ ନ କରିବାପାଇଁ ଆଲୋଚନା ହୋଇଥିଲା। ଏଥିରେ କରଣ ବାଡ଼ ଅଧିକାରୀ ଜଗନ୍ନାଥ ଦାଶ ଓ ଓଡ଼ିଆ ବାଡ଼ ଅଧିକାରୀ ନାରାୟଣ ଦାଶ, ଉପାଧ୍ୟକ୍ଷ କାଳିଆ ତରାଇ, ରମ୍ଭା ଥାନା ଆଇ ଆଇ ସି କୁମର ମୁଦୁଲି, ଡ଼. ମୀରାବାଇ ପଣ୍ଡା, ରମ୍ଭା ଏନ ଏସିର ଡ଼. ସରୋଜ ଦାଶ, ଜେ ଇ ମାନସ ରଞ୍ଜନ ପଣ୍ଡା, ସର୍ବନାମ ଦାଶ, ମନୋଜ କୁମାର ସେନାପତି, କେ. ପ୍ରଭାତୀ, ଅବକାରୀ ବିଭାଗ , ଅଗ୍ନିଶମ ବିଭାଗ ରବୀନ୍ଦ୍ର ନାୟକ, ସିମାଞ୍ଚଳ ବାଡ଼ତ୍ୟା, କାହ୍ନା ସ୍ୱାଇଁ,ବାବୁଲା ସେଠୀ, ଡଲି ଦାସ, ବିଦ୍ୟୁତ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ, କାଉନସିଲର, ଗଣମାଧ୍ୟମ ପ୍ରତିନିଧି, ରାସ୍ତା ଓ କୋଠାବାଡି ବିଭାଗର କିରାଣୀ ପଞ୍ଚାନନ ଖଟୁଆ, ବନବାସୀ ନାହାକ, ଉମେଶ ମହାନ୍ତି, ଯୋଗୀନ୍ଦ୍ର ସ୍ୱାଇଁ, ମୁନା ସ୍ୱାଇଁ, ଆନନ୍ଦ ସୁବୁଦ୍ଧି, ପି.ଏଚ.ଡ଼ି ମନୋଜ ଗୌଡ଼, ନିରଞ୍ଜନ ନାୟକ ସମେତ ବହୁ ବରିଷ୍ଠ, ଅଫିସର ଓ ପ୍ରଶାସନିକ ସ୍ତରରେ ଅନେକ ସାମିଲ ହୋଇଥିଲେ।

ଶିକାରୀ ଗୁଳିରେ ଶିକାର ହେଲେ ସାଥୀ ଶିକାରୀ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

କନ୍ଧମାଳ, ନ୍ୟୁଜ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ବନ ବିଭାଗ ଦ୍ୱାରା ଜଙ୍ଗଲକୁ ସୁରକ୍ଷା ଦେବା ଏବଂ ଜଙ୍ଗଲି ଜୀବଜନ୍ତୁଙ୍କୁ ଶିକାର ନକରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରୁଥିବା ବେଳେ ଏସବୁକୁ ବେଖାତିରି କରି ଅବାଧରେ ଶିକାରୀମାନେ ଜଙ୍ଗଲୀ ପ୍ରାଣୀଙ୍କୁ ଶିକାର କରିବାରେ ଲାଗିଛନ୍ତି। ତେବେ ସୂଚନା ଅନୁଯାୟୀ, ଗତ ରାତ୍ରିରେ ବେଲଘର ଥାନା ଅନ୍ତର୍ଗତ ସାପେରି ଗ୍ରାମର କାମଦେବ ମାଝୀ, ମଦନ ମାଝୀ, ଲିଟୁ ମାଝୀ ଶିକାରୀ ବାହାରିଥିଲେ ବେଲଘର ବନାଞ୍ଚଳର କଡ଼ପନା ଜଙ୍ଗଲକୁ ଜଙ୍ଗଲି ଯନ୍ତୁ ଶିକାର ପାଇଁ। କିଛି ଗୋଟେ ଜଙ୍ଗଲୀ ଯନ୍ତୁଙ୍କୁ ଶିକାର କରିବା ସମୟରେ ସାଥୀ ଶିକାରୀ କାମଦେବ ମାଝୀଙ୍କ ଡାହାଣ ପିଠିରେ ସିଧା ଯାଇ ବାଜିଥିଲା ସାଥୀ ଶିକାରୀଙ୍କ ଗୁଳି। ଗୁଳି ବାଜିବା ମାତ୍ରେ ଘଟଣାସ୍ଥଳରେ ହିଁ ଚାଲିଯାଇଥିଲା କାମଦେବଙ୍କ ଜୀବନ। ଗୁଳି ବାଜିବା ମାତ୍ରେ ସାଥୀ ଶିକାରୀ ମାନେ ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଯାଇ ପହଞ୍ଚିଥିଲେ ଘଟଣାସ୍ଥଳରେ। କାମଦେବଙ୍କ ମରଶରୀର ଦେଖି ଗ୍ରାମବାସୀ ଖବର ଦେଇଥିଲେ ବେଲଘର ଥାନାକୁ। ଖବରପାଇ ବେଲଘର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାକୁ ନେଇ କାମଦେବଙ୍କ ସ୍ତ୍ରୀ ମୋର ସ୍ୱାମୀଙ୍କୁ ଘରୁ ଡ଼ାକିନେଇ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ବେଲଘର ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାମଦେବଙ୍କ ସହ ଯାଇଥିବା ଦୁଇ ସାଥୀ ଶିକାରୀ ଲୁଟୁ ମାଝୀ ଓ ମଧୁ ମାଝୀ ସାପେରି ଗ୍ରାମକୁ ପୋଲିସ ଖୋଜିଲା ବେଳେ ଦୁଇ ଜଣ ଫେରାର ଥିବା ବେଲଘର ପୋଲିସ କହିଛି। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଥିବା ଏବଂ ଅଭିଯୁକ୍ତଙ୍କୁ ଗିରଫ ପରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏଥି ସହିତ ବିସ୍ତୃତ ତଥ୍ୟ ପ୍ରଦାନ କଲେ ତଦନ୍ତରେ ବାଧା ସୃଷ୍ଟି ହେବ ବୋଲି କହିଛନ୍ତି।

ଜୟପାଟଣା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବିପିସିଙ୍କ ମୃତ୍ୟୁ

ମୁଖୀଗୁଡା, ନ୍ୟୁଜ ବ୍ୟୁରୋ

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ଗ୍ରାମୀଣ ଗୃହ ଯୋଜନାରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ସଂଯୋଜକ (ବିପିସି) ଚନ୍ଦନ ସାହୁ (୩୪)ଙ୍କ ମୃତ୍ୟୁ ଘଟିଛି। ସେ ଗତ ଗୁରୁବାର ଦିନ ବ୍ଲକ କାର୍ଯ୍ୟାଳୟରୁ କାମ ସାରି ପ୍ରାୟ ସାଢ଼େ ଗୋଟାଏ ପରେ ନିଜ ଗାଁ କୋକସରା ବ୍ଲକ ଅନ୍ତର୍ଗତ ଚିକିଲିକୁ ଫେରିଥିଲେ। ଘରକୁ ପହଞ୍ଚି ଅସୁସ୍ଥ ଲାଗିବାରୁ ବିଶ୍ରାମ ନେଇଥିଲେ ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥ ହେବାପରେ ନିଜ ଗାଁ ଚିକିଲିକୁ ଫେରିଥିଲେ। ପୁଣି ସନ୍ଧ୍ୟାରେ ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜୁନାଗଡର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ହେଲେ ଚିକିତ୍ସାଧିନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଜୟପାଟଣା ବ୍ଲକର ଅଧିକାରୀ, ସହକର୍ମଚାରି ଓ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ଅଂଶୁଘାତରେ ଚନ୍ଦନଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଏନସିସି କ୍ୟାମ୍ପ ମନା : ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ

ନୂଆପଡ଼ା, ନ୍ୟୁଜ ବ୍ୟୁରୋ

ଚତୁର୍ଥ ଓଡ଼ିଶା ନାଭାଲ ୟୁନିଟ୍ ଭବାନୀପାଟଣା ପକ୍ଷରୁ ଆୟୋଜିତ ହେବାକୁ ଥିବା ପ୍ରଥମ ଏଟିସି କ୍ୟାମ୍ପକୁ ନେଇ ବିବାଦ ଦେଖାଦେଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହି କ୍ୟାମ୍ପରେ ସାମିଲ ନହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କ୍ୟାମ୍ପରୁ ବଂଚିତ ହେବେ ଶହ ଶହ ଛାତ୍ରଛାତ୍ରୀ। ସୂଚନା ଅନୁଯାୟୀ, ଆସନ୍ତା ମେ ୪ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ଏଥିରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଭୁବନେଶ୍ୱରସ୍ଥିତ ଏନସିସି ନିର୍ଦ୍ଦେଶାଳୟର ଜଣେ ଅଣ-ଓଡ଼ିଆ ଅଧିକାରୀଙ୍କ ଅତର୍କିତ ଆଦେଶ ଯୋଗୁଁ ଆଦର୍ଶ ବିଦ୍ୟାଳୟର ପିଲାମାନେ ଏହି କ୍ୟାମ୍ପରେ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନସିସି ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୫୩୦୦ ଟଙ୍କା ପ୍ରଦାନ କରାଯାଇଛି। ଏତେ ସୁବିଧା ଥାଇ ମଧ କ୍ୟାମ୍ପରେ ଅଂଶଗ୍ରହଣ କରିବାକୁ ସୁଯୋଗ ନମିଳିବାରୁ ଛାତ୍ରଛାତ୍ରୀମାନେ ନିରାଶ ହୋଇଛନ୍ତି। ସବୁଠାରୁ ଚିନ୍ତାର ବିଷୟ ଯେ, ଏହି କ୍ୟାମ୍ପରେ ଅଂଶଗ୍ରହଣ ନକଲେ ଛାତ୍ରଛାତ୍ରୀମାନେ ଏନସିସି 'ଏ' ସାର୍ଟିଫିକେଟ୍ ପରୀକ୍ଷା ଦେବାରୁ ବଂଚିତ ହେବେ, ଯାହା ସେମାନଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ପ୍ରଭାବ ପକାଇବ। ଅଭିଭାବକଙ୍କ ଅଭିଯୋଗ ମୁତାବକ ଏଭଳି ଏକତରଫା ନିଷ୍ପତି କାରଣରୁ ମେଧାବୀ ଛାତ୍ରଛାତ୍ରୀମାନେ ଅଯଥାରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ମାମଲାରେ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

ଜବାହାର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ଜବାହାର ନବୋଦୟ ବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷା ମମତାମୟୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ଶଶୀକାନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତାଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ଓ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ଓ ସଫଳତାର ବିଷୟ ପାଠ କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ହୋଇ ଚମ୍ପିଆନ୍ ହୋଇଥିବାରୁ ଉଦୟଗିରି ସଦନର ପ୍ରଭାରୀ ଗୌରୀଶଙ୍କର ସାହୁ, ସୁବାସ ଚନ୍ଦ୍ର ସୁତାର, ସୌମ୍ୟ ସୁଚରିତା ସାହୁ, ଆରତି ମିଶ୍ର, ସଦନର ପରିଚାଳକ ମାନଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭଦ୍ରକ, ନ୍ୟୁଜ ବ୍ୟୁରୋ

ଭଦ୍ରକ ଜିଲ୍ଲାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ଉଗ୍ରସେନ ବେହେରା (୫୨)ଙ୍କର ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳାଙ୍ଗ ଗ୍ରାମର ବାସିନ୍ଦା ଏବଂ ରତ୍ନାକର ବେହେରାଙ୍କ ବଡ ପୁଅ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଅପ୍ରେଲ ୧୮ ତାରିଖ ରାତି ପ୍ରାୟ ୮ଟା ସମୟରେ ଉଗ୍ରସେନ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ତଳାଙ୍ଗ ଝଟିଆ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ଉଗ୍ରସେନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଆଘାତ ଲାଗିଥିବାରୁ ଡାକ୍ତରମାନେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ସ୍ଥିତିର ଅବନତି ହେବାରୁ ପରିବାର ଲୋକେ ଭୁବନେଶ୍ୱରର ସମ୍ ହସ୍ପିଟାଲକୁ ନେଇଯାଇଥିଲେ। ହେଲେ ଦୀର୍ଘ ଦିନର ଚିକିତ୍ସା ସତ୍ତ୍ୱେ ଲକ୍ଷାଧିକ ଟଙ୍କା ବ୍ୟୟ ହେବା ପରେ ବି ସେ ଚେତା ଫେରି ପାଇନଥିଲେ। ଶେଷରେ ତାଙ୍କର ଦେହାନ୍ତ ଘଟିଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଅଜଣା ଗାଡ଼ି ଚାଳକଙ୍କୁ ଶୀଘ୍ର ଗିରଫ କରିବା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଝାରସୁଗୁଡାରେ ୩୮୩ ଶ୍ରମିକଙ୍କୁ ୨.୧୪ କୋଟି ଟଙ୍କା ସହାୟତା ବଣ୍ଟନ

ଝାରସୁଗୁଡା, ନ୍ୟୁଜ ବ୍ୟୁରୋ

ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଝାରସୁଗୁଡା ଜିଲ୍ଲାସ୍ତରୀୟ ମଇ ଦିବସ ପାଳନ ସମାରୋହ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡା ବିଧାୟକ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ମଙ୍ଗଳ ସାହୁ, ବରଗଡ଼ ସାଂସଦଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ସୁନିତା ଲାକ୍ରା ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ସଭା ପରିଚାଳନା କରି ମଇ ଦିବସର ଇତିହାସ ସହିତ ଶ୍ରମିକମାନଙ୍କ ପାଇଁ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଲଖନପୁର ଶ୍ରମ ଅଧିକାରୀ ତରୁଣ କୁମାର ମହାନ୍ତି ନୂଆ ଶ୍ରମିକ କୋଡ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସରକାରୀ ସୁବିଧା ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ଶ୍ରମ ବିଭାଗର ଯୋଜନାମାନଙ୍କୁ ଗ୍ରାମ ଓ ସହର ମାଧ୍ୟମରେ ପ୍ରତ୍ୟେକ ଶ୍ରମିକଙ୍କ ପାଖକୁ ପହଂଚାଇବା ପାଇଁ କ୍ୟାମ୍ପ ଆୟୋଜନର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସେଥିପାଇଁ ସଚେତନତା ସୃଷ୍ଟି ଓ ପଞ୍ଜିକରଣ କାର୍ଯ୍ୟକୁ ଗତିଶୀଳ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟ ଅତିଥିମାନେ ମଧ ଶ୍ରମିକମାନଙ୍କ ଅଧିକାର ସୁରକ୍ଷା, ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କତା ଓ ସରକାରୀ ଯୋଜନାର ସଦବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ୩୮୩ ଜଣ ଶ୍ରମିକଙ୍କୁ ସର୍ବମୋଟ୍ ୨,୧୪,୫୧,୮୦୦ ଟଙ୍କା ସହାୟତା ରାଶି ବଂଟନ କରାଯାଇଥିଲା। ଏଥିରେ ମୃତ୍ୟୁ ସହାୟତା, ଅନ୍ତେଷ୍ଟି କ୍ରିୟା, ବିବାହ ସହାୟତା, ପ୍ରସବ ସହାୟତା ଓ ଶିକ୍ଷା ସହାୟତା ଅନ୍ତର୍ଭୁକ୍ତ ଅଛି। ଏହା ସହିତ ୫ ଜଣ ଅସଂଗଠିତ ଶ୍ରମିକଙ୍କୁ ୮ ଲକ୍ଷ ଟଙ୍କା ସହାୟତା ଦିଆଯାଇଥିଲା ଓ ୨୧ଟି ନୂଆ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା। ସମାରୋହରେ ଜିଲ୍ଲାର ବହୁ ଶ୍ରମିକ, ଶ୍ରମ ବିଭାଗର କର୍ମଚାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

କ୍ରିଷ୍ଣା ବିକାଶର ପ୍ରତିଷ୍ଠା ଦିବସରେ ୯୧ ୟୁନିଟ ରକ୍ତ ସଂଗୃହୀତ

ବରଗଡ଼, ନ୍ୟୁଜ ବ୍ୟୁରୋ

ବରାହଗୋଡା ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ଟିମ କ୍ରିଷ୍ଣା ବିକାଶ ଓ ନିଷ୍ଠା ପରିବାରର ମିଳିତ ଆନୁକୁଲ୍ୟରେ ବିକାଶ ହସ୍ପିଟାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ତାଙ୍କ ଧର୍ମ ପତ୍ନୀ ଦଶାରି ରାମ ତୁଳସୀ, ପୁଅ ବିବେକ ଦଶାରୀ, ଲୋକେଶ ଦଶାରି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବାରୁ ଏହି ରକ୍ତ ଅନେକ ଅସହାୟ ରୋଗୀଙ୍କୁ ସହାୟକ ହେବ ବୋଲି ଡି ମୁରଲୀ କ୍ରିଷ୍ଣା କହିଥିଲେ। ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୬୦ୟୁନିଟ ରକ୍ତ ଓ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୩୧ୟୁନିଟ ସର୍ବମୋଟ ୯୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନିଜ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ରକ୍ତ ଦାନ ଶିବିର ଆୟୋଜନ କରିଥିବାରୁ ଡି ମୁରଲୀ କ୍ରିଷ୍ଣାଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଏହି ଶିବିରକୁ ଡାକ୍ତର ସିଏଚ ରବି କୁମାର ସିଇଓ ବିକାଶ ହସ୍ପିଟାଲ, ଟିମ କ୍ରିଷ୍ଣା ବିକାଶ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ। ପରିଶେଶରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଟିମ କ୍ରିଷ୍ଣା ବିକାଶକୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ କୃତଜ୍ଞତା।

ବୃଦ୍ଧଙ୍କୁ ଗଳାକାଟି ହତ୍ୟା ଘଟଣା : ଅଭିଯୁକ୍ତ ଗିରଫ

ଜୟପୁର, ନ୍ୟୁଜ ବ୍ୟୁରୋ

ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ କୁମୁଲିପୁଟ ଗ୍ରାମରେ ବୃଦ୍ଧଙ୍କୁ ଗଳାକାଟି ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା କୁମୁଲିପୁଟ ଗ୍ରାମର ଟୁନା ପରଜା (୨୫)। ଗିରଫ ଅଭିଯୁକ୍ତ ଠାରୁ ଛୁରି ଜବତ ହୋଇଛି। ଏନେଇ ଜୟପୁର ସଦର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏସଡିପିଓ ଅର୍ଚ୍ଚିତା ମିତଲ ଉପସ୍ଥିତ ରହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରି ରାମସାଦ କେବି, ଇନସପେକ୍ଟର ସଚିନ୍ଦ୍ର ପ୍ରଧାନ, ମାମଲାର ତଦନ୍ତ ଅଧିକାରି ଏସଆଇ ପ୍ରମୋଦ ପାଣି ଉପସ୍ଥିତ ଥିଲେ। ସୂଚନା ଅନୁଯାଇ, ଜୟପୁ ର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ କୁମୁଲିପୁଟ ଗାଁ ନାଳ ଭିତରେ ରଘୁନାଥ ଗୌଡ (୬୦)ଙ୍କ ମୃତଦେହ ପଡିଥିଲା। ଯାହାକି ବେକରେ କ୍ଷତବିକ୍ଷତ ଚିହ୍ନ ରହିଛି। ଏହାକୁ ନେଇ ରଘୁନାଥଙ୍କ ପୁଅ ଭଗବାନ ଗୌଡ ଜୟପୁର ସଦର ଥାନାରେ ଗତ ୨୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ରଘୁନାଥ ପ୍ରତ୍ୟେକ ଦିନ ସଂଧ୍ୟାରେ କୁମୁଲିପୁଟରୁ ଫାମ୍ପୁଣି ଚା ପିଇବାକୁ ଯାଆନ୍ତି। ଗତ ୨୭ ତାରିଖରେ ମଧ ରଘୁନାଥ ଗ୍ରାମରେ ଥିବା ଚା ଦୋକାନକୁ ଚା ପିଇବାକୁ ଯାଇ ଆଉ ଫେରିନଥିଲେ। ଫେରିବା ବିଳମ୍ବ ହେବାରୁ ପୁଅ ଭଗବାନ ସେଠାକୁ ଯାଇ ଏପରି ଅଭାବନିୟ ଘଟଣା ଦେଖିଥିଲେ। ମୃତ ରଘୁନାଥଙ୍କ ଉପରେ ସାଇକେଲ ପଡିଥିଲା। ଡାହାଣପଟ ବେକ କଟି ହତ୍ୟା କରାଯାଇଛି। ସେ ଜାଣି ସନ୍ଦେହରେ ଜୟପୁର ସଦର ଥାନାରେ କେତେକ ଗ୍ରାମବାସୀଙ୍କ ନାମ ଉଲ୍ଲେଖ କରି ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ଜୟପୁର ସଦର ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସାଇଂଟିଫିକ ଟିମ୍ ଘଟଣାସ୍ଥଳର ତଦନ୍ତ ଆରମ୍ଭ କରିଥିଲା ମୃତ ବୃଦ୍ଧର ଶବକୁ ଜବତ କରି ବ୍ୟବଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ତଦନ୍ତ କରି ଉକ୍ତ ଗ୍ରାମର ଟୁନା ପରଜାକୁ ଗିରଫ କରିଥିଲା। ପ୍ରଥମେ ଅଭିଯୁକ୍ତ ପଥର ଦ୍ୱାରା ଆକ୍ରମଣ କରି ନାଳରେ ପକାଇଥିଲା। ପରେ ନିଜ ପାଖରେ ରଖିଥିବା ଛୁରି ଦ୍ୱାରା ବେକକୁ ଆକ୍ରମଣ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟଣା ଘଟାଇଥିବା ପୋଲିସ ଆଗରେ ବୟାନ ଦେଇଥିଲା ଅଭିଯୁକ୍ତ। ହତ୍ୟା ସମୟରେ ପିନ୍ଧିଥିବା ସାର୍ଟକୁ ନିଆଁ ଲଗାଇ ଦେଇଥିଲା। ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ମଇ ୨୦୨୬ ବୁଧବାର

ପହଞ୍ଚିଲା ଓଡ଼ିଆ ମାଧ୍ୟମ ଯୁକ୍ତ ଦୁଇ ବହି

ଗଞ୍ଜାମ ଜିଲ୍ଲାରେ ଗଠନ ହେବ ଭାଷା ଡେସ୍କ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସହଜ ହେବ ଉଚ୍ଚ ମାଧ୍ୟମିକ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢ଼ା । ଛାତ୍ରଛାତ୍ରୀ ଚାହିଁଲେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଭଳି କଠିନ ବିଷୟକୁ ଓଡ଼ିଆରେ ପଢ଼ିପାରିବେ । ସେଥିପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଉଚ୍ଚ ମାଧ୍ୟମିକ ଶ୍ରେଣୀ ବିଜ୍ଞାନ ସ୍ରୋତର ୪ଟି ବିଷୟ ଯଥା ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ବହି ଗଞ୍ଜାମ ଜିଲ୍ଲାରେ ବିତରଣ କରାଯାଇଛି । ରାଜ୍ୟ ସରକାରଙ୍କ ଠାରୁ ଗଞ୍ଜାମ ଜିଲ୍ଲାର ୫୩ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ଶ୍ରେଣୀ ପାଇଁ ଆସିଥିବା ବହି ବିତରଣ କରାଯାଇଥିବା କହିଛନ୍ତି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଭାତୀ ମହାପାତ୍ର । ବିତରଣ କରାଯାଇଥିବା ବହିଗୁଡ଼ିକ ସିଧାସଳଖ ଛାତ୍ରଛାତ୍ରୀଙ୍କୁ ଦିଆନଯାଇ କଲେଜ ଲାଇବ୍ରେରୀରେ ରହିବ । ଛାତ୍ରଛାତ୍ରୀ ଏହାର ବ୍ୟବହାର କରିବେ ବୋଲି ସେ କହିଛନ୍ତି । ପୁସ୍ତକ ବଣ୍ଟନ ସହ ଜିଲ୍ଲା ଶିକ୍ଷା ବିଭାଗ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଶିକ୍ଷକ ମାନଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ତଥା ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭାଷା ଡେସ୍କ ସ୍ଥାପନ ହେବ । ଓଡ଼ିଆରେ ବିଜ୍ଞାନ ଶିକ୍ଷାର କାର୍ଯ୍ୟ ସମୀକ୍ଷା ହେବ । ଜିଲ୍ଲା ଶିକ୍ଷାଧିକାରୀ ଭାଷା ଡେସ୍କର ଅଧ୍ୟକ୍ଷ ରହିବେ ଏବଂ ସଦସ୍ୟ ରହିବେ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରକଳ୍ପ ଅଧିକାରୀ । ଆଇଓଏସ୍ଆର୍ ପକ୍ଷରୁ ପ୍ରତ୍ୟେକ ବିଜ୍ଞାନ ଶିକ୍ଷକଙ୍କୁ ଡ଼ିଇଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ । ବିଜ୍ଞାନ ଶିକ୍ଷାର ପ୍ରଚାର ନିମନ୍ତେ ପୁସ୍ତକର ଗୁଣାତ୍ମକ ମୂଲ୍ୟାୟନ ଓ ବିଷୟଭିତ୍ତିକ ବୌଦ୍ଧିକ ପ୍ରତିଯୋଗିତା ହେବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି । ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ଚଳିତ ଶିକ୍ଷା ବର୍ଷରେ ଯୁକ୍ତ ଦୁଇ ଶ୍ରେଣୀ ବିଦ୍ୟାର୍ଥୀଙ୍କ ନିମନ୍ତେ ଆଇଓଏସ୍ଆର୍ ଦ୍ୱାରା ଓଡ଼ିଆ ଭାଷାରେ ଲିଖିତ ବିଜ୍ଞାନ ବହି ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପାଠାଗାରକୁ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପାଠାଗାରକୁ ୧୦ ସେଟ୍ ଲେଖାଏଁ ପୁସ୍ତକ ପ୍ରଦାନ ନିଷ୍ପତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୪ ସେଟ୍ ବହି ଜିଲ୍ଲାର ୫୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଦିଆଯାଇଛି । ବିଜ୍ଞାନ ଶିକ୍ଷାରେ ରହିଥିବା ଅସମାନତା ହ୍ରାସ, ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପଢ଼ିବା ପାଇଁ ପ୍ରୋତ୍ସାହନ ଦେବା ସହ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଖାଲି ପଡ଼ିଥିବା ୪୦ ପ୍ରତିଶତ ସିଟ୍ ପୂରଣ ଏବଂ ଉଚ୍ଚ ମାଧ୍ୟମିକ ବିଜ୍ଞାନ ଶିକ୍ଷାର ଖରାପ ଫଳାଫଳକୁ କମାଇବା ଏହାର ଅନ୍ୟତମ ଲକ୍ଷ୍ୟ । ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରି ଏନ୍ଇଇଟି, ଜେଇଇ ପରୀକ୍ଷାରେ ଅଧିକ ସଫଳତା ଆଣିବା ସରକାରଙ୍କ ଉଦ୍ଦେଶ୍ୟ ବୋଲି କୁହାଯାଇଛି ।

ଧାମନଗରରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଧାମନଗରରେ ଏକ ନିଆରା ରୂପରେ ନଜର ଆସିଛନ୍ତି । ଜଣେ ଜନପ୍ରତିନିଧି ନୁହେଁ, ବରଂ ଜଣେ ସାଧାରଣ ନାଗରିକ ଭାବେ ସକାଳୁ ସକାଳୁ ଧାମନଗର ଏନ୍ଏସି ଅଞ୍ଚଳରେ ପ୍ରାତଃ ଭ୍ରମଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ନେଇ ସମୀକ୍ଷା କରିଛନ୍ତି । ବିକାଶମୂଳକ କାର୍ଯ୍ୟର ମାନ ଏବଂ ସମୟସୀମାକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ନୂଆ ସରକାର ଗଠନ ପରେ ଧାମନଗରରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ପରଖିବା ପାଇଁ ମନ୍ତ୍ରୀ ପ୍ରଥମେ ନିର୍ମାଣାଧୀନ ଗୋଶାଳା ପରିଦର୍ଶନ

କରିଥିଲେ । ଗୋ-ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ, ସେ ନେଇ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ସେ ପ୍ରାୟ ୯.୫୦ କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ଐତିହାସିକ ଜଗୁ ସାଗର ପୋଖରୀ ନିକଟରେ ପହଞ୍ଚିଥିଲେ । ବର୍ତ୍ତମାନ ଏଠାରେ ମାଟି ଖନନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି । ଆଗକୁ ବର୍ଷା ଋତୁ ଆସୁଥିବାରୁ, ବର୍ଷା ପୂର୍ବରୁ ପୋଖରୀର ସମସ୍ତ ମୁଖ୍ୟ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଧାମନଗରର ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ପ୍ରସ୍ତାବିତ ଦୈନିକ ମାର୍କେଟ୍ କୋଠା ନିର୍ମାଣ ଓ ବ୍ଲକ ଛକରେ ଚାଲିଥିବା ମାଛ ମାର୍କେଟ୍‌ର ସ୍ଥାୟୀ ସମାଧାନ ପାଇଁ ସରକାରୀ ଯୋଜନାର ସେ ସମୀକ୍ଷା କରିଥିଲେ । ମାଛ ମାର୍କେଟ୍ ପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଅନୁମତି ମିଳିସାରିଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି । ଶିକ୍ଷା କ୍ଷେତ୍ରରେ ଧାମନଗରକୁ ଆଗୁଆ କରିବା ଲକ୍ଷ୍ୟରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଦର୍ଶ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ । ସେଠାରେ ନିର୍ମିତ ଛାତ୍ରଛାତ୍ରୀ ନିବାସର କାର୍ଯ୍ୟ ଶେଷ ହୋଇଥିବାରୁ, ଏହାକୁ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ଶେଷରେ ମନ୍ତ୍ରୀ ଶ୍ରୀ ସୂରଜ ଏକ ନିଆରା ଢଙ୍ଗରେ ସ୍ଥାନୀୟ ଲୋକଙ୍କ ସହ ଯୋଡ଼ି ହୋଇଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଏକ ସାଧାରଣ ଜଳଖିଆ ଦୋକାନରେ ବସି ସେ ସ୍ଥାନୀୟ କର୍ମୀ ଓ ଜନସାଧାରଣଙ୍କ ସହ ଜଳଖିଆ ଖାଇଥିଲେ । ସେଠାରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ତାହାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀ କହିଛନ୍ତି ଯେ, 'ମୋହନ ସରକାର ଧାମନଗରକୁ ଏକ ଆଦର୍ଶ ଓ ବିକଶିତ ସହର ଭାବେ ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ । ଜନସାଧାରଣଙ୍କ ମୌଳିକ ସୁବିଧା ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ।' ମନ୍ତ୍ରୀଙ୍କ ଏହି ସରଳ ଜୀବନଶୈଳୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ସାଧାରଣ ମଣିଷ ଭାବେ ମିଳାମିଶା କରିବାର ପ୍ରକୃତି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଧାମନଗରର ବିକାଶ ଚକକୁ ଆଗକୁ ନେବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପୁଣି ଥରେ ଦୋହରାଇଛନ୍ତି ।

୩୫ କ୍ୱିଣ୍ଟାଲ ଚାଉଳ ଆତ୍ମସାତ୍ ମାମଲା:୩ ଅଧିକାରୀଙ୍କୁ ଦୁଇ ବର୍ଷ ଜେଲ୍

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଏକ ଚାଉଳ ଆତ୍ମସାତ୍ ମାମଲାର ବିଚାରଣା କରି ନିଜ ରାୟରେ ୩ ଜଣ ସରକାରୀ ଅଧିକାରୀଙ୍କୁ ଦୁଇ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏହା ସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦେୟ ୪ ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ । ପ୍ରକାଶ ଯେ, ହାଟଡିହି ବ୍ଲକର ପୂର୍ବତନ ପିଏ ଶ୍ରୀକାନ୍ତ ସେଠୀ, ପୂର୍ବତନ ଡବ୍ଲୁଇଓ ଗଙ୍ଗାଧର ନାୟକ ଓ ପୂର୍ବତନ ଏଫଇଓ ରମେଶ ଚନ୍ଦ୍ର ସେଠୀ ୬୩୫ କ୍ୱିଣ୍ଟାଲ ଚାଉଳ ଆତ୍ମସାତ୍ କରିଥିଲେ । ଏହାକୁ କେନ୍ଦୁଝର ଭିଜିଲାନ୍ସ ୨୦୦୩ ମସିହାରେ ଧରି ଏହି ତିନି ଜଣଙ୍କ ନାମରେ କେଶ୍ ରୁଜୁ କରିଥିଲେ । ଏହାକୁ ସ୍ପେଶାଲ୍ ପିପି ବଳଭଦ୍ର ନନ୍ଦ ଓ ବିଶ୍ୱଜିତ୍ କୁମାର ପରିଚାଳନା କରିଥିଲାବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଶୁଣାଣି କରିଥିଲେ ।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମହିଳାଙ୍କ ପାଇଁ ଖୋଲିଲା ନୂତନ ଜୀବିକା

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ବୋମାଲୋଇ ଗ୍ରାମ ପଞ୍ଚାୟତରେ ସାତଦିନିଆ 'କଷ୍ଟମାଇଜ୍ଡ଼ ଜ୍ୱେଲେରୀ ମେକିଙ୍ଗ ଟ୍ରେନିଂ' କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି । ଏହି ପ୍ରଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାନୀୟ ମହିଳାମାନଙ୍କୁ କୌଶଳମୟ କରି ସ୍ୱୟଂରୋଜଗାର ଦିଗରେ ପ୍ରେରିତ କରିବା । ଏହି କାର୍ଯ୍ୟକ୍ରମଟି SBI RSETI ସହ ସଂଯୁକ୍ତ ଭାବେ ଆୟୋଜିତ ହୋଇଥିଲା । SBI RSETI ର ଡାଇରେକ୍ଟର ସୁବାଶ ଚନ୍ଦ୍ର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ RSETI ସମ୍ବଲପୁରର ବିଜୟ କୁମାର ସାହୁ ଓ ତାଙ୍କର ଟିମ୍ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ୍‌ର ଅନେକ ଅଧିକାରୀମାନେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ରଞ୍ଜନ ଜେନା (କ୍ଲଷ୍ଟର ହେଡ୍ - ଏନଭାଇରନମେଣ୍ଟ), ଲଳିତ ଚରଣ (ହେଡ୍- ଏନଭାରନମେଣ୍ଟ), ହେମ ରଞ୍ଜନ (ହେଡ୍ - ଲ୍ୟାଣ୍ଡ ବିଭାଗ), ମଧୁସୂଦନ (ଲ୍ୟାଣ୍ଡ ବିଭାଗ), ରବି ନିୱାସ (ହେଡ୍ - CSR), ମନୋରଞ୍ଜନ ବେହେରା (ଡେପୁଟି ମ୍ୟାନେଜର - CSR) ଏବଂ ସଙ୍ଗୀତା କିସାନ (MBK, ବୋମାଲୋଇ) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ସାତଦିନିଆ ପ୍ରଶିକ୍ଷଣରେ ୩୫ ଜଣ ଅଂଶଗ୍ରହଣ କରି କଷ୍ଟମାଇଜ୍ଡ଼ ଜ୍ୱେଲେରି ତିଆରିର ପ୍ରାୟୋଗିକ ଦକ୍ଷତା ଅର୍ଜନ କରିଥିଲେ । ପ୍ରଶିକ୍ଷଣ ମାଧ୍ୟମରେ ସେମାନେ ଘରୋଇ ଭାବରେ ବ୍ୟବସାୟ ଆରମ୍ଭ କରିବା ସହ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଆଗୁଆ ବଢ଼ିବେ ବୋଲି ଆଶା କରାଯାଉଛି । ଏହି ପ୍ରୟାସ ମାଧ୍ୟମରେ କମ୍ପାନୀ ତାଙ୍କର CSR କାର୍ଯ୍ୟକ୍ରମ ଅଧୀନରେ ସମୁଦାୟ ଉନ୍ନୟନ, ମହିଳା ସଶକ୍ତିକରଣ ଓ ସ୍ଥାୟୀ ଜୀବିକା ସୃଷ୍ଟି ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିପାଦନ କରିଛି । ପ୍ରକାଶ ଥାଉକି, ପୂର୍ବରୁ ଏହି ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ନିମନ୍ତେ 'ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଅତ୍ୟାଧୁନିକ ଖାଦ୍ୟପଦାର୍ଥ' ଯେପରି ମାଣ୍ଡିଆ କେକ୍, ମିକ୍ସଚର, ସୁପ୍, ବିସ୍କୁଟ୍, ନିମ୍କୀ ତିଆରି ଉପରେ ଟ୍ରେନିଂ ଦିଆଯିବା ସହିତ 'ବିଜନେସ୍ ପ୍ଲାନିଂ' ଉପରେ ଏକ ଦିବାସୀୟ ଟ୍ରେନିଂ ଆୟୋଜନ ହୋଇଥିଲା । ସେହି କାର୍ଯ୍ୟକ୍ରମ ପରେ ବର୍ତ୍ତମାନ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆ ମିକ୍ସଚର୍ ପ୍ରସ୍ତୁତି କରି ଲାଭବାନ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଛି । ଏଥିପାଇଁ ସେମାନେ ଆଦିତ୍ୟ ଆଲୁମିନିୟମ ଲପଙ୍ଗାକୁ ଧନ୍ୟବାଦ ଦେଇଛନ୍ତି, ମହିଳା ମାନଙ୍କୁ ସଶକ୍ତ କରିବା ନିମନ୍ତେ ଏହିଭଳି କାର୍ଯ୍ୟକ୍ରମ କରୁଥିବାରୁ ସ୍ଥାନୀୟବାସୀ କମ୍ପାନୀକୁ ଭୂୟସୀ ପ୍ରଂଶସା କରିଛନ୍ତି ।

ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଶୁଭାରମ୍ଭ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ସୋମବାର ଦିନ ଠାରୁ ଶୁଭାରମ୍ଭ ହୋଇଛି । ଉପରୋକ୍ତ ଯାତ୍ରା ୪ ତାରିଖ ସୋମବାର ଠାରୁ ୧୦ ତାରିଖ ରବିବାର ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ଚାଲୁରହିବା ସ୍ଥିରୀକୃତ ହୋଇଛି । ଯାତ୍ରାର ପ୍ରଥମ ଦିବସରେ ଡହ ଡହ ଖରା ସାଙ୍ଗକୁ ଗରମ ଲାଗିରହିଛି । ଗହଳି ଚହଳି ସାଙ୍ଗକୁ ମନୋହର ସାମଗ୍ରୀ, ମେଢ଼, ପସରା ସହିତ ଚିକ୍‌ମିକ୍ ଆଲୋକମାଳା ସହରକୁ ସଜେଇ ଦେଇଛି । ତତ୍ ସହିତ ପ୍ରଶାସନ ପକ୍ଷରୁ ସହର ଉପକଣ୍ଠ ପାର୍ଶ୍ୱସ୍ଥ ଉତ୍କଟ ଖରା ତାତି ସାଙ୍ଗକୁ ପାନୀୟ ଜଳର ବ୍ୟବସ୍ଥା ପ୍ରଶାସନ କେତେ ତତ୍ପର ଉପରୋକ୍ତ ଫଟୋ ଚିତ୍ରରୁ ଅନୁମେୟ । ଜଳ ଟୋପାଏ ପାଇଁ ଯାତ୍ରା ଆରୋହୀ ଡହଳ ବିକଳ ହେଉଥିବା ବେଳେ ତାଙ୍କ ପାଇଁ ଖେଳ ହେଲା ବେଳକୁ ଆମ ପାଇଁ କାଳ ସାଜିଥିବା ବାଟୋଇଙ୍କ ଠାରୁ ପ୍ରକାଶ ।

ସୁବର୍ଣ୍ଣପୁର ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷାକଲେ ନଗରଉନ୍ନୟନ ମନ୍ତ୍ରୀ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ସୋନପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର ପରେ ପାତାଳୀ ଶ୍ରୀକ୍ଷେତ୍ର ଏବଂ ମା' ମେଟାକାନୀଙ୍କ ମନ୍ଦିର ଦର୍ଶନ କରିଥିଲେ । ପରେ ସର୍କିଟ୍ ହାଉସ୍ ଠାରେ ଦଳୀୟ କର୍ମୀଙ୍କ ସହ ସାକ୍ଷାତ ଓ ଆଲୋଚନା କରିଥିଲେ । ଏହି ଅବସରରେ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସହରର ବିଭିନ୍ନ ସଂଗଠନ ପକ୍ଷରୁ ସହରର ବିଭିନ୍ନ ସମସ୍ୟା ତଥା ବିକାଶ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା । ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନଗର ଉନ୍ନୟନ ବିଭାଗର ସୋନପୁର ପୌରପରିଷଦ, ବିନିକା ଓ ତରଭା ଏନ୍ଏସିର ବିଭିନ୍ନ କାର୍ଯ୍ୟର ସମୀକ୍ଷା

କରିଥିଲେ । ସହରାଞ୍ଚଳ ବିକାଶ ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ ଓ ସ୍ୱଚ୍ଛ ପାଣି, ସ୍ୱରେଜ୍ ସିଷ୍ଟମ୍, ନୂତନ ଏନ୍ଏସିର ରୂପରେଖ ଉପରେ, ସହରର ଆଲୋକୀ କରଣ, ସୌନ୍ଦର୍ଯ୍ୟକରଣ ପୋଖରୀ ଗୁଡ଼ିକର ପୁନରୁଦ୍ଧାର ଉପରେ ସହରୀ ବିକାଶ ଯୋଜନ ଉପରେ ଗୁରୁତ୍ୱ ଦେଇ ସମୀକ୍ଷା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସହରାଞ୍ଚଳର ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅପରାହ୍ନରେ ସୋନପୁର ପୌରପରିଷଦ ଠାରେ ନୂତନ କୋଠାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ତେଲ ନଦୀ କୂଳ ନିକଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ରୟାଲ ପଡ଼ିଆ ଉନ୍ନତୀ କରଣ ଏବଂ ୱାର୍ଡ ନଂ ୧୪ ଠାରେ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେହିପରି ନୂତନ ଏନ୍ଏସି ବୀରମହାରାଜପୁର ଠାରେ ଅସ୍ଥାୟୀ କାର୍ଯ୍ୟାଳୟର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ, ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ସାଂସଦ ପ୍ରତିନିଧି ସାନନ୍ଦ ମେହେର, ବୀରମହାରାଜପୁର ବିଡ଼ିଓ, ପୌରପରିଷଦ ଅଧକ୍ଷା, ତାମସୀ ତାମସ୍ମିତା ନାଏକ, ସୋନପୁର ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଷି ମାଝି, ବିନିକା ଏନ୍ଏସି ଅଧିକାରୀ ମାନସ ଭୋଇ, ତରଭା ଏନ୍ଏସି ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ସମେତ ପୌରପରିଷଦ ଓ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ ।

ପରିତ୍ୟକ୍ତ କୂଅରୁ ବାରହା ଉଦ୍ଧାର

ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖୁଦପେଜ ପଞ୍ଚାୟତର ଦର୍ଲିପଡ଼ା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଏକ ବାର୍‌ହାକୁ ଉଦ୍ଧାର କରିଛି ଖଡ଼ିଆଳ ବନ ବିଭାଗ । ଗାଁର ଭୀଷ୍ମ କଟାଙ୍କ କୂଅରେ ବାରହାଟି ପଡ଼ିଥିବା ବେଳେ ମହେନ୍ଦ୍ର କଟା ଦେଖିବାକୁ ପାଇଥିଲେ ଓ ବନ ବିଭାଗକୁ ଖବର ଦେଇଥିଲେ । ଖବରପାଇ ବନ ବିଭାଗ କର୍ମଚାରୀ ଆସି ବାର୍‌ହାକୁ ଉଦ୍ଧାର କରିଥିବା ବେଳେ ବାର୍‌ହାଟି ସୁସ୍ଥ ଥିବା ଜଣାପଡ଼ିଛି । ନିକଟସ୍ଥ ଜଙ୍ଗଲରେ ତାକୁ ଛଡ଼ାଯିବ ବୋଲି ବନ ବିଭାଗ କହିଛି । ଏହି ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର ସୁଦାମ କୁମାର ବାଗ, ବିଦ୍ୟାଧର ବାଗ, ଚୂଡ଼ାମଣି ବାଗ, ପ୍ରସନ୍ନ କୁମାର ହଂସ, ଦିପା ସାହୁ ପ୍ରମୁଖ ସାମିଲ ଥିଲେ ।

କୋରେଇରେ ବିଜେପିରେ ମିଶ୍ରଣ ପର୍ବ:ଶତାଧିକ କର୍ମୀ ମିଶିଲେ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ବ୍ୟାସନଗର ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ ବିଜେପି ଦଳର ସୁଶାନ୍ତ ରାଉତ, ଦେବାଶିଷ ପ୍ରଧାନ, ରାଣୀ ସାମଲ, ସଂଗୀତା ପ୍ରଧାନ, ନମିତା ରାଣୀ ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ପୌରପରିଷଦର ୱାର୍ଡ ନଂ-୨୬ ଖଣ୍ଡାହତା ଗ୍ରାମର ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସମସ୍ତ ଆଗନ୍ତୁକ ବ୍ୟାସନଗର ପୌରପରିଷଦର ଖଣ୍ଡାହତା ୱାର୍ଡ ନଂ-୨୬ର ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତ୍ତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ୍ କରାଇଥିଲେ । ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ ବ୍ୟାସନଗର ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ବ୍ୟାସନଗର ପୌରପରିଷଦରେ ବିଜେପି ସ୍ଥିତି ସୁଦୃଢ଼ ହେଲା କହିବା ସହ ପୌରପରିଷଦର ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ପରିଚୟ ଖୋଜୁଛି କଙ୍କାଳ:ବାଟବଣା ହେଉଛି ପୋଲିସ ତଦନ୍ତ

ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ଫାଇଲ ତଳେ ଚାପି ହୋଇ ରହିଯିବ କି ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ମିଳିଥିବା ମହିଳାଙ୍କ କଙ୍କାଳ । ପରିଚୟ ଖୋଜୁଛି ଅଜଣା ମହିଳାଙ୍କ କଙ୍କାଳ । ନ୍ୟାୟ ପାଇବ ତ ଉଦ୍ଧାର ହୋଇଥିବା ଅଜଣା ମହିଳାଙ୍କ କଙ୍କାଳ ଏହାରି ମଧ୍ୟରେ ବଦଳି ଗଲେ ତତ୍କାଳୀନ ଥାନା ଅଧିକାରୀ । ସେପଟେ ଥାନା ଅଧିକାରୀଙ୍କ ବଦଳି ପରେ ବଦଳି ଯିବ କି ତଦନ୍ତ ପ୍ରକ୍ରିୟା ସୂଚନା ମୁତାବକ ଚଳିତ ବର୍ଷ ଏପ୍ରିଲ ମାସ ୧୩ ତାରିଖରେ ବାରଙ୍ଗ ଥାନା ଅଧିନ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ନିକଟ ପୁରୀ ମୁଖ୍ୟ କେନାଲ କଡ଼ରୁ ନର କଙ୍କାଳ ଉଦ୍ଧାର ହୋଇଥିଲା ।

କଙ୍କାଳଟି ମହିଳା କିମ୍ବା ପୁରୁଷର ତାହା ଜଣାପଡ଼ିନାହିଁ । ତେବେ ଏହା ଜଣେ ବୟସ୍କ ମହିଳାଙ୍କ ଖପୁରି ବୋଲି ଅନୁମାନ କରାଯାଉଛି । ମୁଣ୍ଡ ଖପୁରୀ, ଗୋଡ଼ ହାଡ଼, ହାତ ହାଡ଼ ଆଦି ପଡ଼ିରହିଛି । କଙ୍କାଳ ସହ ମହିଳାଙ୍କ ଅନ୍ତବସ୍ତ୍ର ସହ ଶଙ୍ଖାର କିଛି ଭଗ୍ନାଂଶ ମଧ୍ୟ ରହିଛି । କଙ୍କାଳଟି କେନାଲ କଡ଼ରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ବାରଙ୍ଗ ଥାନା ତତ୍କାଳୀନ ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ, ଜୋନ୍ ଏସିପି ଅମିତାଭ ମହାପାତ୍ର ପହଞ୍ଚି ବିଭିନ୍ନ ଦିଗ ପ୍ରତି ଅନୁଧ୍ୟାନ କରିଥିଲେ । ପରେ ଫରେନ୍ସିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଥିଲା । ସନ୍ଧାନୀ କୁକୁର ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା । ତେବେ କଙ୍କାଳଟି ଜଣେ ମହିଳାଙ୍କର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । କଙ୍କାଳ ପଡ଼ିଥିବା ସ୍ଥାନରେ ମୁଣ୍ଡର କିଛି ଚୁଟି ମଧ୍ୟ ପଡ଼ି ରହିଥିଲା । ଘଟଣାସ୍ଥଳରୁ ସମସ୍ତ ନମୁନା ସଂଗ୍ରହ କରି ଫେରିଥିଲା ଫରେନ୍ସିକ୍ ଟିମ୍ । ପରେ ସନ୍ଧାନି କୁକୁର ସହାୟତା ଲୋଡାଯାଇଥିଲା । ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସକୁ କୌଣସି ସୁରାକ୍ ମିଳିନଥିଲେ ମଧ୍ୟ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ପ୍ରକ୍ରିୟା ଚଳାଇଥିଲା । ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ ଏଠାରେ କଙ୍କାଳ ପଡ଼ିରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ୁଛି । ପୋଲିସ ଏ ସଂକ୍ରାନ୍ତରେ କେସ୍ ନଂ ୧୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ହେଲେ ଏହାର ମଧ୍ୟରେ ବାରଙ୍ଗ ଥାନାରେ ତତ୍କାଳୀନ କାର୍ଯ୍ୟରତ ବରିଷ୍ଠ ଓ ଅଭିଜ୍ଞ ଇନ୍ସପେକ୍ଟରଙ୍କ ହଠାତ୍ ଭୁବନେଶ୍ୱର ଖାରବେଳନଗର ଥାନାକୁ ବଦଳି ହୋଇଯାଇଛି । ତାଙ୍କ ବଦଳରେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଥିବା ବାରଙ୍ଗ ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ମିଳିଛି । ସେପଟେ ଏହି ଘଟଣାର ତଦନ୍ତ ଭାର ଗ୍ରହଣ କରିଥିବା ଗୋଡିସାହି ଫାଣ୍ଡି ଅଧିକାରୀଙ୍କ ତଦନ୍ତ ପ୍ରକ୍ରିୟା ଆଗେଇପାରୁନାହିଁ । ଏହି ଘଟଣାର ତଦନ୍ତ ଉପରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଅଭିଯୋଗ ହେଉଛି ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୬।୦୫।୨୦୨୬, ବୈଶାଖ ଦି୨୩ନ, ବୁଧବାର

ସୂର୍ଯ୍ୟୋଦୟ- ଘ୫।୧୭।୫୭ ଚନ୍ଦ୍ରୋଦୟ-ରାଘ୧୦।୨୦।୩୮

ଚତୁର୍ଥୀ-ପ୍ରାଘ ୭।୫୩ପର୍ଯ୍ୟନ୍ତ । ମୂଳାନକ୍ଷତ୍ର ଦିଘ ୩।୫୬ ପର୍ଯ୍ୟନ୍ତ । **ଧନୁଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର**- ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ମୂଳା ପ୍ରାଘ ୭।୫୩ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୧୯ ଗତେ ଦିଘ ୭।୦୩ ମଧ୍ୟେ ଦିଘ୧୦।୦୯ଗତେ ଦିଘ୧୧।୧୯ ମଧ୍ୟେ ।

ମେଷ: ଶତ୍ରୁ ନାଶ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



ବୃଷ: ଆୟର ପରିମାଣ ବଢ଼ିବ । ଅଟକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ମନ ଭଲ ରହିବ ।



ମିଥୁନ: କର୍ମକ୍ଷେତ୍ରରେ କାର୍ଯ୍ୟ ସଫଳ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ପାରିବାରିକ ଜୀବନ ସୁଖମୟ ହେବ । ବନ୍ଧୁ ଦର୍ଶନ ସହିତ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।



କର୍କଟ: ଧନ ଲାଭ ହେବ । ଶତ୍ରୁ ନାଶ ହେବ । ବ୍ୟବସାୟରେ ଲାଭବାନ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଦେବ କାର୍ଯ୍ୟ କରିପାରନ୍ତି ।

ସିଂହ: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚଞ୍ଚଳ ସ୍ୱଭାବର ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ଛାତ୍ରଛାତ୍ରୀମାନେ ପଢ଼ାପଢ଼ିରେ ଆଗେଇବେ ।

କନ୍ୟା: ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ଶୁଭ ଖବର ମିଳିପାରେ । ମହିଳାମାନେ ସୁଖୀ ହେବେ ।

ତୁଳା: ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନିତ ହେବେ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

ବିଛା: ସ୍ଥିର ସ୍ୱଭାବ ଯୁକ୍ତ ହେବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଶତ୍ରୁମାନେ ପରାସ୍ତ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଶରୀର ସୁସ୍ଥ ରହିବ ।

ଧନୁ: ଉତ୍ତମ ଭୋଜନରେ ଆପାୟିତ ହେବେ । କାର୍ଯ୍ୟକ୍ଷେତ୍ରରେ ଆଶାନୁରୂପ ସଫଳତା ପ୍ରାପ୍ତ ହେବ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ।

ମକର: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଓ ବ୍ୟୟ ପୂର୍ବପରି ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଭଲ ରହିବ ।

କୁମ୍ଭ: ଆଜି ଆପଣଙ୍କର ଘାତଚନ୍ଦ୍ର ଏଣୁ ସାବଧାନତା ଅବଲମ୍ବନୀୟ । ବ୍ୟୟର ମାତ୍ରା ବୃଦ୍ଧି ପାଇବ । ବ୍ୟବସାୟ କ୍ଷତିରେ ଚାଲିବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ମନ ଅସ୍ଥିର ରହିବ ।

ମୀନ: ପରିଶ୍ରମ ଅନୁସାରେ ପାରିଶ୍ରମିକ ପାଇ ଉପକୃତ ହେବେ । ଦେହ ଓ ମନ ଭଲ ରହିବ । ଗୃହେ ଶାନ୍ତିର ବାତାବରଣ ଦେଖାଦେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ବନ୍ଧୁ ସହଯୋଗ ମିଳିବ ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୭।୦୫।୨୦୨୬, ବୈଶାଖ ଦି୨୪ନ,ଗୁରୁବାର

ସୂର୍ଯ୍ୟୋଦୟ- ଘ ୫।୧୭।୨୫ ଚନ୍ଦ୍ରୋଦୟ-ରାଘ ୧୧।୦୭।୪୬

ପଞ୍ଚମୀ- ଦିଘ ୧୦।୪୫ ପର୍ଯ୍ୟନ୍ତ । ପୂର୍ବାଷାଢାନକ୍ଷତ୍ର ସଂଘ ୬।୪୭ ପର୍ଯ୍ୟନ୍ତ **ଧନୁଚନ୍ଦ୍ର-ରାଘ ୧।୨୭ ପର୍ଯ୍ୟନ୍ତ । ଚନ୍ଦ୍ରଶୁଦ୍ଧି**-ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧।୨୭ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ତୁଳା ଓ କୁମ୍ଭ ରାଶିର । ରାଘ ୧।୨୭ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**-ବେଲ ଓ ପଣସ ଦିଘ ୧୦।୧୫ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୧୯ ଗତେ ଦିଘ ୭।୦୩ ମଧ୍ୟେ ଦିଘ ୧୦।୨୮ ଗତେ ଦିଘ୧।୦୩ ମଧ୍ୟେ ।

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

ଦିଦିଙ୍କ ଗଡ ଭାଙ୍ଗିଲେ ୫ ଧୁରନ୍ଧର

ପଶ୍ଚିମବଙ୍ଗ ରାଜନୀତିରେ ଏଥର ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ସମସ୍ତଙ୍କୁ ଚକିତ କରିଦେଇଛି । ଦୀର୍ଘ ଦିନ ଧରି ଅଜେୟ ରହିଆସିଥିବା କିଲ୍ଲା ଭୁଶୁଡ଼ି ଯାଇଛି । ଏହି ବିରାଟ ପରିବର୍ତ୍ତନର କେନ୍ଦ୍ରରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ରଣନୀତି ଓ ସାଙ୍ଗଠନିକ କାର୍ଯ୍ୟ ହିଁ ଏହି ବିଜୟର ପ୍ରମୁଖ ଆଧାର ସାଜିଥିବା କୁହାଯାଉଛି । ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ବେଙ୍ଗଲରେ ଡେରା ପକାଇ ଶାହ ନିର୍ବାଚନ ଅଭିଯାନକୁ କେବଳ ଭାଷଣ ପର୍ଯ୍ୟନ୍ତ ସୀମିତ ରଖି ନ ଥିଲେ, ବରଂ ତାହାକୁ ଏକ ସଙ୍ଗଠିତ ମିଶନରେ ପରିଣତ କରିଥିଲେ। ତେବେ ଏହି ବିଜୟ କେବଳ ଜଣେ ବ୍ୟକ୍ତିଙ୍କ ରଣନୀତିର ପରିଣାମ ଥିଲା, ତାହା ନୁହେଁ । ଶାହଙ୍କ ସହିତ ୫ ଜଣ ପ୍ରମୁଖ ନେତାଙ୍କ ଟିମ୍ ପ୍ରତ୍ୟେକ ମୋର୍ଚ୍ଚାରେ ସମନ୍ୱିତ ଉପାୟରେ କାମ କରିଥିଲେ । ଏମାନେ ବିଜେପିର ୫ 'ଧୁରନ୍ଧର' ସାଜି ଦଳକୁ ବିଜୟ ଆଡ଼କୁ ଅଗ୍ରସର କରାଇଥିଲେ । ଏହି ୫ ନେତାଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ଅଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅଭିଯାନରେ ସେ ମୁଖ୍ୟ ରଣନୀତିକାର ଭାବେ ଭୂମିକା ନିର୍ବାହ କରିଥିଲେ। ସେ ବିଭିନ୍ନ ସାମାଜିକ ତଥା ଜାତୀୟ ସମୂହଙ୍କ ମଧ୍ୟରେ ସନ୍ତୁଳନ ରଖି କେନ୍ଦ୍ର ଓ ରାଜ୍ୟ ନେତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିପାରିଥିଲେ । ଏହାଦ୍ୱାରା ସମ୍ବଳ ଓ ନେତୃତ୍ୱର ପ୍ରଭାବୀ ଉପଯୋଗ ସୁନିଶ୍ଚିତ ହୋଇପାରିଥିଲା। ଭୂପେନ୍ଦ୍ର ଯାଦବ ସଙ୍ଗଠନର ମାଇକ୍ରୋମ୍ୟାନେଜମେଣ୍ଟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ । ବୁଥ୍ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ଓ ନିର୍ବାଚନ ପ୍ରକ୍ରିୟାର ଆଇନଗତ ଆହ୍ୱାନକୁ ସମ୍ଭାଳିବାରେ ସେ ବେଶ୍ ସିଦ୍ଧହସ୍ତ ସାବ୍ୟସ୍ତ ହୋଇଥିଲେ । ଏହାଦ୍ୱାରା ତୃଣମୂଳ ସ୍ତରରେ ଦଳ ମଜଭୁତ ହୋଇଚାଲିଥିଲା। ସୁନୀଲ ବଂଶଲ ସଙ୍ଗଠନକୁ ଶାଣିତ କରିଥିଲେ । 'ପନ୍ନା ପ୍ରମୁଖ' ମଡେଲ ଜରିଆରେ ସେ କାର୍ଯ୍ୟକର୍ତ୍ତାଙ୍କର ଏଭଳି ନେଟ୍‌ୱର୍କ ଛିଡ଼ା କରିଥିଲେ, ଯାହା ଟିଏମ୍‌ସିର କ୍ୟାଡର-ଆଧାରିତ ଢାଞ୍ଚାକୁ ଚ୍ୟାଲେଞ୍ଜ ଦେଇଥିଲା । ବିଗତ ୪ ବର୍ଷରେ ପ୍ରତ୍ୟେକ ଆସନର ଫିଡ଼୍‌ବ୍ୟାକ୍ ଆଧାରରେ ଅଭାବବୋଧ ଦୂର କରିବା ସହିତ ତୃଣମୂଳ ସ୍ତରରେ ମମତା ସରକାର ବିରୋଧରେ ପ୍ରସଙ୍ଗକୁ ନେଇ ଦଳୀୟ କ୍ୟାଡରଙ୍କୁ ସଡ଼କକୁ ଓହ୍ଲାଇଥିଲେ । ବିପ୍ଲବ କୁମାର ଦେବ ନିଜ ଅଭିଜ୍ଞତା ଉପଯୋଗ କରି ବିଶେଷକରି ସେହି କ୍ଷେତ୍ର ଉପରେ କାମ କରିଥିଲେ, ଯେଉଁଠାରେ ସାମାଜିକ-ସାଂସ୍କୃତିକ ସମାନତା ତ୍ରିପୁରା ସହ ମିଳିଥାଏ । ତାଙ୍କ ଆକ୍ରାମକ ପ୍ରଚାର ଶୈଳୀ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଥିଲା । ଅମିତ ମାଳବୀୟ ଡିଜିଟାଲ ମୋର୍ଚ୍ଚା ସମ୍ଭାଳିଥିଲେ । ସୋସିଆଲ ମିଡିଆ ଜରିଆରେ ସେ ଅନେକ ପ୍ରସଙ୍ଗକୁ ବ୍ୟାପକ ସ୍ତରରେ ଉଠାଇଥିଲେ ଏବଂ ବିରୋଧୀଙ୍କ ପ୍ରଚାର ତନ୍ତ୍ରର ପ୍ରଭାବୀ ଜବାବ ଦେଇଥିଲେ । ଏହାଦ୍ୱାରା ଜନମତକୁ ପ୍ରଭାବିତ କରିବା ପାଇଁ ସାଧନ ମିଳିଥିଲା । ଏହି ସମସ୍ତ ନେତାଙ୍କ ସାମୂହିକ ଉଦ୍ୟମ ବିଜେପି ପାଇଁ ପଶ୍ଚିମବଙ୍ଗରେ ନୂଆ ସମ୍ଭାବନାର ଦ୍ୱାର ଖୋଲିଥିଲା । ଏହି ବିଜୟ କେବଳ ନିର୍ବାଚନ ପରିଣାମ ନୁହେଁ, ବରଂ ଏକ ସୁନିୟୋଜିତ ରଣନୀତି, ମଜଭୁତ ସଙ୍ଗଠନ ଏବଂ ନିରନ୍ତର ପ୍ରୟାସ ହୋଇ ସାମ୍ନାକୁ ଆସିଥିଲା। ଏହା ବେଙ୍ଗଲ ରାଜନୀତିରେ ଏକ ନୂଆ ଅଧ୍ୟାୟ ଲେଖି ଦେଇଛି ।

ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
ବିଶ୍ୱରୂପ ଦର୍ଶନ

ସତ୍ୟର ଜୟ

ମୋ' ଆଖିରେ ସବୁ ଠିକ
ପୁଣି କା ଆଖିରେ ସବୁ ଭୁଲ
କା ଆଖିରେ 'ମା'

କା ଆଖିରେ ମାୟା ।
ବିଚିତ୍ର ଏ ସୃଷ୍ଟି
ବିଚିତ୍ର ଚିନ୍ତାଧାରା
ଶରୀରକୁ ନେଇ କେତେ ଖେଳ
କେତେ ଗୋଳମାଳ ।
କେତେ ହସ କେତେ କାନ୍ଦ ।
ଜନ୍ମ ନିୟନ୍ତ୍ରଣ ରେଖାକୁ ମାପି ମାପି
ମୃତ୍ୟୁ ନିୟନ୍ତ୍ରଣକୁ ଭୁଲି ଗଲେଣି ।
ବାଡି ବାଇଗଣକୁ ଭୁଲି ଗଲେଣି
ଫାଇଲିରେ ଚାଷ କରି କରି
ମାତୃ ଭୁମିକୁ ଭୁଲି ଗଲେଣି ।
ସବୁ ପାଇ ସର୍ବହରା ପରି
ଛଳନା କରି ଚାଲିଛନ୍ତି ।
ବିଶ୍ୱକୁ ଖାଇ ପୁଣି ଭୋକ
ଏ କ୍ଷୁଧାର କ'ଣ ଅନ୍ତ ନାହିଁ ?
ଏହି ବହୁରୂପୀ ମାନବଙ୍କ ପାଇଁ
କଳିରୂପୀ ମହାକାଳର ସୃଷ୍ଟି
ତଥାପି ଏମାନଙ୍କ ନିଦ୍ରା ଭାଙ୍ଗୁ ନାହିଁ ।
ସତ୍ୟର ସନ୍ଧାନ, ରୂପକୁ ନେଇ
ବିଚାର କରାଯାଏ ନାହିଁ
ଆତ୍ମାର ଜୟ ହିଁ ସତ୍ୟର ଜୟ।
ଏ ଯୁଗର ଜୟ
ଏ ମାନବର ଜୟ
ମିଥ୍ୟା ଆସ୍ଫାଳନର ଆହ୍ୱାନ
ପ୍ରକୃତ ଜୟ ନୁହେଁ
ତେଣୁ ମାୟା ଜାଲକୁ କାଟି
ମାତୃତ୍ୱ ସନ୍ଧାନୀ ହୁଅ ।
ତେବେ ଯାଇ ଏ ଜୀବଜଗତରେ
ଆନନ୍ଦର ଝର ପ୍ଲାବିତ ହେବ ।

◆◆

ଅଶୋକଙ୍କ କ୍ଷେପିଙ୍ଗଳ ଶିଳାଲିପି ଓ ଜଉଗଡ଼

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବର୍ତ୍ତମାନର ଓଡ଼ିଶାରେ ଥିବା ମଗଧ ସମ୍ରାଟ ଅଶୋକଙ୍କର ଦୁଇଟି ଶିଳାଲେଖ ପୁରୁଷୋତ୍ତମପୁର ନିକଟସ୍ଥ ମାଳତୀ ପାହାଡ଼ ଶ୍ରେଣୀ ଅର୍ଥାତ୍ ଜଉଗଡ଼ ଶିଳାଲିପି କଳିଙ୍ଗବାସୀ ଓ ଭୁବନେଶ୍ୱର ନିକଟସ୍ଥ ଧଉଳି ପାହାଡ଼ରେ ଥିବା ଶିଳାଲେଖ ତୋଷାଳିବାସୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବାର କୁହାଯାଇପାରେ। ସେତେବେଳେ କଳିଙ୍ଗ ଓ ତୋଷାଳିର ସୀମା କଣ ଥିଲା କହିହୁଏ ନାହିଁ। ତେବେ ତୋଷାଳି ଏକ ସ୍ୱତନ୍ତ୍ର ରାଷ୍ଟ୍ରଭାବେ ଥିବାର ନିଶ୍ଚିତତା ରହିଛି। ରଷିକୁଲ୍ୟା ଓ ଝଞ୍ଜାବତୀ ନଦୀଦ୍ୱୟ ମଧ୍ୟରେ କଳିଙ୍ଗ ସାମ୍ରାଜ୍ୟର ସୀମା ଥିବାର ଅଷ୍ଟମ ଶତାବ୍ଦୀରେ ରଚିତ ବ୍ରହ୍ମାଣ୍ଡ ପୁରାଣରୁ ଜଣାପଡ଼େ। ଝଞ୍ଜାବତୀଠାରୁ ମହୀଶୁର ନିକଟସ୍ଥ ବେଦବତୀ ନଦୀ ଅଞ୍ଚଳ ତ୍ରିକଳିଙ୍ଗ ନାମରେ ଖ୍ୟାତ ଥିଲା। ରଷିକୁଲ୍ୟା ନଦୀ ତଟସ୍ଥ ଶିଳାଲିପିଟି 'କ୍ଷେପିଙ୍ଗଳ ପର୍ବତ'ରେ ଖୋଳାଯାଇଥିବାର ସେହି ଶିଳାଲିପିରେ ଉଲ୍ଲେଖ ରହିଛି। ଏହି ପାହାଡ଼ର ନାମ ପରିବର୍ତ୍ତନ ପରବର୍ତ୍ତୀ କାଳରେ ହୋଇଯାଇଛି। କଳିଙ୍ଗର ସମପା କଥା ମଧ୍ୟ ଶିଳାଲେଖରେ ସ୍ଥାନ ପାଇଛି। ଶିଳାଲେଖର ସମା ବା ସମପା ନାମରେ ଗୋଟିଏ ଜନପଦ ଅଦୂରରେ ଥିବା ରଷିକୁଲ୍ୟା ନଦୀ କୂଳରେ ଥିଲା। ନଦୀଟି ଏଠାରେ ବାଙ୍କ ହୋଇ ଉତ୍ତର ଦିଗକୁ ବହି ଯାଇଛି। ଚୈତ୍ର ମାସରେ ରଷିକୁଲ୍ୟାର ଏହି ସ୍ଥାନରେ ବାରୁଣୀବୁଡ଼ ପଡ଼େ। ବୁଡ଼ ପଡ଼ିବା ସ୍ଥାନରୁ ପଶ୍ଚିମକୁ ପ୍ରାୟ ଏକ କିଲୋମିଟର ବ୍ୟବଧାନରେ ଏକ ଶିବ ମନ୍ଦିର ଥିଲା ଯାହାକି ବର୍ତ୍ତମାନ ଆଉ ଦେଖିବାକୁ ମିଳେ ନାହିଁ। ବୁଡ଼ ପଡ଼ିବା ସ୍ଥାନଠାରୁ ଏହି ମନ୍ଦିର ଥିବା ସ୍ଥାନକୁ ସମା ବା ସମପା ଜନପଦ କୁହାଯାଇଥାଏ। ଅଶୋକଙ୍କ ଶିଳାଲିପି ଥିବା କ୍ଷେପିଙ୍ଗଳ ପାହାଡ଼ଠାରୁ ଏହି ସ୍ଥାନର ଦୂରତା ମାତ୍ର ଦୁଇ କିଲୋମିଟର। ଶିଳାଲିପି ଥିବା ସ୍ଥାନର ଏକ କିଲୋମିଟର ବ୍ୟବଧାନରେ ଦକ୍ଷିଣକୁ ରହିଛି ଜଉଗଡ଼। ଏଠାରେ ପାଣ୍ଡବମାନଙ୍କୁ ଜଉଘର ତିଆରି କରି ମାରିଦେବା ପାଇଁ କୌରବ ମାନଙ୍କ ପକ୍ଷରୁ ଉଦ୍ୟମ ହୋଇଥିବାର କିଂବଦନ୍ତୀ ପ୍ରଚଳିତ ଅଛି। ଏହା ପାଣ୍ଡିରିପଡ଼ା ପଞ୍ଚାୟତର ଅନ୍ତର୍ଭୁକ୍ତ। ନନ୍ଦିଆଗଡ଼ ନାମରେ ଏକ ବୃହତ୍ ଜନପଦ ମଧ୍ୟ ଏଠାରେ ଥିବା ଦେଖାଯାଏ ଓ ପାଣ୍ଡବମାନଙ୍କର ରହଣିସ୍ଥଳ ଏହା ଥିବାର ଲୋକେ କହିଥାନ୍ତି। ତେବେ ଏ'ତ ପୁରାଣର କଥା। ଐତିହାସିକତା ଦୃଷ୍ଟିରୁ ଏହି ଜଉଗଡ଼ ଖ୍ରୀଷ୍ଟପୂର୍ବର ଏକଦା ଅତ୍ୟନ୍ତ ଶକ୍ତିଶାଳୀ ଦୁର୍ଗ ଥିଲା। ଦୁର୍ଗର ଚାରିପଟେ ବୃହତ ମାଟିର ପ୍ରାଚୀରମାନ ରହିଛି। ପ୍ରାଚୀରର ଉଚ୍ଚତା ପ୍ରାୟ ୧୮ ଫୁଟ। ଲମ୍ବ ୨୫୭୪ ଫୁଟ ଓ ପ୍ରସ୍ଥ ୨୪୧୨ ଫୁଟ। ପ୍ରତ୍ୟେକ ପଟେ ରହିଛି ଦୁଇଟି ପ୍ରବେଶପଥ। ମାଟି ପ୍ରାଚୀରର ତଳ ଓ ଉପରକୁ ହାରାହାରି ବ୍ୟାସ ୧୪୮.୫ ଫୁଟ ଓ ଏହି ପ୍ରାଚୀରରେ ୫ଟି ସ୍ଥାନରେ ଟ୍ରେଞ୍ଚ ଆକାରରେ କଟାଯାଇ ସୁଡ଼ଙ୍ଗ ହୋଇଛି। ଏହା ସମ୍ଭବତଃ ଦୁର୍ଗ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ଦୁର୍ଗର କାନ୍ଥରେ ବି ଗମ୍ବୁଜମାନ ମାଟିରେ ନିର୍ମିତ ଥିଲା ଓ ଏହାର ଚାରିପଟେ ଗଭୀର ଖାଇଥିଲା। ବର୍ତ୍ତମାନ କେତେକ ସ୍ଥାନରେ ତାହା ପୋତି ହୋଇଗଲାଣି। ଏଠାରୁ ବହୁ ପ୍ରାଚୀନ ମୁଦ୍ରା, ସ୍ୱର୍ଣ୍ଣ ଅଳଙ୍କାରମାନ ମିଳୁଥିଲା ବୋଲି ବୟସ୍କ ଲୋକମାନଙ୍କଠାରୁ ଶୁଣାଯାଏ। ମାଟିର ପାତ୍ର, ଖପରା, ତମ୍ବା ଓ ଲୁହାରେ ତିଆରି ଅସ୍ତ୍ରମାନ ମଧ୍ୟ ଏଠାରୁ ମିଳିଥିବାର ଉଲ୍ଲେଖ ରହିଛି। ଏହିସବୁ ପରୀକ୍ଷାରୁ ଏଠାରେ ଖ୍ରୀଷ୍ଟପୂର୍ବରୁ ଏକ ଉନ୍ନତ ସଭ୍ୟତା ପ୍ରଚଳନ ଥିବା ନିଃସନ୍ଦେହରେ କୁହାଯାଇପାରେ। ସେହିଭଳି ଦୁର୍ଗଠାରୁ ସମପା ବା ରଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ଅଞ୍ଚଳରୁ ମିଳିଥିବା ପୋଡ଼ାମାଟି ଖପରା ଆକୃତିରୁ ଏହା ମଧ୍ୟ ଦୃଢୀଭୂତ ହୋଇଛି। ଅଶୋକଙ୍କ ଶିଳାଲିପି ଓ ଜଉଗଡ଼ ମଧ୍ୟରେ ଧନେଇ ନାମରେ ଏକକ୍ଷୁଦ୍ର ଜଳାଧାର ଦେଖାଯାଏ। ଏହାର ବର୍ତ୍ତମାନର ଗଭୀରତା ୪ରୁ ୫ ଫୁଟ ପର୍ଯ୍ୟନ୍ତ ଓ ଓସାର ପ୍ରାୟ ଦଶଫୁଟ। ଗଞ୍ଜାମ ଓ ଅବିଭକ୍ତ ପୁରୀ ଜିଲ୍ଲାର ସୀମାରେ ଅବସ୍ଥିତ ପାଣ୍ଡିରିପଡ଼ା ମାଳ ଅଞ୍ଚଳରୁ ଏହି ଜଳସ୍ରୋତ ପ୍ରବାହିତ ହୋଇ ଟଙ୍କଛାଇ ନାମକ ସ୍ଥାନରେ ବାଘୁଆ ଜଳସ୍ରୋତ ସହ ମିଶି ପ୍ରାୟ ଏକ କିଲୋମିଟର ଦୂରରେ ଥିବା ରଷିକୁଲ୍ୟା ନଦୀରେ ପଡ଼ିଛି। ଏହା ଏକ ପାହାଡ଼ି ଝରର ରୂପାନ୍ତରିତ ନାଳ। ଏହା ସହିତ ଏହି ମାଳରୁ ପ୍ରବାହିତ ପ୍ରାୟ ୧୭ ରୁ ୨୦ ପର୍ଯ୍ୟନ୍ତ କ୍ଷୁଦ୍ର ଝରମାନ ଆସି ମିଶିଛି। ଆରମ୍ଭଠାରୁ ପ୍ରାୟ ୪୫ କିଲୋମିଟର ପ୍ରବାହିତ ହୋଇ ଏହା ଶେଷରେ ରଷିକୁଲ୍ୟା ନଦୀରେ ପଡିଛି। ଅଶୋକଙ୍କ କ୍ଷେପିଙ୍ଗଳ (ବର୍ତ୍ତମାନର ମାଳତୀ ପାହାଡ଼) ପର୍ବତରେ ଲିଖିତ ଶିଳାଲିପିକୁ ୧୮୫୮ ଖ୍ରୀ.ଅରେ Minchin ନାମରେ ଜନୈକ ଇଂରେଜ ବ୍ୟବସାୟୀ ପ୍ରଥମେ ଲୋକଲୋଚନକୁ ଆଣିଥିଲେ। ଖ୍ରୀ.ଅ. ୧୮୫୮ ଓ ୧୮୭୧ରେ ଏହାର ଫଟୋଚିତ୍ର ନିଆଯାଇ ଐତିହାସିକ କନିଙ୍ଗହାମ ଓ ମାରସମ୍ କିଟୋ ଏହାର ପାଠୋଦ୍ଧାର କରି "କରପସ୍ ଇନସିକ୍ରିପସନ ଇଣ୍ଡିକା"ରେ ପ୍ରଥମେ ପ୍ରକାଶ କରିଥିଲେ। ଏହି ମାରସମ୍‌କିଟୋ ବି ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ଶିଳାଲିପିକୁ ବହୁ କଷ୍ଟରେ ଆବିଷ୍କାର କରି ଲୋକଲୋଚନକୁ ଆଣି ପାରିଥିଲେ। ଶିଳାଲିପିଟି ୩୦ ଫୁଟ ଲମ୍ବ, ୧୫ ଫୁଟ ଉଚ୍ଚତା ଓ ୧୨ ଫୁଟ ଗୋଲେଇର ଗ୍ରାନାଇଟ୍ ପଥରରେ ରହିଛି। ୨୦ ଫୁଟ ଲମ୍ବ ଓ ୧୬ ଫୁଟ ସ୍ଥାନ ମଧ୍ୟରେ ଶିଳାଲେଖଟି ସୀମାବଦ୍ଧ। ଅକ୍ଷରଗୁଡ଼ିକ ପ୍ରାକୃତ, ଭାଷା ପାଲି ଓ ପ୍ରତ୍ୟେକ ଅକ୍ଷରର ବ୍ୟାସ ୨ ଇଞ୍ଚ। ପଥରର କେତେକ ଅଂଶ ଝଡ଼ିପଡ଼ିଥିବାରୁ ଧାଡ଼ି ସ୍ପଷ୍ଟ ଭାବରେ ପଢ଼ିହେଉନାହିଁ। ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ଏହା ସଂରକ୍ଷିତ। ରାସାୟନିକ ପ୍ରଲେପଦ୍ୱାରା ଅକ୍ଷରଗୁଡ଼ିକର ଅବକ୍ଷୟ ରୋକିବା ପାଇଁ ଉଦ୍ୟମ ହୋଇଛି। ମାତ୍ର ଯେଉଁ ଭଳି ଭାବରେ ପ୍ରାକୃତିକ କ୍ଷୟ ଆରମ୍ଭ ହୋଇଯାଇଛି ଲେଖାଗୁଡ଼ିକ ରକ୍ଷା କରିବା ପାଇଁ ଅଧିକ ଯତ୍ନ ନେବା ଆବଶ୍ୟକ। ଅକ୍ଷରଗୁଡ଼ିକ କ୍ଷତିଗ୍ରସ୍ତ ସ୍ଥାନ ହନୁମାନଙ୍କ ଚିତ୍ରଭଳି ଦେଖାଗଲାଣି। ଭାରତ ସରକାରଙ୍କ ପକ୍ଷରୁ ଏଠାରେ ଚାରିଜଣ ଜଗୁଆଳୀ ନିଯୁକ୍ତ ହୋଇଛନ୍ତି। ଦୁଇଜଣ ନିୟମିତ ଓ ଅନ୍ୟ ଦୁଇଜଣ ଦୈନିକ ମଜୁରୀରେ କାର୍ଯ୍ୟ କରୁଛନ୍ତି। ଶିଳାଲେଖର ପାଖ ଅନ୍ୟ ଏକ ଉଚ୍ଚସ୍ଥାନକୁ ଦେଖାଇ ସେଠାରେ ଏକ ମଠ ଓ ସନ୍ୟାସୀମାନେ ରହୁଥିବାର ଲୋକେ କହିଥାନ୍ତି। ମାତ୍ର ଏବେ ସେଠାରେ କେହି ରହୁନାହାନ୍ତି। ଶିଳାଲିପି ପାଖକୁ ଯିବାକୁ ସେପରି ଭଲ ରାସ୍ତା ନାହିଁ। ସେଠାରେ ଥିବା ସୁନ୍ଦର ଆମ୍ରକାନନ ହିଁ ସ୍ଥାନଟିର ଶୋଭା ବର୍ଦ୍ଧନ କରୁଥିଲା ମାତ୍ର ୧୯୯୯ ବାତ୍ୟାରେ ଏହାର ବହୁଗଛ ଉପୁଡ଼ିଯାଇଛି। ନନ୍ଦିଆଗଡ଼ ଏକ ବଡ଼ ଜନପଦ ଓ ଏହି ସ୍ଥାନଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ପଥରା ନାମରେ ଆହୁରି ଏକ ଜନପଦ ଦେଖାଯାଏ। ଜଉଗଡ଼ ନିକଟସ୍ଥ ଅଶୋକଙ୍କ ଶିଳାଲିପିଠାରୁ ଏହି ଏହି ଗ୍ରାମ ସମୂହ ପ୍ରାୟ ପାଞ୍ଚ କିଲୋମିଟର ବ୍ୟବଧାନରେ ରହିଛି। ଏଠାରୁ ଆସିକାର ଦୂରତା ପଶ୍ଚିମକୁ ସରଳରେଖାରେ ପ୍ରାୟ ୧୮ କିଲୋମିଟର ହେବ। ଆସିକ ନଗର ଅଶୋକଙ୍କ ନାମରୁ ଆସିଥିବା କୁହାଯାଇପାରେ। ଜଉଗଡ଼ର ନିକଟରେ ଅଛି ବୁଦ୍ଧଖୋଲ ଓ ରଷିକୁଲ୍ୟା ନଦୀର କୂଳରେ ଅଛି ତାରାତାରିଣୀ ପୀଠ। ଉଭୟ ସ୍ଥାନ ବୌଦ୍ଧ ସଂସ୍କୃତି ସହ ଜଡ଼ିତ। ପାଣ୍ଡିରି ପଡ଼ା ଭଳି ବୌଦ୍ଧ ଦେବୀମାନଙ୍କ ନାମରେ କେତେକ ଜନପଦ ଏହି ଅଞ୍ଚଳରେ ରହିଛି। ବିଗତ ବନ୍ଦୋବସ୍ତବେଳେ ଏହାର ବହୁ ନାମକୁ ଲିଭାଇ ଦିଆଯାଇ ସେଠାରେ ନୂତନ ନାମକରଣ କରାଯାଇଛି। କଳିଙ୍ଗ ସମ୍ରାଟ ଖାରବେଳଙ୍କ ଉଦୟଗିରି ହାତୀଗୁମ୍ଫା ଶିଳାଲିପିର ୬ଷ୍ଠ-୭ମ ଧାଡ଼ିରେ ଉଲ୍ଲେଖ ଅଛି ଯେ ରାଜତ୍ୱର ପଞ୍ଚମ ବର୍ଷରେ ନନ୍ଦରାଜାଙ୍କ ଦ୍ୱାରା ତିନିଶତବର୍ଷ ପୂର୍ବରୁ ଖୋଳାଯାଇଥିବା ଜଳପ୍ରଣାଳୀକୁ ସେ ତଉସୂଳୀୟଠାରୁ ରାଜଧାନୀକୁ ପ୍ରବେଶ କରାଇଥିଲେ। ସେହିଭଳି ୧୧ ଧାଡ଼ିରେ ନନ୍ଦ ରାଜାଙ୍କ ଦ୍ୱାରା ଅପହୃତ କଳିଙ୍ଗର ଜିନାସନକୁ ସେ ମଗଧ ବିଜୟ କରି ଆଣିପାରିଥିଲେ। ତେଣୁ ଖାରବେଳଙ୍କ ପୂର୍ବରୁ ନନ୍ଦବଂଶ ରାଜାଙ୍କ ଦ୍ୱାରା କଳିଙ୍ଗ ନିଶ୍ଚିତ ଭାବେ ଶାସିତ ହେଉଥିଲା। ଏହି ନନ୍ଦବଂଶ କିଏ ଓ କେଉଁଠାରୁ ଆସିଥିଲେ ତାହା ଗବେଷଣା ସାପେକ୍ଷ। ତେବେ ମଗଧର ଶାସକ ମହାପଦ୍ମନନ୍ଦଙ୍କୁ ନନ୍ଦବଂଶ ସହିତ ଯୋଡ଼ିଦିଆଯାଇଥାଏ। ଖାରବେଳଙ୍କ ରାଜତ୍ୱର ତିନିଶତ ବର୍ଷ ଗଣନା କଲେ ମଗଧରେ ଏହି ନନ୍ଦବଂଶ ରାଜତ୍ୱ କରୁଥିବାର ଜଣାଯାଏ। ଶିଳାଲେଖ ଧାଡ଼ି ୧୧-୧୨ ଲେଖା ଅଛି ଯେ "ଦ୍ୱାଦଶ ବର୍ଷେ ଉତ୍ତରପଥ ରାଜ୍ୟ ସମୂହର ରାଜାମାନଙ୍କୁ ଶତସହସ୍ର ସୈନ୍ୟ ଚାଳନା କରାଇ ଭୟଭୀତ କରାଇଥିଲେ। ହସ୍ତୀ ଓ ଅଶ୍ୱମାନଙ୍କୁ ଗଙ୍ଗାରେ ପାଣିପିଆଇ ମଗଧରେ ବିପୁଳ ଭୟ ସୃଷ୍ଟି କରିଥିଲେ। ନନ୍ଦ ରାଜା ନେଇଥିବା କଳିଙ୍ଗର ଜୀନାସନ ଓ ତାଙ୍କ ଦ୍ୱାରା ଅପହୃତ ରତ୍ନ ସହ ମଗଧ ଓ ଅଙ୍ଗର ରାଜକୋଷ ସଙ୍ଗରେ ନେଇ ଆସିଥିଲେ।" ଏଣୁ ସମ୍ରାଟ ଖାରବେଳଙ୍କ ପୂର୍ବରୁ କଳିଙ୍ଗରୁ ଅପହୃତ କଳିଙ୍ଗ ଜୀନଙ୍କୁ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ। ପ୍ରଥମ ଥର ନନ୍ଦବଂଶ ଓ ଦ୍ୱିତୀୟରେ ସମ୍ରାଟ ଅଶୋକଙ୍କ ଦ୍ୱାରା କଳିଙ୍ଗ ଦୁଇଥର ଆକ୍ରମିତ ହୋଇ ଶାସିତ ହୋଇଛି। ତେଣୁ ନନ୍ଦବଂଶ ଅଧିନରେ କଳିଙ୍ଗ କିଛିଦିନ ରହିବା ପରେ ପୁନଶ୍ଚ ସ୍ୱାଧୀନ ହୋଇଛି ବା ଅନ୍ୟ କାହାଦ୍ୱାରା ଅଧିକୃତ ହୋଇଛି। ତା ପରେ ଅଶୋକଙ୍କ ଆକ୍ରମଣରେ କଳିଙ୍ଗ ଅଧିକ କ୍ଷତିଗ୍ରସ୍ତ ହୋଇଛି ଓ ଶେଷରେ ଖାରବେଳ ପ୍ରତିଶୋଧ ପରାୟଣ ହୋଇ ମଗଧ ଆକ୍ରମଣ କରି ହୃତସମ୍ପତ୍ତି ଫେରାଇ ଆଣିଛନ୍ତି। ସେତେବେଳେ ଭାରତର ଉତ୍ତର ପଶ୍ଚିମାଞ୍ଚଳକୁ ଉତ୍ତରପଥ କୁହାଯାଉଥିଲା। ଏହି କଳିଙ୍ଗ ଜୀନ କଣ? ଏ ସମ୍ପର୍କରେ ଆଲୋଚନା କରାଗଲେ ଦେଖାଯାଏ ଯେ ସେତେବେଳେ କଳିଙ୍ଗରେ ଜୈନଧର୍ମର ପ୍ରବଳତା ରହିଥିଲା। ତେଣୁ ସେହି ଧର୍ମର ପ୍ରତୀକଙ୍କୁ କଳିଙ୍ଗ ଜୀନ ଭାବେ ଗ୍ରହଣ କରାଯାଇଥିଲା ଓ ସେ ଥିଲେ କଳିଙ୍ଗର ସମ୍ମାନ ତଥା ରାଷ୍ଟ୍ରଦେବତା। ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ ହିଁ ରାଷ୍ଟ୍ର ବା ଜାତିର ଗଣଦେବତା ହୋଇ ରହି ଆସିଥିବା ଇତିହାସରେ ଦେଖାଯାଏ। ଗୋଟିଏ ଜାତିର ଆରାଧ୍ୟ ଦେବତା ଭାବେ ଶ୍ରୀଜଗନ୍ନାଥଙ୍କୁ ଯେଉଁଭଳି ମାନ୍ୟତା ଦିଆଯାଇ ଆସିଛି ତାହା ଅନ୍ୟତ୍ର ବିରଳ। ଜୀନନାଥରୁ ଜଗନାଥ ଓ ଶେଷରେ ସେ ହିଁ ଜଗନ୍ନାଥ ଭାବେ ବିଦିତ। ଜୈନ୍ୟ, ବୌଦ୍ଧ, ଶାକ୍ତ ସମ୍ପ୍ରଦାୟର ସେ ପ୍ରମୁଖ ଦେବତା। କଳିଙ୍ଗର ରାଷ୍ଟ୍ରଦେବତା ଭାବେ ନନ୍ଦବଂଶଦ୍ୱାରା ଅପହୃତ ହେବାପରଠାରୁ କଳିଙ୍ଗବାସୀ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ବାରଂବାର ଉଦ୍ୟମ କରିଆସିଥିବା ଜଣାଯାଏ।

ଭବ୍ୟ ଚନ୍ଦନ ଯାତ୍ରାରେ ପ୍ରଭୁଙ୍କ ଦିବ୍ୟାଦି ବେଶ

ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ, ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ମହାପ୍ରଭୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର। ତାହାଙ୍କ ରହସ୍ୟକୁ ବୁଝିବା ପାଇଁ ଯହିଁ ଦେବ ଓ ଦାନବ ଅସମର୍ଥ; ସେହି ରହସ୍ୟମୟଙ୍କ ରହସ୍ୟକୁ କିପରି ବା ସାଧାରଣ ମଣିଷ ବୁଝି ପାରିବ! ତେଣୁ ପୁରାଣରେ କୁହାଯାଇଛି: ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ। ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟାଃ॥ ମହାବାହୁ କେବଳ ରହସ୍ୟମୟ ଠାକୁର ନୁହଁନ୍ତି; ସେ ହେଉଛନ୍ତି ଭାବବିନୋଦିଆ ଭକ୍ତ ବତ୍ସଳ ଭାବଗ୍ରାହୀ ମଧ୍ୟ। ମହାପ୍ରଭୁ ନିଜ ଭକ୍ତଙ୍କ ଲାଗି ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରିଚାଲିଛନ୍ତି। କାଳିଆ ସାଆନ୍ତ ନିଜର ଭକ୍ତ, ସେବକ ଓ ପତିତ ଜନଙ୍କୁ କୋଳେଇ ନେବା ପାଇଁ ସ୍ୱଦେହରେ ଶ୍ରୀମନ୍ଦିରରୁ ରଥକୁ ଆସନ୍ତି । ପୁଣି କେତେବେଳେ ନିଜର ଚଳନ୍ତି ପ୍ରତିମାକୁ ଅବିର ଖେଳିବା ପାଇଁ ଆଜ୍ଞା ଦେଇଥାନ୍ତି ଏବଂ ପୁଣି କେତେବେଳେ ସଂସାରବାସୀଙ୍କୁ ଉତ୍ତାପରୁ ଶାନ୍ତି ଦେବା ଲାଗି ଚନ୍ଦନ ଯାତ୍ରାର ଆୟୋଜନ କରିଥାନ୍ତି। ଏଥି ପାଇଁ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ତଥା ପରମ ବୈଷ୍ଣବ ନିଜର ବସନ୍ତରାସରେ ଉଲ୍ଲେଖ କରିଛନ୍ତି ଯେ : 'ଦୋଳେ ତୁ ଦୋଳ ଗୋବିନ୍ଦଂ ଚାପେ ତୁ ମଧୁସୂଦନମ୍ ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ॥ ଶ୍ରୀମନ୍ଦିରରେ ବାର ମାସରେ ତେର ଯାତ୍ରା ଅନୁଷ୍ଠିତ ହୋଇଥାଏ। ସେଥିମଧ୍ୟରୁ ଚାପ ବା ଚନ୍ଦନଯାତ୍ରା, ଯାହା ସବୁ ଯାତ୍ରାମାନଙ୍କ ମଧ୍ୟରୁ ବହୁଦିନ ପର୍ଯ୍ୟନ୍ତ ଅର୍ଥାତ୍ ୪୨ ଦିନ ଧରି ରୀତିନୀତି ସହକାରେ ପାଳନ କରାଯାଏ। ଏହି ଯାତ୍ରାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଉଛି ବାହାର ଚନ୍ଦନ ଯାତ୍ରା। ଯାହା ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ୨୧ଦିନ ପର୍ଯ୍ୟନ୍ତ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ବିଧି ବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ସେ'ପରି ଦ୍ୱିତୀୟଟି ହେଉଛି ଭିତର ଚନ୍ଦନ ଯାତ୍ରା, ଯାହା ଜ୍ୟେଷ୍ଠ କୃଷ୍ଣ ନବମୀ ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ୨୧ଦିନ ଯାଏଁ ଶ୍ରୀମନ୍ଦିର ଭିତରେ ପାଳନ କରାଯାଏ। ଉଭୟର ନାମ ଚନ୍ଦନ ଯାତ୍ରା ହୋଇଥିଲେ ମଧ୍ୟ ରୀତିନୀତିରେ ଭିନ୍ନତା ରହିଛି। ବାହାର ଚନ୍ଦନ ଯାତ୍ରା ସମୟରେ ପ୍ରତିଦିନ ଶ୍ରୀମନ୍ଦିରର ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ରାମକୃଷ୍ଣ ଏବଂ ପାଞ୍ଚ ପାଣ୍ଡବ ରୂପୀ ପଞ୍ଚ ମହାଦେବ ଯଥା: ଯମେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେଶ୍ୱର ଓ ନୀଳକଣ୍ଠେଶ୍ୱର ବିମାନରେ ବସି ବଡ଼ଦେଉଳରୁ ନରେନ୍ଦ୍ରକୁ ଆସିଥାନ୍ତି। ଏଥି ପୂର୍ବରୁ ଏହି ପୁଷ୍କରିଣୀ କୂଳରେ ଏକ ଛାମୁଣ୍ଡିଆ ତିଆରି ହୋଇ ରହିଥାଏ। ସେହି ଛାମୁଣ୍ଡିଆ ତଳେ ଦଶଗୋଟି ଚଳନ୍ତି ପ୍ରତିମାଙ୍କୁ ଅବସ୍ଥାପିତ କରାଯାଇ ରୂପା ପିଙ୍ଗଣରେ ଥିବା ସୁବାସିତ ଜଳ ଦ୍ୱାରା ପଦଧୌତ କରାଯାଏ । ଏହାପରେ ଦୁଇଟି ସୁସଜ୍ଜିତ ନୌକା ବା 'ଚାପ' ଆସିଥାଏ। ଯା'ର ନାମ ନନ୍ଦା ଓ ଭଦ୍ରା। ନନ୍ଦା ନାମକ ଚାପରେ ମହାପ୍ରଭୁ ଶ୍ରୀମଦନମୋହନ, ମାଆ ଶ୍ରୀଦେବୀ ଓ ମାଆ ଭୂଦେବୀ ବିରାଜମାନ କରନ୍ତି । ସେପରି ଭଦ୍ରାରେ ଶ୍ରୀରାମକୃଷ୍ଣ (ବଳଭଦ୍ରଙ୍କ ପ୍ରତିମା) ଏବଂ ପାଞ୍ଚ ପାଣ୍ଡବଙ୍କ ବିଗ୍ରହ ବିଜେ କରିବା ପରେ ଉଭୟ ଚାପରେ ବସିଥିବା ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ଘେରାଏ ବୁଲି ଆସିଥାନ୍ତି। ଏହାପରେ ସ୍ନାନରୀତି ନିମନ୍ତେ କୁଣ୍ଡମାନଙ୍କରେ ଚନ୍ଦନ, କର୍ପୂର, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ ଓ ସୁଗନ୍ଧରାଜ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତ କରାଯାଏ। ସେହି କୁଣ୍ଡର ସୁବାସିତ ସୁଶୀତଳ ଜଳରେ ଠାକୁର ମାନଙ୍କୁ ଅବଗାହନ କରାଯାଏ। ଏହାକୁ କୁହାଯାଏ ଦିବସ ଚାପ।

ଦିବସ ଚନ୍ଦନ ଯାତ୍ରା ଶେଷ ଏକୋଇଶ ଦିନରୁ କୋଡ଼ିଏ ଦିନ ଯାଏଁ ମଦନମୋହନଙ୍କୁ ପ୍ରତ୍ୟେକ ଦିନ ନୂଆ ନୂଆ ବେଶ କରାଯାଇଥାଏ। ସେହି ବେଶ ଗୁଡ଼ିକ ହେଉଛି: ନଟବର ବେଶ ଯାହା ଅକ୍ଷୟ ତୃତୀୟାରେ ହୋଇଥାଏ । ସେ'ପରି ହରିଜନ୍ମ ବେଶ ଚତୁର୍ଥୀରେ, ରାଜାଧିରାଜ ବେଶ ପଞ୍ଚମୀରେ, ଖଟଦୋଳି ବେଶ ଷଷ୍ଠୀରେ, ଗୋମତୀ କୃଷ୍ଣ ବେଶ ସପ୍ତମୀରେ, ବସ୍ତ୍ରାଚାରଣ ବେଶ ଅଷ୍ଟମୀରେ, ବସ୍ତ୍ରାହରଣ ବେଶ ନବମୀରେ, ଅଘାସୁର ବଧ ବେଶ ଦଶମୀରେ, ଚକ୍ର ନାରାୟଣ ବେଶ ଏକାଦଶୀରେ, ନାବକେଳି ବେଶ ଦ୍ୱାଦଶୀରେ, ରାହାସମଣ୍ଡଳି ବେଶ ତ୍ରୟୋଦଶୀରେ, ନୃସିଂହ ବେଶ ଚତୁର୍ଦ୍ଦଶୀରେ, କନ୍ଦର୍ପ ରଥ ବେଶ ବୈଶାଖ ପୂର୍ଣ୍ଣିମାରେ, ଷଡ଼ଭୂଜ ଗୌରାଙ୍ଗ ବେଶ ଜ୍ୟେଷ୍ଠ କୃଷ୍ଣ ପ୍ରତିପଦାରେ, ରଘୁନାଥ ବେଶ ଦ୍ୱିତୀୟାରେ, ଗିରିପୂଜା ବେଶ ତୃତୀୟାରେ, ଗିରିଟେକା ବେଶ ଚତୁର୍ଥୀରେ, ବସ୍ତ୍ରହରଣ ବେଶ ପଞ୍ଚମୀରେ, ଚିନ୍ତାମଣି କୃଷ୍ଣ / ମଦନମୋହନ ବେଶ ଷଷ୍ଠୀରେ,ଗଜ ଉଦ୍ଧାରଣ ବେଶ ସପ୍ତମୀରେ ଓ କୁଞ୍ଜବିହାରୀ ବେଶ କୃଷ୍ଣ ଅଷ୍ଟମୀରେ କରାଯାଇଥାଏ। ଏପରି ପ୍ରତ୍ୟେକ ଦିନର ଚାପ ବେଶ ପରେ ରାତ୍ର ଚାପ ନୀତି ବଢ଼ିଥାଏ। ରାତ୍ରୀ ଚାପରେ ଦୁଇ ଚାପ ସହ ଅନ୍ୟ ଏକ ବଜନ୍ତୀ ନୌକା ବିହରଣରେ ବ୍ୟବହୃତ ହୋଇଥାଏ । ବଜନ୍ତୀ ନୌକାରେ ଜଣେ ଘଣ୍ଟୁଆ, ଜଣେ କାହାଳିଆ, ଜଣେ ତେଲିଙ୍ଗି ବାଜା ବାଦନ ରହିଥାନ୍ତି ଏବଂ ସେମାନଙ୍କ ସହ ଜଣେ ସେବାୟତ ପୋଲାଙ୍ଗ ତେଲର ଦିହୁଡ଼ୀ ଧରିଥାନ୍ତି। ଦିବସ ଚାପରେ ଗୋଟିଏ ଘେରା ଶେଷ ହେଉଥିବାବେଳେ ରାତ୍ରୀ ଚାପରେ ତିନି ଘେରା ବୁଲିଥାନ୍ତି ଚଳନ୍ତି ପ୍ରତିମାମାନେ ଓ ରାତ୍ରୀ ଚାପ ନୀତି ବଢ଼ିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ଫେରି ଆସିଥାନ୍ତି। ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ବା ୨୧ ତମ ଦିନ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ପ୍ରତିନିଧି ଦେବତା ମଦନମୋହନ, ରାମକୃଷ୍ଣ ଓ ପଞ୍ଚ ମହାଦେବ ୨୧ ଘେରା 'ଭଉଁରୀ' ବା ଜଳକ୍ରୀଡ଼ା କରିଥାନ୍ତି। ଏହାକୁ ଭଉଁରୀ ଯାତ୍ରା କୁହାଯାଏ। ଏହି ସମୟରେ ପୁରୀକୁ ବହୁ ସଂଖ୍ୟାରେ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦିବ୍ୟ ମାନବୀୟ ଲୀଳା ଦେଖି କୃତାର୍ଥ ହୋଇଥାନ୍ତି। ଏ ଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଓଡ଼ିଶାର କଳା, ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ। ଯାହା ଦୀର୍ଘ ୪୨ ଦିନ ଧରି ଚାଲୁଥିବା ପର୍ବ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଥିବା ପ୍ରେମ ଓ ଭକ୍ତିର ଅନୁଭବକୁ ବଢ଼ାଇବା ସହ ଆନନ୍ଦ ପ୍ରଦାନ କରିଥାଏ।

ଯେଉଁଠାରୁ ଆସିଥାଉ, ସେଠାକୁ ହିଁ ଫେରିଯିବା

ଡ଼ଃ. ବିଜୟଲକ୍ଷ୍ମୀ ଶତପଥୀ
ଖରିଆର ରୋଡ଼, ନୂଆପଡ଼ା

ଆମେ ଯେଉଁଠାରୁ ଆସିଥାଇଁ, ସେଠାକୁ ଫେରିଯିବା ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ, ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରିତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ହିଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିବ। ଜୀବନର ଏକମାତ୍ର ଧ୍ୟେୟ ହେଉଛି ଆତ୍ମସାକ୍ଷାତକାର ବା ପରମ ମୁକ୍ତି। ପ୍ରତ୍ୟେକ ବ୍ୟକ୍ତିର ଅନ୍ତର ହେଉଛି ଦେବତ୍ୱ ବା ଈଶ୍ୱରତ୍ୱର ଚିର ନିବାସସ୍ଥଳ। ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ଅନ୍ତର ମଧ୍ୟରେ ଈଶ୍ୱରତ୍ୱ ଉଦଘାଟିତ କରି ପ୍ରଦର୍ଶନ କରିବା। ଜୀବନର ଉଦ୍ଦେଶ୍ୟ ହେଉଛି ସମସ୍ତ ପ୍ରକାର ପୃଥକ ବ୍ୟକ୍ତିତ୍ୱ ପରିହାର କରି ଭଗବତ୍ ପାଦରେ ଲୀନ ହୋଇଯିବା। ଭଗବାନ ଶ୍ରୀସତ୍ୟସାଇ ବାବା କୁହନ୍ତି, ତୁମ ପ୍ରତି ହୋଇଥିବା ଅପକାର ଓ ତୁମେ ଅନ୍ୟ ପାଇଁ କରିଥିବା ଉପକାରକୁ ଭୁଲିଯାଅ। ଭଗବାନଙ୍କ ଏହି ଦୁଇଧାଡ଼ି ଉପଦେଶ ଜଣେ ଅଧ୍ୟାତ୍ମ ପିପାସୁ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ଆମର ଭାବନା ଖୁବ ଭଲ ଥିଲେ ମଧ୍ୟ, ଆମର ଅନିଚ୍ଛା ସତ୍ତ୍ୱେ ବେଳେ ବେଳେ କିଛି ଲୋକଙ୍କ ସହ ଆମ ସମ୍ପର୍କରେ ତିକ୍ତତା ଆସିଯାଏ। ଏସବୁ କ୍ଷେତ୍ରରେ କ୍ୱଚିତ ସେମାନେ ବୁଝିବାରେ ସମର୍ଥ ଥାଆନ୍ତି ଏବଂ ଆମର କ୍ଷତି ପହଞ୍ଚାଇ ଥାଆନ୍ତି। ସାଧାରଣତଃ ଆମେ ଆମ ପ୍ରତି ହୋଇଥିବା ଅପକାରକୁ ଭୁଲି ପାରି ନଥାଉ। ସବୁବେଳେ ତାଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସୁଯୋଗର ଅପେକ୍ଷା କରିବସୁ। କିନ୍ତୁ ଭଗବାନ ବାବା କହନ୍ତି, ଅନ୍ୟମାନେ ତୁମ ପ୍ରତି କରିଥିବା ଅପକାରକୁ ଭଲିଯାଅ। ଆମ ପ୍ରତି ହୋଇଥିବା ଅପକାରକୁ ଭୁଲିବା ପାଇଁ ଆମକୁ କ୍ଷମା ଗୁଣର ଅଧିକାରୀ ହେବାକୁ ପଡ଼ିବ। ଯୀଶୁ ସେହି ମହାନ ଗୁଣରେ ଭୂଷିତ ଥିଲେ। ତାଙ୍କର ଏହି ଗୁଣ ଯୋଗୁଁ ସେ ତାଙ୍କୁ କ୍ରୁଶବିଦ୍ଧ କରୁଥିବା ଲୋକମାନଙ୍କୁ କ୍ଷମା କରିଦେବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। ତେଣୁ ଆମକୁ ଯୀଶୁଙ୍କ ଭଳି ହୃଦୟର ଅଧିକାରୀ ହେବାକୁ ହେବ। ଏହା ବ୍ୟତିରେକ ଯଦି ଆମେ ସବୁବେଳେ ଆମ ପ୍ରତି ହୋଇଥିବା ଅପକାରକୁ ମନେ ପକାଉଥିବା, ତେବେ କ୍ରୋଧ, ଅହଂକାର, ଘୃଣା, ଈର୍ଷା ଭଳି ନକାରାତ୍ମକ ଭାବନା ମନକୁ କବଳିତ କରି ରଖିବ ଏବଂ ଆମର ଅନେକ ଦିନର ଆଧାତ୍ମିକ ସାଧନାକୁ ନଷ୍ଟ କରିଦେବ। ଆହୁରି ମଧ୍ୟ ଆମେ ଅନେକ ସମୟରେ ଅନ୍ୟମାନଙ୍କର ଉପକାର କରିଥାଉ। ଏହି ଉପକାର ବଦଳରେ ଆମେ ଚାହୁଁ ଯେ ସେମାନେ ଆମ ପ୍ରତି କୃତଜ୍ଞ ରହନ୍ତୁ। ଯେତେବେଳେ ସେମିତି ହୁଏ ନାହିଁ, ଆମେ ସେମାନଙ୍କ ପ୍ରତି ଖରାପ ଭାବନା ରଖୁ। ଯେଉଁ ମୁହୂର୍ତ୍ତରେ ଏଭଳି ଭାବନା ଆମ ମନକୁ ଆସେ, ଅନ୍ୟ ପ୍ରତି କରିଥିବା ଆମ ଉପକାର ସ୍ୱାର୍ଥ ସହ ଜଡ଼ିତ ହୋଇଯାଏ। ଏହି ଉପକାରକୁ ଆମେ ନିଃସର୍ତ୍ତ, ନିଃସ୍ୱାର୍ଥ ବୋଲି କହିପାରିବା ନାହିଁ। ବରଂ ଆମେ ଭଗବାନଙ୍କ ପ୍ରତି ତଥା ସେବା କରିଥିବା ବ୍ୟକ୍ତିଙ୍କ ପ୍ରତି ନିଜେ କୃତଜ୍ଞ ରହିବା ଉଚିତ ଯେ ଆମକୁ ଏକ ସେବାର ସୁଯୋଗ ପ୍ରଦାନ କରିଛନ୍ତି। କିନ୍ତୁ ସେପରି ଭାବନା ନରଖି ଯଦି ଆମେ ଆମ ଉପକାର ପ୍ରତିବଦଳରେ କୃତଜ୍ଞତା ଭାବର ଆଶା ରଖିବା ଓ ସେହି ଉପକାରକୁ ସବୁବେଳେ ମନେ ରଖିଥିବା ତେବେ ଆମ ମଧ୍ୟରେ ଅହଂକାରର ବୃଦ୍ଧି ହେବ। ପରିମାଣତଃ ତାହା ଆମ ସାଧନା ପଥରେ ବାଧକ ହେବ। ତେଣୁ ଅନ୍ୟ ପ୍ରତି କରିଥିବା ଉପକାରକୁ ମଧ୍ୟ ଆମକୁ ଭୁଲିଯିବାକୁ ହେବ। ଭଗବାନ ବାବାଙ୍କ ପ୍ରତିଟି ଉପଦେଶ ଆମର ଆନନ୍ଦମୟ ଜୀବନ ସୁନିଶ୍ଚିତ କରେ। ଆହୁରି ମଧ୍ୟ ଅନ୍ୟର ଦୁଃଖରେ ଦୁଃଖୀ ହେବା ତ ସହଜ, କିନ୍ତୁ ଯେତେବେଳେ ଅନ୍ୟର ଖୁସିରେ ଖୁସି ହେବାର କଳା ଶିଖିଯିବା ତେବେ ଆନନ୍ଦମୟ ଜୀବନର ମନ୍ତ୍ର ଆମେ ଜାଣିଯିବା।

ସମ୍ପାଦକଙ୍କୁ ଚିଠି

ଆପଣଙ୍କ ମତାମତ

ମହାଶୟ,

ଜିତୁଙ୍କ ପାଇଁ ବଦଳୁଛି ଡିଆନାଳୀର ଚିତ୍ର ଖବର ପ୍ରକାଶ ପାଇବା ପରେ ସ୍ପଷ୍ଟ ଅନୁମେୟ ଯେ, କୌଣସି ଗୋଟେ ଅଘଟଣ / ଦୁର୍ଘଟଣା ନ ଘଟିଲେ, ଯାହା ଜଣେ ସାଧାରଣ ନାଗରିକର ସାଧାରଣ ପ୍ରାପ୍ୟ, ତାହା ତାକୁ ମିଳି ନଥାଏ। "ଡିଆନାଳୀ" ଗାଁ ଟିର ନିଶ୍ଚୟ ଜଣେ ସରପଞ୍ଚ ମହାଶୟ ଥିବେ। ନଳକୂପ ମରାମତିର ଦାୟିତ୍ୱ ତ ଗ୍ରାମ ପଞ୍ଚାୟତର। ଲୋକେ ତାଙ୍କୁ ଭୋଟ ବି ଦେଇଛନ୍ତି ଓ ସରକାର ଦେଇଛନ୍ତି ଅର୍ଥ ଓ କର୍ମଚାରୀ। କିନ୍ତୁ ସାଧାରଣ ଲୋକଙ୍କ ପାଇଁ ସମସ୍ତଙ୍କ ଆଖି ଓ କାନ ବନ୍ଦ। ଏଥିପାଇଁ ସରପଞ୍ଚଙ୍କୁ ସରକାର କଣ ଦାୟୀ କରିବା ଉଚିତ ହେବନି? ତାଙ୍କ ଏ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ କ'ଣ ହବା ଉଚିତ ନୁହେଁ? ଯଦି ସମସ୍ତଙ୍କର ସବୁ ଭୁଲକୁ ଆମେ "ଚଳେଇ ନବା"ତେବେ କର୍ମଚାରୀଟିଏ ଦାୟିତ୍ୱବାନ କାହିଁକି ହେବେ?

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇଏଏସ, ନିଳାଦ୍ରୀବିହାର, ଭୁବନେଶ୍ୱର

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ମଇ ୨୦୨୬ ବୁଧବାର

ଶ୍ରୀମନ୍ଦିରର ମେଘନାଦ ପାଚେରୀରେ ଥିବା ଚାରୋଟି ମୁଖ୍ୟ ଦ୍ୱାର

ପୁରୀ ଶ୍ରୀମନ୍ଦିରର ମେଘନାଦ ପାଚେରୀରେ ଥିବା ଚାରୋଟି ମୁଖ୍ୟ ଦ୍ୱାର କେବଳ ସାଧାରଣ ପ୍ରବେଶ ପଥ ନୁହେଁ ବରଂ ଏହା ମନୁଷ୍ୟ ଜୀବନର ଚାରୋଟି ମୁଖ୍ୟ ଲକ୍ଷ୍ୟ (ଚତୁର୍ବର୍ଗ)-ଧର୍ମ, ଅର୍ଥ, କାମ ଏବଂ ମୋକ୍ଷର ପ୍ରତୀକ ଅଟେ। ପ୍ରତ୍ୟେକ ଦ୍ୱାରର ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଦିଗ ଏବଂ ଗଭୀର ରହସ୍ୟ ରହିଛି।

ନିମ୍ନରେ ପ୍ରତ୍ୟେକ ଦ୍ୱାରର ନାମ ଓ ଏହାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରାଗଲା: ୧. ସିଂହ ଦ୍ୱାର (ପୂର୍ବ ଦ୍ୱାର) – ଧର୍ମର ପ୍ରତୀକ ଅନ୍ୟ ନାମ: ଧର୍ମ ଦ୍ୱାର ବା ଭକ୍ତି ମାର୍ଗ

ମହତ୍ତ୍ୱ: ଏହା ହେଉଛି ଶ୍ରୀମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର। ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ବିଶାଳ ସିଂହ ମୂର୍ତ୍ତି ରହିଛନ୍ତି। ସିଂହକୁ ଶକ୍ତି, ଅହଂକାର ନାଶକ ଏବଂ ଧର୍ମର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ଦର୍ଶନାର୍ଥୀମାନେ ନିଜର ପାପ ଓ ଅହଙ୍କାର ତ୍ୟାଗ କରି ଧର୍ମ ପଥରେ ଭଗବାନଙ୍କ ନିକଟରେ ସମର୍ପିତ ହେବା ପାଇଁ ଏହି ଦ୍ୱାର ଦେଇ ଯାଇଥାନ୍ତି। ପରମ୍ପରା: ସାଧାରଣ ଭକ୍ତ, ତୀର୍ଥଯାତ୍ରୀ ଏବଂ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଦ୍ୱାର ଦେଇ ପ୍ରବେଶ କରନ୍ତି। ରଥଯାତ୍ରା ସମୟରେ ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ଏହି ଦ୍ୱାର ଦେଇ ପହଣ୍ଡି ବିଜେ କରିଥାନ୍ତି। ପବିତ୍ର ବାଇଶି ପାହାଚ ମଧ୍ୟ ଏହି ମାର୍ଗରେ ପଡ଼ିଥାଏ। ୨. ଅଶ୍ୱ ଦ୍ୱାର (ଦକ୍ଷିଣ ଦ୍ୱାର) – ଅର୍ଥର ପ୍ରତୀକ ଅନ୍ୟ ନାମ: ଅର୍ଥ ଦ୍ୱାର ବା ବିଜୟ ମାର୍ଗ ମହତ୍ତ୍ୱ: ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ଅଶ୍ୱ ବା ଘୋଡ଼ାର ମୂର୍ତ୍ତି ରହିଛି। ଅଶ୍ୱ ହେଉଛି କ୍ଷମତା, ଐଶ୍ୱର୍ଯ୍ୟ, ଗତିଶୀଳତା ଏବଂ ବିଜୟର ପ୍ରତୀକ। କାଞ୍ଚି ଅଭିଯାନ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଅଶ୍ୱାରୋହୀ ହୋଇ ଯୁଦ୍ଧକୁ ଯାଇଥିବାର ଐତିହାସିକ ସ୍ମୃତି ମଧ୍ୟ ଏହା ବହନ କରେ। ପରମ୍ପରା: ପ୍ରାଚୀନ କାଳରେ ଗଜପତି ମହାରାଜାମାନେ କୌଣସି ଯୁଦ୍ଧ ବା ରାଜ୍ୟ ବିଜୟ ଲକ୍ଷ୍ୟରେ ଯିବା ପୂର୍ବରୁ ଏହି ଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରୁଥିଲେ। ଧନ ଏବଂ ପ୍ରାଚୁର୍ଯ୍ୟର କାମନା କରୁଥିବା ବ୍ୟକ୍ତିମାନେ ଏହି ମାର୍ଗର ବ୍ୟବହାର କରିବାର ବିଧି ରହିଛି। ୩. ବ୍ୟାଘ୍ର ଦ୍ୱାର (ପଶ୍ଚିମ ଦ୍ୱାର) – କାମର ପ୍ରତୀକ ଅନ୍ୟ ନାମ : କାମ ଦ୍ୱାର ମହତ୍ତ୍ୱ: ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ବାଘ ବା ଶାର୍ଦ୍ଦୁଳ ମୂର୍ତ୍ତି ରହିଛି। ବ୍ୟାଘ୍ର ହେଉଛି ତେଜ, କାମନା ଏବଂ ଇଚ୍ଛାଶକ୍ତିର ପ୍ରତୀକ। ତେଣୁ ଏହାକୁ ସାଧନାର ମାର୍ଗ ମଧ୍ୟ କୁହାଯାଏ। ପରମ୍ପରା: ଜନଶ୍ରୁତି ଓ ପରମ୍ପରା ଅନୁଯାୟୀ, ସାଧୁସନ୍ଥ, ତାନ୍ତ୍ରିକ, ବାମାଚାରୀ ଏବଂ ଯୋଗୀମାନେ ନିଜର ଆଧ୍ୟାତ୍ମିକ ସାଧନା ତଥା ମନର କାମନା ଓ ବାସନାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥାନ୍ତି। ୪. ହସ୍ତୀ ଦ୍ୱାର (ଉତ୍ତର ଦ୍ୱାର) – ମୋକ୍ଷର ପ୍ରତୀକ ଅନ୍ୟ ନାମ: ମୋକ୍ଷ ଦ୍ୱାର ବା ଦେବଯାନ ମାର୍ଗ ମହତ୍ତ୍ୱ:ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ଦୁଇଟି ହାତୀ ମୂର୍ତ୍ତି ବିଦ୍ୟମାନ। ହସ୍ତୀ ଜ୍ଞାନ, ଶାନ୍ତି, ବୁଦ୍ଧି ଏବଂ ମୋକ୍ଷର ପ୍ରତୀକ ଅଟେ। ହିନ୍ଦୁ ଧର୍ମରେ ମୋକ୍ଷ ହେଉଛି ଜୀବନର ଅନ୍ତିମ ଲକ୍ଷ୍ୟ, ଯାହା ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତି ପ୍ରଦାନ କରେ। ପରମ୍ପରା: ଏହାକୁ 'ଦେବଯାନ ମାର୍ଗ' କୁହାଯାଏ, କାରଣ ସାଧାରଣତଃ ବିଶ୍ୱାସ ରହିଛି ଯେ ସ୍ୱର୍ଗର ୩୩ କୋଟି ଦେବତାମାନେ ଏହି ଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତି। ଅନ୍ୟ ଏକ ବିଶେଷ ଦିଗ ହେଲା, ନବକଳେବର ସମୟରେ ମହାପ୍ରଭୁଙ୍କର ନୂତନ ବିଗ୍ରହ ନିର୍ମାଣ ପାଇଁ ଅଣାଯାଉଥିବା ପବିତ୍ର 'ଦାରୁ' କେବଳ ଏହି ଉତ୍ତର ଦ୍ୱାର ଦେଇ କୋଇଲି ବୈକୁଣ୍ଠକୁ ଅଣାଯାଇଥାଏ। ଶ୍ରୀମନ୍ଦିରର ଏହି ଚାରୋଟି ଦ୍ୱାର ପ୍ରକୃତରେ ମାନବ ଜୀବନର ଏକ ସମ୍ପୂର୍ଣ୍ଣ ଚକ୍ରକୁ ଦର୍ଶାଏ। ଧର୍ମ ପଥରେ ଚାଲି, ଉଚିତ୍ ମାର୍ଗରେ ଅର୍ଥ ଉପାର୍ଜନ କରି, ନିଜର କାମନା ବାସନାକୁ ଶୁଦ୍ଧ କରି ଶେଷରେ ମୋକ୍ଷ ବା ପରମ ଗତି ପ୍ରାପ୍ତି କରିବା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିରେ ଥିବା ଏହି ଦ୍ୱାରଗୁଡ଼ିକର ପ୍ରକୃତ ରହସ୍ୟ।

ଖାଦ୍ୟ ଖୁଆଇବା ପାଇଁ ପିଲାଙ୍କୁ ଫୋନ୍ ଦେଖାଉଛନ୍ତି କି? ସାବଧାନ, ବଢ଼ିପାରେ ଏହି ରୋଗର ଆଶଙ୍କା

ଆଜିକାଲି ପିଲାମାନଙ୍କୁ ଖାଇବାକୁ ଦେବା ସମୟରେ ମୋବାଇଲ୍ ଫୋନ୍ ଦେବା ଏକ ସାଧାରଣ ଅଭ୍ୟାସ ହୋଇଗଲାଣି। କାନ୍ଦୁଥିବା ଶିଶୁକୁ ଶାନ୍ତ କରିବା ଠାରୁ ନେଇ ତାକୁ କିଛି ସମୟ ପାଇଁ ବ୍ୟସ୍ତ ରଖିବା ପର୍ଯ୍ୟନ୍ତ, ସ୍କ୍ରିନ୍ ଏକ ସହଜ ସମାଧାନ ପରି ମନେହୁଏ। କିନ୍ତୁ ବର୍ତ୍ତମାନ ଏହାକୁ ନେଇ ଡାକ୍ତର ଏବଂ ଗବେଷକମାନେ ସ୍ପଷ୍ଟ ଚେତାବନୀ ଦେଉଛନ୍ତି। ସ୍କ୍ରିନ୍ ଏକ୍ସପୋଜର, ବିଶେଷକରି ଏକ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ, ବିପଦପୂର୍ଣ୍ଣ ହୋଇପାରେ ଏବଂ ତିନି ବର୍ଷ ବୟସ ସୁଦ୍ଧା ଅଟିଜିମ୍ ଭଳି ଲକ୍ଷଣ ଦେଖାଯିବାର ଆଶଙ୍କା ବଢ଼ାଇପାରେ। ଦିଲ୍ଲୀର ଏମ୍ସ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଛୋଟ ପିଲାମାନେ ଡିଜିଟାଲ୍ ସ୍କ୍ରିନର ପ୍ରଭାବ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି ଯେ ୧୮ ମାସରୁ କମ୍ ବୟସର ପିଲାମାନଙ୍କୁ ସ୍କ୍ରିନ୍ ଠାରୁ ଦୂରେଇ ରଖିବା ଉଚିତ ଏବଂ ଆଦର୍ଶ ଭାବରେ, ତିନି ବର୍ଷ ବୟସ ପର୍ଯ୍ୟନ୍ତ। ଡାକ୍ତରମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସ୍କ୍ରିନ୍ ସମୟ ଏବଂ କ୍ଲିନିକାଲ୍ ଅଟିଜିମ୍ ମଧ୍ୟରେ ଏକ ସିଧାସଳଖ କାରଣ ଏବଂ ପ୍ରଭାବ ସମ୍ପର୍କ ପ୍ରମାଣିତ ହୋଇନାହିଁ, କିନ୍ତୁ 'ଭର୍ଚୁଆଲ୍ ଅଟିଜିମ୍' ଭଳି ଲକ୍ଷଣ ଦେଖାଯିବାର ଆଶଙ୍କା ବଢ଼ିପାରେ। ଏମ୍ସ ରାୟପୁରର ଗବେଷକମାନେ ପାଞ୍ଚ ବର୍ଷରୁ କମ୍ ବୟସର ୨,୮୫୭ ଜଣ ପିଲାଙ୍କର ଏକ ମେଟା-ବିଶ୍ଲେଷଣ କରିଥିଲେ। ଏହା ପ୍ରକାଶ କରିଥିଲା ଯେ ପିଲାମାନଙ୍କର ହାରାହାରି ସ୍କ୍ରିନ୍ ସମୟ ପ୍ରତିଦିନ ୨.୨୨ ଘଣ୍ଟା ଥିଲା, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ କରାଯାଇଥିବା ଦୈନିକ ପରିମାଣର ପ୍ରାୟ ଦୁଇଗୁଣ। ପିତାମାତାମାନେ ପ୍ରାୟତଃ ସେମାନଙ୍କ ପିଲାମାନଙ୍କୁ ଶାନ୍ତ କରିବା, କ୍ରୋଧକୁ ନିୟନ୍ତ୍ରଣ କରିବା କିମ୍ବା ନିଜକୁ କିଛି ସମୟ ଦେବା ପାଇଁ ସ୍କ୍ରିନ୍ ଆଡକୁ ଯାଆନ୍ତି। ଯଦିଓ ଏହି ପଦ୍ଧତି ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରେ, ଏହା ଦୀର୍ଘକାଳୀନ ଭାବରେ ପିଲାର ମାନସିକ ବିକାଶକୁ ପ୍ରଭାବିତ କରିପାରେ। ଅନ୍ୟ ଏକ ଅଧ୍ୟୟନରେ ୧୫୦ ଜଣ ଅଟିଜିମ୍ ଥିବା ପିଲା ଏବଂ ୩ ରୁ ୧୮ ବର୍ଷ ବୟସର ୫୦ ଜଣ ସାଧାରଣ ପିଲାଙ୍କୁ ସାମିଲ କରାଯାଇଥିଲା। ଏହି ଗବେଷଣା କେବଳ ସ୍କ୍ରିନ୍ ଏକ୍ସପୋଜର ନୁହେଁ ବରଂ ଡିଭାଇସ୍ ନିଶା ଏବଂ ଏହାର ମାନସିକ ଏବଂ ଆଚରଣଗତ ପ୍ରଭାବକୁ ମଧ୍ୟ ଦେଖିଥିଲା। ଏହା ଏକ କ୍ରସ୍-ସେକ୍ସନାଲ୍ ଅଧ୍ୟୟନ ଥିଲା, ଅର୍ଥାତ୍ ପିଲାମାନଙ୍କ ଠାରୁ ତଥ୍ୟକୁ ଗୋଟିଏ ସମୟରେ ବିଶ୍ଲେଷଣ କରାଯାଇଥିଲା, ତେଣୁ ଦୀର୍ଘକାଳୀନ ପ୍ରଭାବ ଉପରେ ସମ୍ପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିନାହିଁ। ଗବେଷଣାରୁ ଜଣାପଡିଛି ଯେ ଅଟିଜିମ୍ ଲକ୍ଷଣ ଥିବା ପିଲାମାନେ କମ୍ ବୟସରେ ଅଧିକ ସ୍କ୍ରିନ୍ ସମୟ ବିତାନ୍ତି। ଯଦିଓ ପ୍ରାରମ୍ଭିକ ସ୍କ୍ରିନ୍ ସମୟ ଏବଂ ଅଟିଜିମ୍ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ଅଛି, ଏହାକୁ ସିଧାସଳଖ କାରଣ ଭାବରେ ବିବେଚନା କରାଯାଇନାହିଁ।

ପେଟ ଗରମ ହେବାରୁ ମୁକ୍ତି ଦିଏ ଏହି ମସଲା

ଆଜିକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ବର୍ଦ୍ଧିତ ଗରମ ଶରୀରରେ ପାଣି ଏବଂ ଇଲେକ୍ଟ୍ରୋ - ଲାଇଟ୍ସ ହ୍ରାସ ପାଏ, ଯାହା ଫଳରେ ଥକାପଣ, ପେଟ ପୋଡ଼ିବା, ଦୁର୍ବଳତା, ମୁଣ୍ଡ ବିନ୍ଧା ଏବଂ ଗାଢ଼ ହଳଦିଆ ପରିସ୍ରା ଭଳି ଲକ୍ଷଣ ଦେଖାଯାଏ। ଏହାକୁ ଏଡାଇବା ପାଇଁ, ଦିନସାରା ପାଣି ପିଅନ୍ତୁ। ପାଣି ବ୍ୟତୀତ, ଆପଣଙ୍କ ଖାଦ୍ୟରେ ଏମିତି କିଛି ମସଲା ସାମିଲ କରନ୍ତୁ। ଏହି ମସଲା ମିଶ୍ରିତ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ରୋକିବାରେ ସାହାଯ୍ୟ ମିଳିବ। ଆସନ୍ତୁ ଜାଣିବା ସେହି ମସଲାଗୁଡ଼ିକ କ'ଣ। ପାନମହୁରି: ପାନମହୁରି ଶରୀରକୁ ଥଣ୍ଡା କରିବା, ପେଟର ଗରମକୁ କମାଇବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବା ପାଇଁ ଜଣାଶୁଣା। ଗ୍ରୀଷ୍ମ ଋତୁରେ ଏହାକୁ ସେବନ କରିବା ଦ୍ୱାରା ଅଂଶୁଘାତକୁ ଏଡାଇବା ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଧନିଆ ବିହନ: ଧନିଆ ମଧ୍ୟ ଶରୀରରେ ପିତ୍ତ ଏବଂ ଉତ୍ତାପକୁ ଶାନ୍ତ କରିବା ପାଇଁ ଏକ ଆୟୁର୍ବେଦିକ ଉପଚାର। ଏହାକୁ ସେବନ କରିବା ଦ୍ୱାରା ପେଟର ଜ୍ୱଳନ ହ୍ରାସ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ। ଗୁଜୁରାତି: ଗ୍ରୀଷ୍ମ ଋତୁରେ ଗୁଜୁରାତି ଶରୀରକୁ ଥଣ୍ଡା କରେ। ଏହା ଏସିଡିଟି, ପେଟ ଫୁଲିବା ଏବଂ ପାଚନ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ଏହାକୁ ସବୁ ଋତୁରେ ସେବନ କରାଯାଇପାରିବ। ପୁଦିନା: ପୁଦିନାର ଏକ ଶୀତଳତା ପ୍ରଭାବ ମଧ୍ୟ ଅଛି, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିବା ଏବଂ ପେଟର ଗରମକୁ ଶାନ୍ତ କରିବା ପାଇଁ ଉତ୍କୃଷ୍ଟ। ଏଥିରେ ମେନ୍ଥଲ ନାମକ ଏକ ଉପାଦାନ ଥାଏ, ଯାହା ପେଟ ଯନ୍ତ୍ରଣା, ଏସିଡିଟି, ବଦହଜମୀ ଏବଂ ଗ୍ୟାସରୁ ତୁରନ୍ତ ଆରାମ ପ୍ରଦାନ କରେ। ଆମଚୁର: ଆମଚୁର ମସଲା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ, ପେଟ ଫୁଲିବା ହ୍ରାସ କରିବାରେ ଏବଂ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଗୁଣ ଯୋଗୁଁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ବାରମ୍ବାର ପଡ଼ିବା ପିଲାର ମସ୍ତିଷ୍କକୁ ପ୍ରଭାବିତ କରେ କି?

ଛୋଟ ପିଲାମାନେ ଖେଳୁଥିବା ସମୟରେ ଏବଂ ନୂଆ ଜିନିଷ ଶିଖିବା ସମୟରେ ପଡ଼ିଯିବା ଏକ ସାଧାରଣ କଥା। ଏହି ବୟସରେ ସେମାନଙ୍କର ସନ୍ତୁଳନ ଏବଂ ଗତିଶୀଳତା ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ, ତେଣୁ ପଡ଼ିଯିବାକୁ ସାଧାରଣ ବୋଲି ବିବେଚନା କରାଯାଏ। ତଥାପି, ଯେତେବେଳେ ଏକ ପିଲା ବାରମ୍ବାର ପଡ଼ିଯାଏ, ଏହା ପିତାମାତାଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ପିଲାମାନେ ଖେଳୁଥିବା ସମୟରେ ଧ୍ୟାନ ଅଭାବରୁ, ଖସିଯିବାରୁ କିମ୍ବା ଶୀଘ୍ର ଚାଲିବାକୁ ଚେଷ୍ଟା କରିବାରୁ ପ୍ରାୟତଃ ପଡ଼ିଯାଆନ୍ତି, ଯାହା ସେମାନଙ୍କ ଶିଖିବା ପ୍ରକ୍ରିୟାର ଏକ ଅଂଶ। ତଥାପି, ପ୍ରତ୍ୟେକ ପଡ଼ିବା ସ୍ୱାଭାବିକ ନୁହେଁ, ଏବଂ କିଛି କ୍ଷେତ୍ରରେ ଏହା ପଛରେ ଏକ କାରଣ ଥାଇପାରେ। ତେଣୁ, ପିଲାର ଆଚରଣ ଏବଂ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ଜାଣିବା ଯେ ବାରମ୍ବାର ପଡ଼ିବା ପିଲାମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରେ କି ନାହିଁ ଏବଂ କେବେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ବାରମ୍ବାର ପଡ଼ିବା କ'ଣ ପିଲାର ମସ୍ତିଷ୍କକୁ ପ୍ରଭାବିତ କରିପାରେ? ବାରମ୍ବାର ପଡ଼ିଯିବା ଦ୍ୱାରା ପିଲାର ମସ୍ତିଷ୍କ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ବଢ଼ିଥାଏ। ଛୋଟ ପଡ଼ିବା ସାଧାରଣତଃ ଗୁରୁତର ସମସ୍ୟା ସୃଷ୍ଟି କରେ ନାହିଁ, ବିଶେଷକରି ଯଦି ପିଲାଟି ସକ୍ରିୟ ଥାଏ ଏବଂ ସାଧାରଣ ଭାବରେ ବ୍ୟବହାର କରୁଥାଏ। ତଥାପି, ଯଦି ପଡ଼ିଯିବା ଫଳରେ ମୁଣ୍ଡରେ ଆଘାତ ଲାଗେ, ତେବେ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ବାରମ୍ବାର ମୁଣ୍ଡ ଆଘାତ କେତେକ କ୍ଷେତ୍ରରେ ସମସ୍ୟାକୁ ଆହୁରି ଖରାପ କରିପାରେ, ତେଣୁ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ନେବା ଗୁରୁତ୍ୱପୂର୍ଣ୍ଣ। ପିଲାଟିର ସନ୍ତୁଳନ, ଚାଲିବା ଏବଂ ପ୍ରତିଫଳନ ସ୍ୱାଭାବିକ ହେବା ନିଶ୍ଚିତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦି କୌଣସି ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଭଲ। କେଉଁ ଲକ୍ଷଣଗୁଡ଼ିକ ଚିନ୍ତାର କାରଣ ହୋଇପାରେ? ଯଦି ଆପଣଙ୍କ ପିଲା କୌଣସି ସ୍ପଷ୍ଟ କାରଣ ବିନା ବାରମ୍ବାର ପଡ଼ିଯାଉଛି, ତେବେ ଏହା ଚିନ୍ତାର କାରଣ ହୋଇପାରେ। ଯଦି ସେମାନେ ମୁଣ୍ଡ ବୁଲାଉଛନ୍ତି, ଦୁର୍ବଳ ହେଉଛନ୍ତି, କିମ୍ବା ସନ୍ତୁଳନ ରକ୍ଷା କରିବାରେ ଅସୁବିଧା ଅନୁଭବ କରୁଛନ୍ତି, ତେବେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହା ସହିତ, ପଡ଼ିଯିବା ପରେ ପିଲାର ଆଳସ୍ୟ, ଲଗାତାର କାନ୍ଦିବା କିମ୍ବା ଆଚରଣରେ ହଠାତ୍ ପରିବର୍ତ୍ତନ ମଧ୍ୟ ଲକ୍ଷଣ ହୋଇପାରେ। ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ। କେତେବେଳେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ? ଯଦି ଆପଣଙ୍କ ପିଲା ବାରମ୍ବାର ପଡ଼ିଯାଉଛି ଏବଂ ବିଶେଷକରି ମୁଣ୍ଡରେ ଆଘାତ ପାଉଛି, ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଯଦି ପଡ଼ିବା ପରେ ବାନ୍ତି ହୁଏ, ଗୁରୁତର ମୁଣ୍ଡବିନ୍ଧା ହୁଏ କିମ୍ବା ଚେତାଶୂନ୍ୟ ହୁଏ, ତେବେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉଚିତ। ଯଦି ପିଲାଟି ଚାଲିବାରେ ଅସ୍ୱାଭାବିକତା ଦେଖାଉଛି କିମ୍ବା ତା'ର କାର୍ଯ୍ୟକଳାପରେ ପରିବର୍ତ୍ତନ ହେଉଛି, ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ସମୟ ମଧ୍ୟରେ ଉପଯୁକ୍ତ ଚିକିତ୍ସା ଦିଆଯାଇପାରିବ।

ଝିଟିପିଟି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି କି? ଆପଣାନ୍ତୁ ଏହି ଉପାୟ

କାନ୍ଥ ଉପରେ ଝିଟିପିଟି ଚାଲିବାରୁ ଆପଣଙ୍କ କାନ୍ଥ ଖରାପ ହେଉଛି କି? ଏହି ସରଳ ଉପାୟଗୁଡ଼ିକ ଚେଷ୍ଟା କରନ୍ତୁ, ସେମାନେ ପଳାଇଯିବେ! ଆପଣ ମଧ୍ୟ ଝିଟିପିଟି ଉପରେ ବିରକ୍ତ ହେଉଛନ୍ତି କି ? ଯଦି ହଁ, ତେବେ ଆଜି ଆମେ ସେମାନଙ୍କୁ ଦୂର କରିବା ପାଇଁ କିଛି ପ୍ରଭାବଶାଳୀ ଉପାୟ ଆପଣଙ୍କୁ କହିବୁ। ଆପଣଙ୍କ ଘରେ ମଧ୍ୟ ଝିଟିପିଟି ରହୁଛି କି? ଯଦି ଆପଣ କାନ୍ଥରେ ଦେଖାଯାଉଥିବା ଝିଟିପିଟିକୁ ଦୂର କରିବାକୁ ଚାହାଁନ୍ତି, ତେବେ ଏହି ଉପାୟଗୁଡ଼ିକୁ ନିଶ୍ଚୟ ଚେଷ୍ଟା କରନ୍ତୁ। ଆପଣ ପିଆଜ ବ୍ୟବହାର କରିପାରିବେ: ପ୍ରଥମେ ଏକ ଛୋଟ ପିଆଜ କାଟନ୍ତୁ। ପରେ ଏକ ସୂତା ଦେଇ ପିଆଜକୁ ଭେଦ କରି କାନ୍ଥରେ ଟାଙ୍ଗିଦିଅନ୍ତୁ। ପିଆଜ ଝିଟିପିଟିକୁ ଦୂରେଇ ରଖିବାରେ ପ୍ରଭାବଶାଳୀ ହୋଇପାରେ। ଏହା ଏକ ସରଳ ଏବଂ ସହଜ ଉପାୟ। ଏକ ଛୋଟ ପ୍ଲେଟରେ କିଛି ଡେଟଲ୍ ଢାଳନ୍ତୁ। ତା'ପରେ ସେଥିରେ କର୍ପୁର ଖଣ୍ଡ ମିଶାନ୍ତୁ। ଏହି ମିଶ୍ରଣରେ ଏକ ତୁଳା ବୁଡ଼ାଇ, ଏକ ସେଫ୍ଟି ପିନ୍ ସାହାଯ୍ୟରେ କାନ୍ଥ କିମ୍ବା ପରଦାରେ ଟାଙ୍ଗନ୍ତୁ। ଆପଣ ଚାହିଁଲେ ଘରେ ହିଁ ଝିଟିପିଟି ପ୍ରତିରୋଧକ ସ୍ପ୍ରେ ପ୍ରସ୍ତୁତ କରିପାରିବେ। ପ୍ରଥମେ ଗୋଟିଏ ପିଆଜ ଏବଂ ଚାରି ପାଖୁଡା ରସୁଣକୁ ପେଷି ଏହାର ରସ ଛାଣନ୍ତୁ। ପରେ ଏକ ସ୍ପ୍ରେ ବୋତଲରେ ଏହି ରସକୁ କିଛି ଡେଟଲ୍, ଲବଙ୍ଗ ଗୁଣ୍ଡ ଏବଂ କିଛି ଗୋଲମରିଚ ଗୁଣ୍ଡ ସହିତ ମିଶାନ୍ତୁ। ଏହି ମିଶ୍ରଣକୁ ଯେଉଁଠାରେ ଝିଟିପିଟି ଅଧିକ ଦେଖାଯାଏ ସେଠାରେ ସ୍ପ୍ରେ କରନ୍ତୁ ଏବଂ ଫଳାଫଳ ଦେଖନ୍ତୁ।

ଇନ୍‌ହେଲରର ବିକଳ୍ପ ହେବ କି ଲୁନ୍‌ସେକିମିଗ୍

୨୦୧୯ ସୁଦ୍ଧା ସାରା ବିଶ୍ୱରେ ୨୬୨ ନିୟୁତ ଆଜ୍‌ମା ବା ଶ୍ୱାସରୋଗୀ ଚିହ୍ନଟ ହୋଇଥିବା ପରିସଂଖ୍ୟାନରୁ ଜଣାପଡ଼େ। ବିଶ୍ୱର ସମୁଦାୟ ଆଜ୍‌ମା ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୩ ପ୍ରତିଶତ ହେଉଛନ୍ତି ଭାରତୀୟ। ପୃଥିବୀର ରୋଗୀ ସଂଖ୍ୟା ତୁଳନାରେ ଆମ ଦେଶରେ ଯଥେଷ୍ଟ କମ୍ ରୋଗୀ ଥିଲେ ମଧ୍ୟ ଏହା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିବାରେ ଲାଗିଛି। ଯେଉଁ ଆଜ୍‌ମା ରୋଗୀମାନେ ଇନ୍‌ହେଲର ଉପରେ ନିର୍ଭର କରୁଛନ୍ତି, ଲୁନ୍‌ସେକିମିଗ୍ ନାମକ ନୂତନ ଔଷଧ ଏହାର ବିକଳ୍ପ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି? ଏହା କିପରି ଜଣେ ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ, ଆସନ୍ତୁ ତା' ଉପରେ ଆଲୋକପାତ କରିବା। ଲୁନ୍‌ସେକିମିଗ୍ ନାମରେ ଜଣାଶୁଣା ଔଷଧ ହେଉଛି ଏକ ନିର୍ଦ୍ଦିଷ୍ଟ ଫର୍ମୁଲେସନ, ଯାହାକୁ ଶ୍ୱାସନଳୀ ପ୍ରଦାହର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଛି। କାରଣ ପ୍ରଦାହ ଯୋଗୁଁ ଟିସୁର କ୍ଷତି ହୋଇଥାଏ। ଲୁନ୍‌ସେକିମିଗ୍ ହେଉଛି ଏକ ନୂତନ ପେଣ୍ଟାଭାଲେଣ୍ଟ୍ ନାନୋବଡି, ଯାହା ଆଜ୍‌ମା ଓ ଶ୍ୱାସକ୍ରିୟାଜନିତ ରୋଗରେ ନଷ୍ଟ ହେଉଥିବା ଟିସୁକୁ ସୁରକ୍ଷା ଦିଏ। ଟିଏସ୍‌ଏଲ୍‌ପି ଓ ଆଇଏଲ୍-୧୩ ଆଲର୍ଜକୁ ଲୁନ୍‌ସେକିମିଗ୍ ଏକା ସାଙ୍ଗରେ ବ୍ଲକ୍ କରିଥାଏ। ଲୁନ୍‌ସେକିମିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ଗମ୍ଭୀର ଆଜ୍‌ମା ପୀଡ଼ିତ ୧୧୪୭ ଜଣ ବୟସ୍କଙ୍କ ଉପରେ ଏହାର ପରୀକ୍ଷଣ କରାଯାଇଥିଲା। ଶ୍ୱାସନଳୀର ପ୍ରଦାହ କମାଇବା ସହ ଫୁସ୍‌ଫୁସ୍‌ର କାର୍ଯ୍ୟକଳାପରେ ଉନ୍ନତି ଆଣିବା ଦିଗରେ ଏହା ସକାରାତ୍ମକ ଫଳ ଦେଇଥିଲା। ଏହି ଔଷଧ ସୁରକ୍ଷିତ ବୋଲି ମଧ୍ୟ ଜଣାପଡ଼ିଛି। ଇଓସିନୋଫିଲିକ୍ ଫେନୋଟାଇପ୍ ଥିବା ସିଓପିଡି ରୋଗୀଙ୍କଠାରେ ଏହାକୁ ପରୀକ୍ଷା କରାଯାଉଛି। ଏହାର ପରିଚାଳନା ପାଇଁ ବିଶ୍ୱର ୨୫୨ଟି ସ୍ଥାନ ଚୟନ କରାଯାଇଥିଲା। ଫ୍ରାକ୍ସନାଲ୍ ଇନ୍‌ହେଲ୍ଡ ନାଇଟ୍ରିକ୍ ଅକ୍ସାଇଡ୍ ହ୍ରାସ କରିବା, ଫୁସ୍‌ଫୁସ୍‌ର କାର୍ଯ୍ୟ ଉନ୍ନତ କରିବା ଓ ଫ୍ଲେୟାର-ଅପ୍ ସମସ୍ୟା କମାଇବା ଦିଗରେ ଏହା କାମ କରୁଥିବା ଫଳାଫଳରୁ ଜଣାପଡ଼ିଛି।

ଆମ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଆଜ୍‌ମା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏଭଳି କ୍ଷେତ୍ରରେ ରୋଗର ଚିକିତ୍ସା ପାଇଁ ଲୁନ୍‌ସେକିମିଗ୍ ଔଷଧ କାମରେ ଆସିପାରେ। ଏବେ ଶ୍ୱାସନଳୀର ପ୍ରଦାହର ଚିକିତ୍ସା ପାଇଁ ବ୍ୟବହୃତ ଇନ୍ ?ହିଲ୍ ?ଡ କୋର୍ଟିକୋଷ୍ଟେରୋଏଡ୍ ବା ବାୟୋଲୋଜିକ୍ସ? ଔଷଧକୁ ବର୍ତ୍ତମାନ ଆଜ୍‌ମା ଚିକିତ୍ସାରେ ବ୍ୟବହାର କରାଯାଉଛି। ଏହା ରୋଗୀଙ୍କ ଶରୀରରେ ଆଜ୍‌ମାର ପ୍ରଭାବ ଓ ଗମ୍ଭୀରତା ବିରୋଧରେ ଲଢ଼ିଥାଏ। ଇନ୍‌ହେଲର ବ୍ୟବହାର କମାଇବାରେ ଲୁନ୍‌ସେକିମିଗ୍ ସହାୟକ ହୋଇପାରେ ବୋଲି ଗବେଷକ ଚିନ୍ତା କରୁଛନ୍ତି। କାରଣ ଔଷଧ ଶ୍ୱାସନଳୀରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଇନ୍‌ହେଲର ଉପକରଣ ପାଖରେ ରଖିବା ଦରକାର ହୋଇଥାଏ। ଇନ୍‌ହେଲର ସ୍ୱଳ୍ପମିଆଦୀ ଆଶ୍ୱସ୍ତି ପ୍ରଦାନ ସହ ଶ୍ୱାସନଳୀର ପ୍ରଦାହ କମ୍ ? କରିଥାଏ। ଏଥିସହିତ ଶ୍ୱାସରୁଦ୍ଧ ହେଲା ଭଳି ପରିସ୍ଥିତିରେ ତୁରନ୍ତ ଆରାମ ଦେଇଥାଏ। ଲୁନ୍‌ସେକିମିଗ୍ ଭଳି ପ୍ରଭାବଶାଳୀ ଔଷଧ ଏହାର ସ୍ଥାନ ନେଇପାରିବ ବୋଲି କୁହାଯାଉଛି।

ଏହାର ପରୀକ୍ଷଣ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଅଛି ଓ ଆଜ୍‌ମା ରୋଗୀଙ୍କ ଉପରେ ଏହା କିଭଳି ପ୍ରଭାବ ପକାଉଛି, ତାହା ପ୍ରମାଣ କରି ଜାଣିବାକୁ ଅଧିକ ପରୀକ୍ଷଣର ଆବଶ୍ୟକତା ରହିଛି। ଏହି ଔଷଧ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ। ଶ୍ୱାସଜନିତ ରୋଗର ପ୍ରଭାବ କମାଇବାକୁ ଏହାର ସୁରକ୍ଷିତ ଆବଣ୍ଟନ ପାଇଁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଅବଶ୍ୟକ। ତେବେ ଯେଉଁମାନେ ଇନ୍‌ହେଲର ମାଧ୍ୟମରେ ଶୀଘ୍ର ଆରାମ ପାଇପାରୁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଲୁନ୍‌ସେକିମିଗ୍ ଖୁବ୍ ? ଶୀଘ୍ର କାମ କରିବ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ସମ୍ପୂର୍ଣ୍ଣ ପରୀକ୍ଷଣ ଓ ସରକାରୀ ଘୋଷଣା ପରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ।

କ'ଣ କୀଟନାଶକ କ୍ୟାନ୍ସର କରିଥାଏ? ଜାଣନ୍ତୁ ଫଳ ଓ ପନିପରିବାରୁ କିପରି ବାହାର କରିବେ ରାସାୟନିକ ପଦାର୍ଥ

ଆଜିକାଲି ଲୋକମାନେ ଫଳ ଏବଂ ପନିପରିବା ଖାଇବାକୁ ମଧ୍ୟ ଭୟ କରୁଛନ୍ତି। କାରଣ ଖାଦ୍ୟ-ପାନୀୟରେ ମିଶ୍ରଣର ପରିମାଣ ଅନେକ ବିପଦପୂର୍ଣ୍ଣ ରୋଗ ସୃଷ୍ଟି କରୁଛି। ଚାଷରେ କ୍ଷତିକାରକ କୀଟନାଶକ ବ୍ୟବହାର କରାଯାଉଛି। ନିକଟରେ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ଅଞ୍ଚଳରେ କୀଟନାଶକ ବହୁଳ ଭାବରେ ବ୍ୟବହୃତ ହୁଏ ସେଠାରେ ରହୁଥିବା ଲୋକଙ୍କ ମଧ୍ୟରେ କିଛି ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା ୧୫୦ ପ୍ରତିଶତ ବଢ଼ିପାରେ।ଏହା ସହିତ, କୀଟନାଶକ ଯୁକ୍ତ ଫଳ, ପନିପରିବା ଏବଂ ଶସ୍ୟ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ରାୟପୁରର କର୍କଟ ବିଶେଷଜ୍ଞ ଡକ୍ଟର ଜୟେଶ ଶର୍ମା କହିଛନ୍ତି ଯେ, କୀଟନାଶକ ଦୁଇଟି ଗୋଷ୍ଠୀର ଲୋକଙ୍କୁ ଭିନ୍ନ ଭାବରେ ପ୍ରଭାବିତ କରେ। ପ୍ରଥମ ଗୋଷ୍ଠୀ ହେଉଛି ଚାଷୀ, ଯେଉଁମାନେ ଫସଲରେ କୀଟନାଶକ ସିଞ୍ଚନ କରନ୍ତି। ଏହି ଲୋକମାନଙ୍କ ମଧ୍ୟରେ ଦୀର୍ଘକାଳୀନ କୀଟନାଶକ ସଂସ୍ପର୍ଶରେ ରହିବା ଦ୍ୱାରା ଲ୍ୟୁକେମିଆ ଏବଂ ଲିମ୍ଫୋମା ଭଳି କର୍କଟ ରୋଗରେ ଆକ୍ରାନ୍ତ ହେବାର ସ୍ପଷ୍ଟ ପ୍ରମାଣ ମିଳିଛି। କିନ୍ତୁ, ଯେଉଁମାନେ କେବଳ ଖାଦ୍ୟ ମାଧ୍ୟମରେ କୀଟନାଶକର ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ପରିସ୍ଥିତି ଭିନ୍ନ। ଡାକ୍ତର କହିଛନ୍ତି ଯେ ଦୁଇ ପ୍ରକାରର କୀଟନାଶକ ଅଛି। ପୁରୁଣା ଅର୍ଗାନୋକ୍ଲୋରିନ୍ କୀଟନାଶକ, ଯେପରିକି ଡଡଟି, ବର୍ତ୍ତମାନ ନିଷିଦ୍ଧ। ଏହି ଯୌଗିକଗୁଡ଼ିକ ଦଶନ୍ଧି ଧରି ମାଟିରେ ରହିଥାଏ। ଗଛଲତାଗୁଡ଼ିକ ସେମାନଙ୍କର ମୂଳ ମାଧ୍ୟମରେ ସେଗୁଡ଼ିକୁ ଶୋଷିତ କରନ୍ତି ଏବଂ ତା'ପରେ ସେମାନେ ଫଳ ଏବଂ ପନିପରିବା ପାଖରେ ପହଞ୍ଚନ୍ତି। ଏହି ଫଳ ଏବଂ ପନିପରିବା ଖାଇବା ଦ୍ୱାରା ସ୍ତନ କର୍କଟ ଏବଂ କିଛି ପ୍ରଜନନ ଅଙ୍ଗ କର୍କଟ ହେବାର ଆଶଙ୍କା ବଢ଼ିପାରେ।

ଏବେ କୀଟନାଶକର ବ୍ୟବହାର ହ୍ରାସ ପାଇଛି। ବର୍ତ୍ତମାନ ବ୍ୟବହୃତ କୀଟନାଶକର ସେଲଫ ଲାଇଫ୍ ୩-୧୦ ଦିନ ରହିଛି। ତେଣୁ, ଫଳ ଏବଂ ପନିପରିବା ମାଧ୍ୟମରେ ଆମ ଘରେ ପହଞ୍ଚିବା ବେଳକୁ, ସେଗୁଡିକ ନଷ୍ଟ ହୋଇସାରିଥାଏ। ଯଦିଓ ନୂତନ କୀଟନାଶକ ଏବଂ କର୍କଟ ରୋଗ ମଧ୍ୟରେ କୌଣସି ନିର୍ଣ୍ଣାୟକ ଲିଙ୍କ ପ୍ରମାଣିତ ହୋଇନାହିଁ, ତଥାପି ଅଳ୍ପ ପରିମାଣରେ ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା କିଛି ବିପଦ ସୃଷ୍ଟି କରିପାରେ। ପଦ୍ଧତି ୧: ଫଳ ଏବଂ ପନିପରିବାଗୁଡ଼ିକୁ ବହିଯାଉଥିବା ପାଣିରେ ଧୋଇ ଦିଅନ୍ତୁ ଏବଂ ତା'ପରେ ହାତରେ ଘଷି ସଫା କରନ୍ତୁ। ଅନ୍ୟ ଏକ ପଦ୍ଧତି: ଅଧ ଲିଟର ପାଣି ନିଅନ୍ତୁ ଏବଂ ସେଥିରେ ଏକ ଚାମଚ ଲୁଣ ମିଶାନ୍ତୁ। ପନିପରିବାଗୁଡ଼ିକୁ ପାଞ୍ଚ ମିନିଟ୍ ପାଇଁ ପାଣିରେ ବୁଡ଼ାଇ ରଖନ୍ତୁ, ତା'ପରେ ସେଥିରୁ ବାହାର କରି ସଫା ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ। ଅଣ-ମୌସୁମୀ ଫଳ ଏବଂ ପନିପରିବାରେ ଅଧିକ କୀଟନାଶକ ଥାଏ, ତେଣୁ ଋତୁକାଳୀନ ଫଳ ଏବଂ ପନୀପରିବା ଖାଇବାକୁ ଚେଷ୍ଟା କରନ୍ତୁ। ତୃତୀୟ ପଦ୍ଧତି: ପନିପରିବାଗୁଡ଼ିକୁ ପାଣି ଏବଂ ବେକିଂ ସୋଡ଼ାର ଦ୍ରବଣରେ ୧୦ ରୁ ୧୫ ମିନିଟ୍ ପାଇଁ ବୁଡ଼ାଇ ରଖନ୍ତୁ, ତା'ପରେ ପାଣିରେ ଧୋଇ ଦିଅନ୍ତୁ। ସାଧାରଣତଃ ବ୍ୟବହୃତ ହେଉଥିବା ଫଳ ଏବଂ ପନିପରିବା କିଣନ୍ତୁ, କାରଣ ଏଥିରେ କମ୍ କୀଟନାଶକ ଥାଏ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୬ ମଇ, ବୁଧବାର,୨୦୨୬

ଆଇସିସି ଟି୨୦ ର୍ୟାଙ୍କିଂ

ଶୀର୍ଷସ୍ଥାନ ବଜାୟ ରଖିଲା ଭାରତ

ଦୁବାଇ

୩ ଥରର ବିଶ୍ୱକପ୍ ବିଜେତା ଭାରତ ମଙ୍ଗଳବାର ଆଇସିସି ଟି୨୦ ଟିମ୍ ର୍ୟାଙ୍କିଙ୍ଗରେ ଶୀର୍ଷସ୍ଥାନ ବଜାୟ ରଖିଛି। ଗତ ମାର୍ଚ୍ଚରେ ଭାରତ ପ୍ରଥମ ଦଳ ଭାବେ ସଫଳତାର ସହିତ ଟି୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖିବା ସହ ରେକର୍ଡ ତୃତୀୟଥର ପାଇଁ ଟ୍ରଫି ଜିତି ଇତିହାସ ରଚିଥିଲା।

ପ୍ରକାଶିତ ର୍ୟାଙ୍କିଙ୍ଗରେ ୨୦୨୫ ମେ'ଠାରୁ ଖେଳାଯାଇଥିବା ସମସ୍ତ ମ୍ୟାଚ୍ର ୧୦୦ ପ୍ରତିଶତ ଓ ଗତ ଦୁଇବର୍ଷରେ ଖେଳାଯାଇଥିବା ମ୍ୟାଚ୍ର ୫୦ ପ୍ରତିଶତ ଅଂଶ ରହିଛି। ଭାରତ ୨୭୫ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ଇଂଲଣ୍ଡ (୨୬୨) ଓ ଅଷ୍ଟ୍ରେଲିଆ (୨୫୮) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ଟପ୍-୭ ଦଳ ମଧ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ନ୍ୟୁଜିଲାଣ୍ଡ (୨୪୭), ଦକ୍ଷିଣ ଆଫ୍ରିକା (୨୪୪), ପାକିସ୍ତାନ (୨୪୦) ଓ ୱେଷ୍ଟଇଣ୍ଡିଜ୍ (୨୩୩) ଟପ୍-୭ ମଧ୍ୟରେ ରହିଛନ୍ତି। କିନ୍ତୁ ଶ୍ରୀଲଙ୍କା (୨୨୧) ନବମ ସ୍ଥାନକୁ ଖସିଥିବା ବେଳେ ବାଂଲାଦେଶ (୨୨୫) ୮ମ ସ୍ଥାନକୁ ଉଠିଛି। ଆଫଗାନିସ୍ତାନ (୨୨୦) ଦଶମ ସ୍ଥାନରେ ଥିବା ବେଳେ ଜିମ୍ବାୱେ ଓ ଆୟରଲାଣ୍ଡ ଯଥାକ୍ରମେ ଏକାଦଶ ଏବଂ ଦ୍ୱାଦଶ ସ୍ଥାନରେ ରହିଛନ୍ତି।

ସାମସନ୍ଙ୍କ ବିସ୍ଫୋରକ ବ୍ୟାଟିଂ

ଦିଲ୍ଲୀ ବିପକ୍ଷରେ ଚେନ୍ନାଇର ବିଶାଳ ବିଜୟ

ନୂଆଦିଲ୍ଲୀ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୮ତମ ମୁକାବିଲାରେ ଚେନ୍ନାଇ ସୁପର କିଙ୍ଗସର ବିଜୟୀ ହୋଇଛି। ୧୫୬ ରନ୍ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା। ଦଳ ୨ଟି ୱିକେଟ୍ ହରାଇ ୧୫୯ ରନ୍ କରିଛି। ଚେନ୍ନାଇର ସ୍କୋରରେ ପ୍ରାରମ୍ଭିକ ବ୍ୟାଟର ସଞ୍ଜୁ ସାମସନ୍ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସାମସନ ୫୨ଟି ବଲ୍ ଖେଳି ୭ଟି ଚୌକା ଏବଂ ୬ଟି ଛକା ବଳରେ ଅପରାଜିତ ୮୭ ରନ୍ ସଂଗ୍ରହ କରିଛନ୍ତି। କାର୍ତ୍ତିକ ଶର୍ମା ଅପରାଜିତ ୪୧ ରନ୍ କରିଛନ୍ତି।

ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ଯଦିଓ ଭଲ ନଥିଲା, ତଥାପି ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିଥିଲା। ଦଳ ୨୪ ରନ୍ରେ ପ୍ରଥମ ଏବଂ ୪୫ ରନ୍ରେ ଦ୍ୱିତୀୟ ୱିକେଟ୍ ହରାଇଥିଲା। ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ୬ ରନ୍ ଏବଂ ଉର୍ଭିଲ ପଟେଲ୍ ? ୧୭ ରନ୍ କରିଥିଲେ।

ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। ଦିଲ୍ଲୀ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ ସମୀର ରିଜ୍ଭି। ସେ ୨୪ଟି ବଲ୍ ଖେଳି ୪୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ୪ଟି ଛକା ସାମିଲ ରହିଛି। ତିଷ୍ଟାନ ଷ୍ଟବ୍ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ, ଯିଏକି ୩୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ଯୋଡ଼ିଥିଲେ।

ପ୍ରାରମ୍ଭିକ ବ୍ୟାଟର ପାଥୁମ ନିଶଙ୍କା ୧୯ ରନ୍, କେଏଲ୍ ରାହୁଲ ୧୨ ରନ୍, ନିତିଶ ରାଣା ୧୫ ରନ୍, କରୁଣ ନାୟର ୧୩ ରନ୍ ଏବଂ ଆଶୁତୋଷ ଶର୍ମା ୧୪ ରନ୍ ସଂଗ୍ରହ କରିଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ୨୯ ରନ୍ରେ ପ୍ରଥମ ଓ ୩୬ ରନ୍ରେ ଦ୍ୱିତୀୟ ୱିକେଟ୍ର ପତନ ଘଟିଥିଲା। ସେହିପରି ୫୨ ରନ୍ରେ ତୃତୀୟ, ୬୧ ରନ୍ରେ ଚତୁର୍ଥ, ୬୯ ରନ୍ରେ ପଞ୍ଚମ ୱିକେଟ ପଡ଼ିଥିଲା। ଦିଲ୍ଲୀ ୧୩୪ ରନ୍ରେ ଷଷ୍ଠ ଏବଂ ୧୪୯ ରନ୍ରେ ସପ୍ତମ ୱିକେଟ ହରାଇଥିଲା।

ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବେଲଖଣ୍ଡି ଦଳ ଚାମ୍ପିଅନ

କର୍ଲାମୁଣ୍ଡା

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ଅନ୍ତର୍ଗତ ଗାନ୍ଧିନଗର ପଡ଼ାଠାରେ ଗାନ୍ଧିନଗର କ୍ରିକେଟ କମିଟି ପକ୍ଷରୁ ୨ ଦିନଧରି ରାତ୍ରି କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରିଷିଡ଼ା ସରପଞ୍ଚ ସେବତୀ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ବେଲଖଣ୍ଡି ଓ ଆୟୋଜକ ଜେଏନସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେଏନସିସି ଦଳକୁ ପରାସ୍ତ କରି ବେଲଖଣ୍ଡି ଦଳ ଚାମ୍ପିଅନ ହୋଇଥିଲା। ବିଜୟୀ ଓ ଉପ ବିଜୟୀ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରଯାଇଥିଲା।

ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୁବଉଦ୍ୟୋଗପତି ସୁନୀଲ କୁମାର କେଡ଼ିଆ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ କମ୍ବୁପାଣି ସାହୁ, କର୍ଲାମୁଣ୍ଡା ସାମ୍ବାଦିକ ସଂଘ ସଭାପତି ନରୋତ୍ତମ ସେଲମା, ଉପସଭାପତି ସତ୍ୟନାରାୟଣ କୁମାର, ଶିକ୍ଷକ ମିନିକେତନ ସୁନା, ସମାଜସେବୀ ଗଭୀର ସୁନା, ସିଦ୍ଧାର୍ଥ କୁମାର, ମିନୁ ଚନ୍ଦ୍ର ସୁନା, ପରୀକ୍ଷିତ ସିକଚାନ୍ଦ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବେଲଖଣ୍ଡି ଦଳର ବବ୍‌ଲୁ ମ୍ୟାନ ଅଫ ଦ ମ୍ୟାଚ୍ ଓ ଜେଏନସିସି ଦଳର ସୁରଥ କୁମାର ମ୍ୟାନ ଅଫ୍ ଦ ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ଅଜୟ କୁମାର ଓ ବିନାୟକ ସୁନା ଅମ୍ପାୟାର ଦାୟିତ୍ୱ ତୁଲାଇଥିବାବେଳେ ସ୍କୋରବୋର୍ଡ ଆଶିଷ କୁମାର ବାଗ ଓ ଖେଳର ଧାରାବିବରଣୀ ସହିତ ମ୍ୟାଚ୍‌ର ଲାଇଭ ହିମାଂଶୁ ଦୀପ ପ୍ରଦାନ କରୁଥିଲେ।

ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ବିନୋଦ କୁମାର, ପପୁ କୁମାର, ପ୍ରବୀଣ କୁମାର, ଅଶ୍ୱିନୀ ସୁନା, ରାକେଶ କୁମାର, ଶିବୁ କୁମାର, ଅଜୟ କୁମାର, ବୁଲୁ ସୁନା, ସମ୍ପିତ ସୁନା, ପ୍ରିତମ ନାଏକ, ପ୍ରିୟବ୍ରତ ସୁନା, ଚିନ୍ମୟ ସୁନା, ଆକାଶ କୁମାର ଚୁନୁ, ମୁନୁ, ଶ୍ରୀତମ, ବାବୁରା, ନୀତେଶ ସମେତ ଗାନ୍ଧୀନଗରପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

ଆତ୍ମରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ତରଣ ପ୍ରଶିକ୍ଷଣ

କଟକ, ନ୍ୟୁଜ୍‌ବ୍ୟୁରୋ

କଟକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସମିତି ପକ୍ଷରୁ ସନ୍ତରଣ ଏବଂ ବୁଡ଼ିବାରୁ ରକ୍ଷା ପାଇବା କୌଶଳ ସମ୍ବନ୍ଧୀୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଣ୍ଡଳିସ୍ଥିତ ଏନଡିଆରଏଫ କ୍ୟାମ୍ପସଠାରେ ଏହି ତାଲିମ ଶିବିର ଆୟୋଜିତ ହେଉଛି। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୧୪ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଛାତ୍ର ଓ ଛାତ୍ରୀଭାନଙ୍କୁ ପୃଥକ୍ ପୃଥକ୍ ଗ୍ରୁପ୍‌ରେ ବିଭକ୍ତ କରଯାଇ ତାଲିମ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଗ୍ରୁପ୍‌ରେ ପ୍ରାୟ ୪୦ ଜଣ ଲେଖାଏଁ ଛାତ୍ର/ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ପ୍ରତ୍ୟେକ ଗ୍ରୁପ୍‌କୁ ୬ ଦିନ ଲେଖାଏଁ ସନ୍ତରଣ ତାଲିମ ପ୍ରଦାନ କରାଯିବ। ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀ ମାନଙ୍କ ପାଇଁ ମାଗଣାରେ ଖାଦ୍ୟ ଓ ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏନଡିଆରଏଫର ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ଏହି ତାଲିମ ପ୍ରଦାନ କରୁଛନ୍ତି। ଛାତ୍ରଛାତ୍ରୀମାନେ ସନ୍ତରଣ ସମୟରେ ନିଜ ଆତ୍ମରକ୍ଷା କରିପାରିବା ସହ ବିପର୍ଯ୍ୟୟ ସମୟରେ ଅନ୍ୟଙ୍କୁ କିପରି ସହାୟତା କରିପାରିବେ ସେ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଗ୍ରହଣ ଦିଆଯାଉଛି। ଉଦ୍‌ଘାଟନୀ ଦିବସରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ, ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ, ମୁଖ୍ୟ ମେଡିକାଲ ଅଫିସର ଡକ୍ଟର ନବୀନ୍ କୁମାର, ସବ ଇନସପେକ୍ଟର ବାହାଦୁର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ।

ମୁଖ୍ୟମନ୍ତ୍ରୀ କପ୍-୨.୦ : ବାଲେଶ୍ୱର ଏଫ୍‌ସି ଏବଂ ତେଲିପାଳ ଏସଏସଡି ଏଫ୍‌ସି ଚାମ୍ପିଅନ

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ, ବାଲେଶ୍ୱର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁକ୍ତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଷ୍ଠିତ 'ମୁଖ୍ୟମନ୍ତ୍ରୀ କପ୍-୨.୦' କ୍ରୀଡ଼ା ମହୋତ୍ସବର ଉଦ୍‌ଯାପନୀ ସମାରୋହ ଭବ୍ୟ ଭାବେ ଆୟୋଜିତ ହୋଇ ସଫଳତାର ସହ ସମାପ୍ତ ହୋଇଛି। ଗତ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଖୋ-ଖୋ, ଭଲିବଲ୍, କବାଡ଼ି ଓ ଫୁଟବଲ୍ ଇତ୍ୟାଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବାଳକ ଓ ବାଳିକା ଉଭୟ ବିଭାଗରେ ଖେଳାଳିମାନେ ଉତ୍କୃଷ୍ଟ କ୍ରୀଡ଼ା କୌଶଳର ପ୍ରଦର୍ଶନ କରିଥିଲେ।

ବାଳକ ବିଭାଗରେ ବାଲେଶ୍ୱର ଏଫ୍.ସି ଚାମ୍ପିଅନ ହୋଇଥିବାବେଳେ ତେଲିପାଳ ଏସ.ଏସ.ଡି ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି।

ବାଳିକା ବିଭାଗରେ ତେଲିପାଳ ଏସ.ଏସ.ଡି ଏଫ୍.ସି ଚାମ୍ପିୟନ ହୋଇଥିବାବେଳେ ଝାଡ଼େଶ୍ୱର ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର ସଦର ବି.ଡି.ଓ ଉତ୍ତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳମାନଙ୍କୁ ଟ୍ରଫି ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ସହକାରୀ ଜିଲ୍ଲାପାଳ ଅମ୍ଲାନ ନାୟକ ଓ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ତଥା ଓଡ଼ିଶା ଫୁଟବଲ୍ ସଂଘର ଉପ ସଭାପତି ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ।

ଏହା ସହିତ ଉଲ୍ଲେଖନୀୟ ଯେ, ଗତ ଏପ୍ରିଲ ୧୫ ତାରିଖରେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ସଦର ମାନସ କୁମାର ଦତ୍ତ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଦ୍ୱାରା ଏହି କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନ କରାଯାଇ ଥିଲା। ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କପ୍-୨.୦' ଜିଲ୍ଲାର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଏକ ସୁଯୋଗସୂଚକ ମଞ୍ଚ ପ୍ରଦାନ କରୁଛି, ଯାହା ଆଗାମୀଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ଅର୍ଜନରେ ସହାୟକ ହେବ।

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ପକ୍ଷରୁ ଜାତୀୟ ଚାମ୍ପିଅନସିପ୍

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ପକ୍ଷରୁ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜାତୀୟ ଚାମ୍ପିୟନସିପ୍ ୨୦୨୬-୨୭ ଏପ୍ରିଲ୍ ୨୫ରୁ ମେ' ୩, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି। ଏହି କେନ୍ଦ୍ରର ଆଥଲେଟମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବିଭିନ୍ନ ବର୍ଗରେ ତିନୋଟି ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଓଡ଼ିଶା ଦଳର ପ୍ରତିନିଧିତ୍ୱ କରୁଥିବା ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) ବର୍ଗରେ ତପନ ମହାନ୍ତି ଚମତ୍କାର ପ୍ରଦର୍ଶନ କରି ୭୩.୪୩୩ ସ୍କୋର ସହ ଅଲରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତପନଙ୍କ ଅସାଧାରଣ ଦକ୍ଷତାକୁ ପ୍ରତିଫଳିତ କରୁଛି। ଏହାସହିତ ରେଳବାଇ ଦଳର ପ୍ରତିନିଧିତ୍ୱ କରୁଥିବା ତାପେଶ୍ୱରନାଥ ଦାସ ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ଓଡ଼ିଶା ଦଳର ତନୁ ଅନଇଭେନ୍ ବାର୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରେଲୱେ ସ୍ପୋର୍ଟସ୍ ପ୍ରମୋସନ୍ ବୋର୍ଡ (ଆରଏସପିବି)ର ପ୍ରତିନିଧିତ୍ୱ କରୁଥିବା କରିସ୍ମା ଉଭୟ ସିନିୟର ଡବ୍ଲ୍ୟୁଏଜି ଫ୍ଲୋର ଏକ୍ସରସାଇଜ ଏବଂ ଟିମ୍ ଚାମ୍ପିଅନସିପ୍ ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାସହିତ ପ୍ରିୟାନ୍ସୀ ବଂଶଲ ବାଲାନ୍ସ ବିମରେ ବ୍ରୋଞ୍ଜ ପଦକ ଜିତି ପଦକ ତାଲିକାକୁ ବୃଦ୍ଧି କରିଛନ୍ତି।

ଟିମ୍ ଇଭେଣ୍ଟରେ ଏଚ୍‌ପିସି ଆଥଲେଟ୍ ତନ୍ନୁ, ପ୍ରିୟାଂଶୀ ବଂଶଲ, ଅଦିତା ମଣ୍ଡଳ, ପ୍ରୀତି ଝଙ୍କାର ଏବଂ ରିତିକାଙ୍କୁ ନେଇ ଗଠିତ ମହିଳା ଦଳ ଏବଂ ଏଚପିସି ଆଥଲେଟ୍ ତପନ ମହାନ୍ତି, ସୁମିତ ଧାଲି, ଆଜାଦ ଲସ୍କର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ମୋହିଦ କୁମାର ଏବଂ ଦେବାଶିଷ ରେଡ୍ଡୀ ଦାସଙ୍କୁ ନେଇ ଗଠିତ ପୁରୁଷ ଦଳ ଓଡ଼ିଶା ଦଳକୁ ଦୃଢ ପ୍ରଦର୍ଶନ କରିବାରେ ସହାୟତା କରିଥିଲେ। ପୁରୁଷ ଦଳ ୨୦୮.୧୬୭ ସ୍କୋର ସହ ଚତୁର୍ଥ ସ୍ଥାନରେ ରହିଥିବାବେଳେ ମହିଳା ଦଳ ମଧ୍ୟ ୧୧୯.୬୩୫ ସ୍କୋର ସହିତ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉଭୟ ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ, ଯାହା ଜାତୀୟ ଜିମ୍ନାଷ୍ଟିକ୍ସରେ ଓଡ଼ିଶାର ବଢୁଥିବା ଶକ୍ତି ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ଦର୍ଶାଉଛି।

ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ ପାତ୍ର, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ସୁଶ୍ରୀ ଦୀପା କର୍ମକାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ଶ୍ରୀ ବିଶ୍ୱେଶ୍ୱର ନନ୍ଦୀ, ଜିମ୍ନାଷ୍ଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ସୁଧୀର ମିତ୍ତଲ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ଯେଦୁଲା ବିଜୟ ଏବଂ ଏଏମ୍/ଏନଏସ୍ ଇଣ୍ଡିଆ ସିଏସ୍‌ଆର୍ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁଙ୍କ ସମେତ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଏଏମ୍/ଏନଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ଓଡ଼ିଶା ଏଏମ୍/ଏନ୍ ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଦେଶର ସର୍ବଶ୍ରେଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆଥଲେଟମାନଙ୍କୁ ଏକତ୍ରିତ କରିବା ସହିତ ପୁନର୍ବାର ଏହାକୁ ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରମାଣିତ କରିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି, ବୈଜ୍ଞାନିକ ତାଲିମ ଏବଂ ଦୃଢ଼ ଅନୁଷ୍ଠାନିକ ସହାୟତା ସହିତ ଏହି କେନ୍ଦ୍ର ଭାରତର ଜିମ୍ନାଷ୍ଟିକ୍ସକୁ ଦୃଢତା ପ୍ରଦାନ କରିପାରିଛି, ଯାହା ଆଥଲେଟମାନଙ୍କୁ ସଫଳତା ହାସଲ କରିବା ଏବଂ ଏହି କ୍ରୀଡ଼ାର ସାମଗ୍ରିକ ମାନ ବୃଦ୍ଧି କରିବାରେ ସହାୟକ ହେଉଛି।

ଧରଣୀଧର ବିଶ୍ୱବିଦ୍ୟାଳୟରେ ବିପ୍ଳବୀ ଧରଣୀଧର ନାଏକ ଜୟନ୍ତୀ ପାଳିତ

କେନ୍ଦୁଝର, ନ୍ୟୁଜ୍

ଧରଣୀଧର ବିଶ୍ୱବିଦ୍ୟାଳୟରେ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ବିଶ୍ୱବିଦ୍ୟାଳୟରର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ଏକ ସଭା ଆଇଡିପି ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। କୁଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ପରିଚୟ ପ୍ରଦାନ ଓ ବିପ୍ଳବୀ ଧରଣୀଧର ନାଏକଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଜୟନ୍ତୀ ପାଳନ କମିଟିର ସଂଯୋଜକ ଡକ୍ଟର ସୁମନ୍ତ ନାଏକ। ଅନ୍ୟତମ ଅତିଥି ଭାବରେ ସଭା ରେ ଯୋଗ ଦେଇଥିଲେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁପ୍ରସାଦ ଦାସ ଓ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି। ଡକ୍ଟର ଦାସ ଧରଣୀଧରଙ୍କ ବିପ୍ଳବ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସୁଶ୍ରୀ ପ୍ରତିଭା ପୃଷ୍ଟି ଧରଣୀଧରଙ୍କ ସନ୍ୟାସୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତିୟ ଅଭିଭାଷଣରେ କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଧରଣୀଧରଙ୍କର ତ୍ୟାଗ, ତପସ୍ୟାର କଥା ଉଲ୍ଲେଖ କରି ତାଙ୍କ ପୁରୋଦୃଷ୍ଟିକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେରେ ଧରଣୀଧରଙ୍କର ତ୍ୟାଗପୂତ ଜୀବନର ପ୍ରସାରରେ ଲାଗିଥିବା ତ୍ରିଲୋଚନ ନାଏକଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତା ଓ ବୈଷୟିକ ଜ୍ଞାନ ପ୍ରତିଯୋଗିତାରେ କୃତକାର୍ଯ୍ୟ ପ୍ରତିଯୋଗୀ ମାନଙ୍କୁ କୁଳପତି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ନୀରୋଜା ନଳିନୀ ନାୟକ, ବିଜୟ କୁମାର ଦାସ, ରଶ୍ମିତା ନାୟକ, ସୁଶ୍ରୀ ଗୀତାଞ୍ଜଳି ନାୟକ, ଲେଫଟନାଣ୍ଟ ସଲମା କିସ୍କୁ। ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଆକାଙ୍କୁ ପୃଷ୍ଟି ଓ ସଭା ସଂଯୋଜନା କରିଥିଲେ ଛାତ୍ରୀ ମାନସୀ ସେଠୀ।

ଅଲ୍ ଓଡ଼ିଶା ଓପନ୍ ଯୋଗ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ପାଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଅଲ୍ ଓଡ଼ିଶା ଓପନ୍ ଯୋଗ ଚାମ୍ପିଅନ୍‌ସିପ୍‌ରେ କେନ୍ଦ୍ରାପଡ଼ାର ୩ଜଣ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଗୋଲ୍ଡ ମେଡାଲ୍ ପାଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଯୋଗ ସମ୍ପାଦକ ସଂଜୟ କୁମାର ମଥାନ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଦେବା ସହ ସମ୍ବର୍ଦ୍ଧନା ଜଣାଇଛନ୍ତି। ଗତ ୩ ତାରିଖ ଆଇ.ଆଇ.ଟି ସ୍ପୋର୍ଟ୍ସ ଆସୋସିଏସନ୍ ଆୟୋଜନରେ ଖୋର୍ଦ୍ଧା କେଟି ଗ୍ଲୋବାଲ୍ ଇସ୍କୁଲ୍ ପରିସରରେ ଅଲ୍ ଓଡିଶା ଓପନ୍ ଯୋଗ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଥିଲା।

GOVERNMENT OF ODISHA 13001/361/2627
OFFICE OF MUNICIPAL COUNCIL, KABISURYANAGAR, DIST-GANJAM
(H & U D Department)
E-procurement Notice
Tender Reference No: EO/Mplty/KSN - 01/2026-27
BID IDENTIFICATION NO:
E-mail–ksnnac@rediffmail.com Phone 06810-295444
Lt. No. 868 // Dt. 29.4.2026

1. The Executive Officer, Kabisuryanagar Municipality, Dist-Ganjam invites Percentage Rate bids in Single Cover System in Online Mode for Execution of Civil Works in Kabisuryanagar Municipality area as specified in the Detailed Tender Call Notice (DTCN) from the eligible Class of Contractors, which is available at the e-procurement portal: www.tendersodisha.gov.in.
2. Name/Nature of the work : Civil Works
3. No. of work : 02 (Two) nos.
4. Estimated Cost Range of Works : Rs 38,91,843/- to Rs. 46,21,791/- (excld. GST)
5. Eligible Class of Contractor : B & C , Govt of Odisha
6. Date and time of Availability in Portal & Receipt of Bids : From 10.00A.M. of dt.04.05.2026 to 05.30 P.M. of dt. 19.05.2026.
7. Last date &time of submission of original financial tender documents in Tender Box. : 05.30 P.M. of 20.05.2026
8. Date of Opening of Tender : 21.05.2026 at 11.00 A.M.
9. The Bidders have to participate in Online bidding only and further details can be seen from the Govt. Portal.
10. Any Corrigendum/Addendum wills be displayed in the website - www.tendersodisha.gov.in only.
11. Name & address of the Officer inviting tender :
Executive Officer
Office of the Municipal Council, Kabisuryanagar, Ganjam
Near Main Road, Kabisuryanagar, Dist-Ganjam, Pin-761104

OIPR-13001/13208/1/26-27/0001
Executive Officer
Kabisuryanagar Municipality (G.m)

ଝାଲମୁଢ଼ି ବାଣ୍ଟିଲେ ବିଜେପି କର୍ମୀ

ରାଇଘର, ନ୍ୟୁଜ୍‌ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ର ବିଜେପି କର୍ମୀ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସମେତ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ବିଜେପିର ବହୁ ସଂଖ୍ୟକ ବିଜୟ ସହିତ ୩ ରାଜ୍ୟରେ ବିଜେପି ସରକାର ଗଠନ କରିବା ନିଶ୍ଚିତ ହୋଇଯାଇଛି। ଏହା ଜାଣିବା ପରେ ବିଜେପି କର୍ମୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ରାଇଘର ବିଜେପି ପକ୍ଷରୁ ସନ୍ଧ୍ୟାରେ ହନୁମାନ ମନ୍ଦିର ଠାରେ ବାଣ ଫୁଟାଇବା ସହିତ ସାଧାରଣଙ୍କୁ ଝାଲ ମୁଢ଼ି ବାଣ୍ଟିବା ସହିତ ମିଠା ନିଜଭିତରେ ଝାଲମୁଢ଼ି ଓ ମିଠାଖାଇ ଖୁସି ମନାଇଥିଲେ। ବିଜେପି କର୍ମୀ ମଣ୍ଡଳ ସଭାପତି ଟୁକୁନି ସାମନ୍ତରାୟ, ବସନ୍ତ ଡଙ୍ଗରି, ତିରୁ ପାତ୍ର, ଜଗନ୍ନାଥ ନାୟକ, ରିଙ୍କୁ ଶ୍ରୀବାସ୍ତବ, ଉମେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥୁବାବେଳେ ଶତାଧିକ ବିଜେପି କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।

ସୀମା ଟପିଲେ ବାଲି ମାଫିଆ

ସେତୁ ନିକଟରୁ ବେଆଇନ ବାଲି ଉତ୍ତୋଳନକୁ ଗ୍ରାମବାସୀଙ୍କ ବିରୋଧ

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଭଦ୍ରକ ଓ ଯାଜପୁର ଜିଲ୍ଲା ସୀମା ଦେଇ ପ୍ରବାହିତ ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ର କରି ରଣକ୍ଷେତ୍ର ପାଲଟିଛି ହୀରାପୁର ବାଲିଘାଟ। ଯାଜପୁର ଜିଲ୍ଲା ଦଶରଥପୁର ତହସିଲ ଅନ୍ତର୍ଗତ ତଳିହା ରାଜସ୍ୱ ମଣ୍ଡଳର ବାଲି ମାଫିଆମାନେ ନିଜ ସୀମା ଲଂଘି ଧାମନଗର ଅଞ୍ଚଳରୁ ବାଲି ଉଠାଇବା ସହ ଗ୍ରାମବାସୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଯାଜପୁର ଜିଲ୍ଲାର ହୀରାପୁର ବାଲିଘାଟକୁ ମାଫିଆମାନେ ୫ ବର୍ଷ ପାଇଁ ଲିଜ୍ ନେଇଥିବା ଦାବି କରୁଛନ୍ତି। ମାତ୍ର ବାସ୍ତବରେ ନଦୀ ଗର୍ଭରେ ବାଲି ଗଚ୍ଛିତ ନଥିବାରୁ ଭୂତତ୍ତ୍ୱବିତ୍‌ଙ୍କ ରିପୋର୍ଟ ଆଧାରରେ ଏହି ଖାଦାନ ବନ୍ଦ ରହିଥିଲା। ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'କନସେଣ୍ଟ ଟୁ ଅପରେଟ୍' ମଧ୍ୟ ମିଳିନାହିଁ। ତଥାପି ରବିବାର ୪ଟି ଜେସିବି ସାହାଯ୍ୟରେ ମାଫିଆମାନେ ହୀରାପୁର ଖାତା ନଂ ୬୪୯, ପ୍ଲଟ ନଂ ୨୨୫୬ରୁ ବାଲି ଉଠାଇବା ବାହାନାରେ ଧାମନଗର ତହସିଲର ଆନନ୍ଦପୁର ରାଜସ୍ୱ ଗ୍ରାମର ପ୍ଲଟ ନମ୍ବର ୧୧୪୪ ମଧ୍ୟକୁ ମାଡ଼ି ଆସିଥିଲେ। ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ଗ୍ରାମବାସୀ ନଦୀ ଗର୍ଭରେ ପହଞ୍ଚି ଏହି ବେଆଇନ ଉତ୍ତୋଳନକୁ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଜଣେ ବାଲି ମାଫିଆ ରିଭଲଭର ଦେଖାଇ ଗୁଳି କରିଦେବାକୁ ଗ୍ରାମବାସୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ପ୍ରାଣ ବିକଳରେ ଗ୍ରାମବାସୀ ସେଠାରୁ ଫେରିଆସି ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ ଜଣାଇବା ପରେ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ବାଲି ମାଫିଆମାନେ କେବଳ ସୀମା ଲଂଘି ନାହାନ୍ତି, ବରଂ ନଦୀ ପଠାରେ ଥିବା ରାମବାଗ ରାଜସ୍ୱ ମଣ୍ଡଳର ସିଦ୍ଧେଶ୍ୱର ଗ୍ରାମର ପ୍ଲଟ ନଂ ୩୩୧୪କୁ ମଧ୍ୟ ମାଡ଼ି ଯାଇଛନ୍ତି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଧାମନଗର ଓ ଯାଜପୁରକୁ ସଂଯୋଗ କରୁଥିବା ବୈତରଣୀ ସେତୁ ନିକଟରୁ ବାଲି ଉତ୍ତୋଳନ କରାଯାଉଛି। ଏହାଦ୍ୱାରା ସେତୁର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ଆନନ୍ଦପୁର ଅଞ୍ଚଳର ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସଂପର୍କରେ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ, ସେ ଏହାକୁ ଜିଲ୍ଲାପାଳ ଓ ଖଣି ଉପନିର୍ଦ୍ଦେଶକଙ୍କ କ୍ଷମତା ପରିସରଭୁକ୍ତ ବୋଲି କହିବା ସହ ସୀମା ବିବାଦର ସମାଧାନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ ଯାଜପୁର ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ମହାନ୍ତି ଏହି ବିବାଦୀୟ ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ନଦୀ ପଠାରେ ଏବେବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ପ୍ରଶାସନିକ ହସ୍ତକ୍ଷେପକୁ ସ୍ଥାନୀୟ ଲୋକେ ଚାହିଁ ରହିଛନ୍ତି।

ବୟନିକାର ୭୦ତମ ପ୍ରତିଷ୍ଠା ଦିବସ

ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ହେଉଛି ଆମ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଅସ୍ମିତାର ଜୀବନ୍ତ ପ୍ରତିଛବି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବୟନିକାର ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ବୟନିକା ପକ୍ଷରୁ ଏହାର ବିକ୍ରୟକେନ୍ଦ୍ରରେ ଗ୍ରାହକଙ୍କ ନିମନ୍ତେ ପୂର୍ବର ୨୦ ପ୍ରତିଶତ ରିହାତି ସହ ଅତିରିକ୍ତ ୧୦ ପ୍ରତିଶତ ରିହାତି ଦିଆଯାଉଛି । ଏହି ବିଶେଷ ରିହାତି ସୁବିଧା ତିନି ଦିନ (ଚଳିତ ମଇ ୫, ୬ ଓ ୭ ତାରିଖ) ପାଇଁ ଉପଲବ୍ଧ ରହିବ।

ମଙ୍ଗଳବାର ଏହି ଅବସରରେ ବୟନ ଭବନ ସ୍ଥିତ ବୟନିକା ଅନନ୍ୟ ଶାଖାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ସେ କହିଛନ୍ତି, ଓଡିଶାର ସମୃଦ୍ଧ ହସ୍ତତନ୍ତ ହେଉଛି ଆମ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଅସ୍ମିତାର ଜୀବନ୍ତ ପ୍ରତିଛବି । ଏହା ହଜାର ହଜାର ବୁଣାକାରଙ୍କୁ ଜୀବିକା ଯୋଗାଇବା ଶହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିଛି । । ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ସାତ ଦଶକର ଏହି ଯାତ୍ରାରେ ବୟନିକା ଏକ ବିଶ୍ୱାସଯୋଗ୍ୟ ପ୍ରତିଷ୍ଠାନ ଭାବେ ପରିଗଣିତ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ବୟନିକା ୨୩୩.୫୬ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬-୨୭ ପାଇଁ ୨୮୦.୦୦ କୋଟିର ଲକ୍ଷ୍ୟ ରଖିଛି । ଏହା ଆମର ଉତ୍କୃଷ୍ଟ ପାରମ୍ପରିକ କୌଶଳକୁ ବଞ୍ଚାଇ ରଖିବା ସହ ହଜାର ହଜାର ବୁଣାକାରଶିଳ୍ପୀଙ୍କ ଜୀବିକାକୁ ସମର୍ଥନ କରି ବୟନ ଅସ୍ମିତାକୁ ସୁରକ୍ଷିତ ରଖିଛି । ବର୍ତ୍ତମାନ ବୟନିକାରେ ୬୫୮ ଟି ବୁଣାକାର ସମିତି ପଞ୍ଜିକୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବୟନଶିଳ୍ପ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୟନିକାର ପରିଚାଳନା ନିର୍ଦ୍ଦେଶିକା ଡ ନିବେଦିତା ପୃଷ୍ଟି, ବିଭାଗୀୟ ଅଧିକାରୀ ତଥା ବୟନିକାର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

'ମମତାଙ୍କ' ଉପରେ ଭାରି ପଡ଼ିଲା ମା' ଯନ୍ତ୍ରଣା

ନୂଆଦିଲ୍ଲୀ :

ବଙ୍ଗରେ ମୋଦି ସୁନାମି । ଦିଦିଙ୍କ ଗଡ଼ ଧ୍ୱଂସ । ଭାରତର ରାଜନୈତିକ ଇତିହାସରେ ୨୦୨୬ ମେ ୪ ତାରିଖ ଏକ ଐତିହାସିକ ଦିନ ହୋଇରହିବ। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ୧୫ ବର୍ଷର ଟିଏମସି ଦୁର୍ଗର ପତନ ଘଟାଇ ବିଜେପି ରାଜ୍ୟରେ ପ୍ରଥମଥର ପାଇଁ କ୍ଷମତା ଦଖଲ କରିବାର ସ୍ୱପ୍ନ ପୂରଣ କରିଛି । ପଶ୍ଚିମବଙ୍ଗରେ ବିଜେପି ଲହରରେ ମମତାଙ୍କ ସମେତ ବରିଷ୍ଠ ଟିଏମସି ନେତା ମଧ୍ୟ ଅଦୃଶ୍ୟ ହୋଇଯାଇଛନ୍ତି । ମମତା ବାନାର୍ଜୀ ନିଜେ ଭାବାନୀପୁର ଆସନକୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ପରାସ୍ତ ହୋଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଉପରେ ଦେଶର ନଜର ରହିଥିଲା । ଦକ୍ଷିଣ ୨୪ ପରଗଣାରେ ଆରଜି କର ମେଡିକାଲ କଲେଜ ପୀଡିତାଙ୍କ ମା' ରତ୍ନା ଦେବାନାଥଙ୍କ ଉପରେ ସମସ୍ତଙ୍କ ଫୋକସ ରହିଥିଲା । ପାନିହାଟି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଦେବନାଥ ଏକ ବଡ଼ ବିଜୟ ହାସଲ କରିଛନ୍ତି । ଆରଜି କର ମାମଲାର ପୀଡିତା ଡାକ୍ତରଙ୍କ ମା' ରତ୍ନା ଟିଏମସି ପ୍ରାର୍ଥୀ ତୀର୍ଥଙ୍କର ଘୋଷଙ୍କଠାରୁ ୨୮ ହଜାର ୮୩୬ ଭୋଟରେ ବିଜୟୀ ହୋଇଛନ୍ତି ।

ଏହି ବୃହତ ବିଜୟ ପରେ ରତ୍ନା କହିଛନ୍ତି, ''ମୁଁ ବଞ୍ଚିଥିବା ଯାଏ, ଲଢେଇ ଜାରି ରହିବ । କୋର୍ଟରେ ନ୍ୟାୟ ପାଇଁ ସଂଗ୍ରାମ ଜାରି ରହିବ ।'' ଯେତେବେଳେ ରତ୍ନା ଘରକୁ ଘର ବୁଲି ଭୋଟ ମାଗିଥିଲେ ସେ ପିନ୍ଧିଥିବା ଶାଢୀରେ ଲେଖାଥିଲା Justic for Abhaya । ଆଜି ନ୍ୟାୟର ବିଜୟ ହୋଇଛି । ଆଖି ଲୁହ ଭକ୍ତି ସାଇନ୍ ପାଲଟିଛି । କାରଣ ଏହା ଜଣେ ମା'ର ଲଢେଇ ଥିଲା । ରତ୍ନା ଦେବନାଥ ଜଣେ ମା' ଯିଏ ତାଙ୍କ ଡାକ୍ତରୀ ଝିଅକୁ ହରାଇଥିଲେ । ନିର୍ବାଚନୀ ରାଲିରେ ଅନ୍ୟମାନେ ସେମାନଙ୍କ ଦଳ ଏବଂ ସରକାରଙ୍କ ଗୁଣଗାନ କରୁଥିଲେ କିନ୍ତୁ ଜଣେ ମା' ଯିଏ ତାଙ୍କ ଝିଅକୁ ହରାଇଥିଲେ ତାଙ୍କ ମନର ଯନ୍ତ୍ରଣା ଲୋକଙ୍କ ହୃଦୟକୁ ଛୁଇଁଥିଲା । ସେମାନେ ପୁଲିଂ ବୁଥରେ ପହଞ୍ଚିଥିଲେ। ରତ୍ନାଙ୍କୁ ଭୋଟ ଦେଇ ଆଜି ବିଜୟୀ କରିଛନ୍ତି ।

ରତ୍ନା ଦେବନାଥ କିଏ ? ରତ୍ନା ଦେବନାଥ ଟିଏମସିର ତୀର୍ଥଙ୍କର ଘୋଷଙ୍କୁ ବଡ଼ ଭୋଟ ବ୍ୟବଧାନରେ ହରାଇଛନ୍ତି । ରତ୍ନା ରାଜନୀତିର ଏବିସିଡି ଜାଣିନଥିଲେ କିନ୍ତୁ ତାଙ୍କ ଉପରେ ଏମିତି ଏକ ଦୁଃଖର ପାହାଡ଼ ଖସି ପଡିଥିଲା ଯାହା ତାଙ୍କୁ ଲୋକଙ୍କ ଦ୍ୱାରା ନିକଟକୁ ଯାଇ ନିଜ ଆଖିରେ ଯନ୍ତ୍ରଣା ପ୍ରକାଶ କରିବାର କୌଶଳ ଶିଖାଇଥିଲା । ୫୪ ବର୍ଷୀୟ ଦେବନାଥଙ୍କ ସ୍ୱାମୀଙ୍କ ନାମ ରଞ୍ଜନ ଦେବନାଥ । ନିର୍ବାଚନୀ ଶପଥପତ୍ର ଅନୁଯାୟୀ ତାଙ୍କର ୭୪ ଲକ୍ଷ ଟଙ୍କାର ସମ୍ପତ୍ତି ଅଛି । ବିଜେପି ପ୍ରାୟ ୬ ମାସ ପୂର୍ବରୁ ତାଙ୍କ ସହିତ ଯୋଗାଯୋଗ କରିଥିଲା । ରତ୍ନା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିଲେ ଏବଂ କହିବାକୁ ଚାହୁଁଥିଲେ ଯେ ମହିଳାମାନେ ନିଜ ଝିଅଙ୍କ ସୁରକ୍ଷା ପାଇଁ ଆଗକୁ ଆସିବା ଆବଶ୍ୟକ । ଏହି କାରଣରୁ ସେ ତାଙ୍କ ଘରର ଚାରିକାନ୍ଥରୁ ବାହାରି ନିର୍ବାଚନ କ୍ଷେତ୍ରରେ ପ୍ରବେଶ କରିଥିଲେ ।

ଘର ଚାରିକାନ୍ଥରୁ ନିର୍ବାଚନ କ୍ଷେତ୍ର ପର୍ଯ୍ୟନ୍ତ... ୨୦୨୪ ମସିହାରେ ,ଆରଜି କର ହସ୍ପିଟାଲରେ ଡାକ୍ତରୀ ପଢୁଥିବା ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହା ନ୍ୟାୟରେ ବିଳମ୍ବ ଏବଂ ଅଭିଯୁକ୍ତଙ୍କ କଥିତ ଲିଙ୍କ୍ ପ୍ରତି ଟିଏମସି ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲା । ବିଜେପି ଏହି ପ୍ରସଙ୍ଗକୁ ହାତେଇ ନେଇଥିଲା । ମହିଳା ସୁରକ୍ଷାକୁ ଏହା ନିର୍ବାଚନୀ ଏଜେଣ୍ଡାରେ ପରିଣତ କରିଥିଲା । ବିଜେପି ରତ୍ନା ଦେବନାଥଙ୍କୁ ପାନିହାଟ ଆସନକୁ ଟିକେଟ ଦେଇଥିଲା ।

ରତ୍ନାଙ୍କ ରାଲି କରିଥିଲେ ପ୍ରଧାନମନ୍ତ୍ରୀ- ରତ୍ନା ଦେବନାଥ କହିଛନ୍ତି, ମୋର ମୁଖ୍ୟ ପ୍ରତିଦ୍ୱନ୍ଦିତା ମମତ ବାନାର୍ଜୀଙ୍କ ସହ କାରଣ ମୋ ଝିଅ ସ୍ୱାସ୍ଥ୍ୟ ବିଭାଗରେ କାମ କରୁଥିଲେ, ସେ ନିଜେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ । ଯେଉଁ ରାଜ୍ୟରେ ମହିଳାଙ୍କୁ ନ୍ୟାୟ ମିଳୁନାହିଁ ମୁଁ ଲୋକଙ୍କ ସ୍ୱର ହେବାକୁ ଚେଷ୍ଟା କରୁଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରତ୍ନା ଦେବନାଥଙ୍କ ନାମାଙ୍କନରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୪ରେ ପାଣିହାଟରେ ତାଙ୍କ ରାଲି କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଟିଭିକେ ବିଧାୟକ ଦଳ...

ଭାବେ ବାଛିନେଇଛନ୍ତି। ବିଧାନସଭା ନିର୍ବାଚନରେ ୧୦୮ଟି ଆସନରେ ବିଜୟ ହାସଲ କରିବା ପରେ ଟିଭିକେ ସରକାର ଗଠନ ପାଇଁ ତୀବ୍ର ଗତିରେ ଆଗେଇଯାଉଛି। ବିଧାୟକ ଦଳର ନେତା ଭାବେ ବଛାଯିବା ପରେ ଏହା ପ୍ରାୟ ନିଶ୍ଚିତ ମନାଯାଉଛି ଯେ ବିଜୟ ମୁଖ୍ୟମନ୍ତ୍ରୀ ପଦର ଦାୟିତ୍ୱ ନେବେ। ତାମିଲନାଡୁରେ ୨୩ ତାରିଖରେ ଏକମାତ୍ର ପର୍ଯ୍ୟାୟରେ ମତଦାନ ହୋଇଥିଲା ଏବଂ ମତଗଣନା ପରେ ପରେ ବିଭିନ୍ନ ଫଳାଫଳ ଆସୁଥିଲା, ଟିଭିକେ ଲଗାତାର ଆଗୁଆ ରହିଥିଲା। ଶେଷରେ ପାର୍ଟି ୧୦୮ଟି ଆସନରେ ବିଜୟ ଲାଭ କରି ରାଜ୍ୟର ସବୁଠୁ ବଡ଼ ପାର୍ଟି ଭାବେ ଉଭା ହୋଇଛି। ରାଜ୍ୟର ୨୩୪ ସଦସ୍ୟ ବିଧାନସଭାରେ ଅଧିକାଂଶ ପାଇଁ ୧୧୮ଟି ଆସନ ଆବଶ୍ୟକ ଥାଏ, ଯେତେବେଳେ ଟିଭିକେ ବର୍ତ୍ତମାନ ଏହି ସଂଖ୍ୟାରୁ କମ୍ ଅଛି। ଏହା ସତ୍ତ୍ୱେ ବିଜୟ ଶୀଘ୍ର ରାଜ୍ୟପାଳଙ୍କ ସମ୍ମୁଖରେ ସରକାର ଗଠନର ଦାବି କରିପାରନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବାଛିବେ...

ବେଙ୍ଗଲ ରାଜନୀତିରେ ତାଙ୍କ ପ୍ରଭାବ ଆଜି ବି କାଏମ ରହିଛି। ଏଭଳି ସ୍ଥିତିରେ ବେଙ୍ଗଲ ମୁଖ୍ୟମନ୍ତ୍ରୀ ଦୌଡ଼ରେ ତାଙ୍କୁ ଜଣେ ମଜଭୁତ ବିକଳ୍ପ ଭାବେ ଦେଖାଯାଏ। ବେଙ୍ଗଲ ବିଜେପିର ଅଧ୍ୟକ୍ଷ ସମୀକ ଭଟ୍ଟାଚାର୍ଯ୍ୟ ଦଳରେ ସମସ୍ତଙ୍କୁ ସାଥିରେ ନେଇ ଚାଲିଥାନ୍ତି। ସେଥିପାଇଁ ସେ ବେଶ୍ ଲୋକପ୍ରିୟ। ପରଦା ପଛରେ ରହି ବିଜେପି ପାଇଁ ସେ ବଡ଼ ଭୂମିକା ନିର୍ବାହ କରିଛନ୍ତି। ତେଣୁ ତାଙ୍କୁ ଦଳ କମାଣ ଦେଇପାରେ। ଏହାଛଡ଼ା ବିଜେପି କୌଣସି ମହିଳା ନେତ୍ରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଉପରେ ବିଚାର କରିପାରେ। ପେସାରେ ଫ୍ୟାସନ ଡିଜାଇନର ଅଗ୍ନିମିତ୍ରା ପଲ୍ଙ୍କ ନାମ ଏଥିରେ ସବା ଉପରେ ରହିଛି। ନିର୍ବାଚନରେ ନିଜ ଆସନସୋଲ ଆସନକୁ ସେ ବଜାୟ ରଖିଛନ୍ତି। ଯଦି ବିଜେପି ରାଜ୍ୟରେ ମହିଳା ମୁଖ୍ୟମନ୍ତ୍ରୀ ଚୟନ କରେ, ତେବେ ଅଗ୍ନିମିତ୍ରା ନାମ ପ୍ରଥମେ ଆସିବା ସମ୍ଭାବନା ରହିଛି। ତାଙ୍କ ପଛକୁ ଥିବା ପୂର୍ବତନ ରାଜ୍ୟସଭା ସାଂସଦ ତଥା ସୋନାରପୁର ଦକ୍ଷିଣରୁ ବିଧାୟକ ରୁପା ଗାଙ୍ଗୁଲି ମହିଳା ମୋର୍ଚ୍ଚାର ଅଧ୍ୟକ୍ଷ ଭାବେ ତୃଣମୂଳ ସ୍ତରରୁ କାର୍ଯ୍ୟ କରିଛନ୍ତି। ତାଙ୍କ ଲୋକପ୍ରିୟତାକୁ ଦେଖିଲେ ବିଜେପି ତାଙ୍କୁ ବେଙ୍ଗଲ ମୁଖ୍ୟମନ୍ତ୍ରୀ ବନାଇବାକୁ ବିଚାର କରିପାରେ। ଏହାଛଡ଼ା ନିଶିଥ ପ୍ରାମାଣିକଙ୍କ ନାମ ବି ମୁଖ୍ୟମନ୍ତ୍ରୀ ପଦ ଦୌଡ଼ରେ ରହିଛି। ଏହି ଭିତରେ ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ପଶ୍ଚିମବଙ୍ଗରେ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ। କେନ୍ଦ୍ର ମନ୍ତ୍ରୀ ଅମିତ ଶାହ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି।

କୋଟିଆରେ ପଟ୍ଟା ଓ ଭତ୍ତା...

ପ୍ରାଥମିକତା। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ 'ଏଫଆରଏ' ପଟ୍ଟା ବଣ୍ଟନ କଲି। ଲୋକଙ୍କ ମୁହଁରେ ହସ ଓ ସେମାନଙ୍କ ସ୍ୱାଭିମାନର ସୁରକ୍ଷା ହିଁ ଆମ ସରକାରର ପ୍ରାଥମିକତା। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଜୟପୁରର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗିର ବିଧାୟକ ରାମ ଚନ୍ଦ୍ର କାଡ଼ାମ୍, କୋରାପୁଟର ବିଧାୟକ ରଘୁରାମ ମାଛ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସ୍ଥାନୀୟ ପ୍ରାଶାସନିକ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଦୁର୍ଘଟଣାରେ ୩...

ଦୁର୍ଘଟଣା ଘଟିଥିଲା। ବିଳମ୍ବିତ ରାତିରେ ଗୁରୁତରଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତରଙ୍କୁ କଟକ ମେଡିକାଲ ନାଁରେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶ୍ରୀମେଟାଲିକ କାରଖାନାରେ ଦୁର୍ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ଏହାକୁ ଏଡ଼ାଇବା ପାଇଁ ହିନ୍ଦୋଳ ଥାନା ଅଧିକାରୀ ଅନୁଗୁଳ ନିଶା ଥାନା ଅଧିକାରୀଙ୍କୁ ଖବର ଦେଲା ପରେ ଖବର ସାମ୍ନାକୁ ଆସିଥିଲା।

ୟୁଏଇର ଫୁଜୈରାହ ଆକ୍ରମଣକୁ...

ଓ ସ୍ଥିରତା ପୁନସ୍ଥାପିତ ହେବ। ଆମେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ହର୍ମୁଜ ପ୍ରଣାଳୀ ମାର୍ଗରୁ ନିର୍ବିଘ୍ନ ନୌଚାଳନ ଓ ବାଣିଜ୍ୟକୁ ମଧ୍ୟ ଦାବି କରୁଛୁ। ଭାରତ ସମସ୍ତ ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ହୋଇଥିବା ପ୍ରୟାସଗୁଡ଼ିକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି।

ଭାରତୀୟ ଜାହାଜକୁ ସହାୟତାର...

କରିଥିଲା। ଫସି ରହିଥିବା କର୍ମଚାରୀମାନଙ୍କୁ ତୁରନ୍ତ ଖାଦ୍ୟ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜରୁରୀକାଳୀନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜାହାଜର ଯାନ୍ତ୍ରିକ ସମସ୍ୟାକୁ ମରାମତି କରି ଏହାକୁ ସୁରକ୍ଷିତ ସ୍ଥାନକୁ ଟାଣିବା ପାଇଁ ପ୍ରୟାସ ଜାରି ରହିଛି। ସମୁଦ୍ରରେ ଏପରି ମାନବୀୟ ସହାୟତା ପ୍ରଦାନ କରାଯିବା ଏହା ପ୍ରଥମ ଥର ନୁହେଁ। ଗତ ମାସରେ, ଆରବ ସାଗରରେ ଏକ ବିପଦପୂର୍ଣ୍ଣ ଡାକ ପାଇବା ପରେ ପାକିସ୍ତାନ ନୌସେନା ଏକ ବାଣିଜ୍ୟ ଜାହାଜରୁ ବିଦେଶୀ ନାଗରିକଙ୍କ ସମେତ ୧୮ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିଥିଲା।

ଟ୍ୱିନ୍ ସିଟିରେ ଟ୍ରାଫିକ୍ ସମସ୍ୟା...

ନିର୍ଦ୍ଦେଶକ, ଭୁବନେଶ୍ୱର ସ୍ମାର୍ଟ ସିଟି ଲି. (ବିଏସସିଏଲ), ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (ସଡ଼କ-୧), ପ୍ରମୁଖ ସଦସ୍ୟ ରହିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ସଦସ୍ୟ ଆବାହକ ଅଛନ୍ତି। ବୈଠକରେ ଭୁବନେଶ୍ୱରର ରବି ଟକିଜ୍ ଛକ, ମାଉସୀମା ମନ୍ଦିର ଛକ, ଶିଶୁ ଭବନ ଛକ, ମ୍ୟୁଜିୟମ ଛକ, କଳ୍ପନା ଛକ, ଜୟଦେବ ବିହାର ଛକ, ଏଜି ଛକ, କିଟ୍ ଛକ, କଳିଙ୍ଗ ହସ୍ପିଟାଲ ଛକ, ରାଜମହଲ ଛକ ଆଦି ବିଭିନ୍ନ ଛକରେ ରହୁଥିବା ଟ୍ରାଫିକ୍ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଉପସ୍ଥିତ କମିଟିର ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ଛକ ଜାଗାମାନଙ୍କରେ ପ୍ରଥମେ ଟ୍ରାଫିକ୍ ସମସ୍ୟାର ଅସ୍ଥାୟୀ ସମାଧାନ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଦୀର୍ଘକାଳୀନ ଭିତ୍ତିରେ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା। ଉନ୍ନୟନ କମିଶନର ଏହି ପରିପ୍ରେକ୍ଷୀରେ ବିଡିଏ, ପୂର୍ତ୍ତ ବିଭାଗ, ବିଏମ୍‌ସି, ପୁଲିସ, ଟ୍ରାଫିକ୍‌ପୋଲିସ ଆଦି ତରଫରୁ ଏକ ଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ଛକ ମାନଙ୍କରେ ଯାନବାହନ ଚଳାଚଳ ଏବଂ ପଦଚାରୀମାନଙ୍କ ନିମନ୍ତେ ଟ୍ରାଫିକ୍ ପରିଚାଳନା ସଂପର୍କିତ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ସାମୟିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ମିଳିତ ପ୍ରସ୍ତାବ ପାଇବା ପରେ ପ୍ରଥମେ ତୁରନ୍ତ ପରୀକ୍ଷାମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ୟାଗୁଡ଼ିକର ପର୍ଯ୍ୟାୟକ୍ରମେ ସମାଧାନ କରିବା ସହ ପରବର୍ତ୍ତୀ ସମୟରେ ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ସୂତ୍ରୀ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି। ପରବର୍ତ୍ତୀ ବୈଠକରେ କଟକ ସହରର ଟ୍ରାଫିକ୍ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯିବ ବୋଲି ଜଣାଯାଇଛି। ଆହୁରି ମଧ୍ୟ ପ୍ରତି ମାସରେ ଭୁବନେଶ୍ୱର-କଟକ ସହରର ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରୁ ଜଣାପଡ଼ିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ବିଏମ୍‌ସି କମିଶନର ଏବଂ ଏମ୍‌ଡି, ବିଏମ୍‌ସିଏଲ ତଥା ଉପାଧ୍ୟକ୍ଷ ବିଡିଏ ଚଞ୍ଚଳ ରାଣା, ଭୁବନେଶ୍ୱର-କଟକ ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ମେ' ୯ରେ ପଶ୍ଚିମବଙ୍ଗରେ...

ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ ମଧ୍ୟ ଅଟେ। ସେ ଆଉ କହିଥିଲେ ଯେ ପଶ୍ଚିମ ବଙ୍ଗର ଐତିହାସିକ ଓ ସାଂସ୍କୃତିକ ଐତିହ୍ୟ ବହୁତ ସମୃଦ୍ଧ। ରାଜା ରାମମୋହନ ରାୟ, ସୁଭାଷ ଚନ୍ଦ୍ର ବୋଷ, ସ୍ୱାମୀ ବିବେକାନନ୍ଦ ଏବଂ ରବୀନ୍ଦ୍ରନାଥ ପରି ମହାନ ବ୍ୟକ୍ତିତ୍ୱମାନଙ୍କର ଏହି ଭୂମି। ରାଜ୍ୟର ଏହି ଗୌରବ ଓ ପରିଚୟକୁ ପୁନଃ ସ୍ଥାପିତ କରିବା ଦିଗରେ ନୂତନ ସରକାର କାମ କରିବ। ସୂତ୍ର ଅନୁସାରେ, ଶପଥ ଗ୍ରହଣ ଅନୁଷ୍ଠାନ କୋଲକାତାରେ ଆୟୋଜିତ ହେବ, ଯେଉଁଥିରେ ପାର୍ଟିର ବରିଷ୍ଠ ନେତା, କର୍ମୀ ଓ ବଡ଼ ସଂଖ୍ୟାରେ ସମର୍ଥକମାନେ ଉପସ୍ଥିତ ରହିବେ।

ଏସ୍‌ବିଆଇ ତରଫରୁ ଏସ୍‌ସିବିର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟାବଲେଟ୍ ପ୍ରଦାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସର୍କଲ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ଏସ୍‌ସିବି ମେଡିକାଲ କଲେଜର ୧୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏସ୍‌ସିବି ମେଡିକାଲ କଲେଜ କ୍ୟାମ୍ପସ୍ ଶାଖାରେ ଟାବଲେଟ୍ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁସନ୍‌ର ଡିନ୍ ଡଃ. ପ୍ରତିଭା ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଏସ୍‌ସିବି ମେଡିକାଲ କଲେଜରେ ପଢିବା ସୌଭାଗ୍ୟର କଥା ଏବଂ ମେଡିକାଲ କ୍ଷେତ୍ରରେ ଉତ୍କର୍ଷତା ଲାଭ କରି ଛାତ୍ରଛାତ୍ରୀମାନେ ସମାଜକୁ ନିଷ୍ଠାର ସହ ସେବା ଯୋଗାଇ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଏସ୍‌ବିଆଇ କଟକ ରିଜିଓନାଲ ଅଫିସର ଆଞ୍ଚଳିକ ପ୍ରବନ୍ଧକ ଅସ୍ମିନ୍ ଅନୁପମ ପ୍ରହରାଜ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦାୟକ ଉପଦେଶ ପ୍ରଦାନ କରିଥିଲେ। ସେ ବ୍ୟାଙ୍କ ତରଫରୁ ଆର୍ଥିକ ଦୁର୍ବଳ ଓ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିବା ସହ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରୟାସରେ ନିରନ୍ତର ସହଯୋଗ କରିବାକୁ ଆଶ୍ୱାସନା ଦେଇଥିଲେ ମୁଖ୍ୟ ପ୍ରବନ୍ଧକ ବିଶ୍ୱଜିତ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ସିବି ଶାଖାର ସମସ୍ତ କର୍ମଚାରୀଙ୍କ ସମେତ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟର ଅଧିକାରୀ ନିରଞ୍ଜନ ମହାପାତ୍ର, ବିଜୟ କୁମାର ମହାପାତ୍ର ଏବଂ ସଞ୍ଜିତ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏସ୍‌ବିଆଇର ଏହି ପଦକ୍ଷେପ ଶିକ୍ଷା ପାଇଁ ପ୍ରୋତ୍ସାହନ ଏବଂ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ପ୍ରତି ଏହାର ସମର୍ପଣକୁ ପ୍ରତିଫଳିତ କରୁଛି।

ରାଜ୍ୟସଭା ନିର୍ବାଚନରେ ଅନିୟମିତତା
୧୧ରେ ସିଇଓଙ୍କ ସହିତ ବିଜେଡିର ବୈଠକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ, ଡ଼ ସସ୍ମିତ ପାତ୍ର ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ୨୮ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏହାପରେ ଭାରତ ନିର୍ବାଚନ ଆୟୋଗର ଅଣ୍ଡର ସେକ୍ରେଟାରୀ ରାଜେନ୍ଦ୍ର କୁମାର ସିଂହ ୨୯ ଏପ୍ରିଲରେ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି, ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ୧୧ ମଇ ତାରିଖ ସକାଳ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହିତ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି।

ବିଜେଡି ତରଫରୁ ବିରୋଧୀ ଦଳ ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ: ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ରାଜ୍ୟସଭା ନିର୍ବାଚନ ପୋଲିଂ ଏଜେଂଟ ଶ୍ରୀ ପ୍ରତାପ ଦେବ: ବିରୋଧୀ ଦଳ ଉପମୁଖ୍ୟ ସଚେତକ ଏବଂ ଦଳର ଅଧିକୃତ ଏଜେଂଟ ଡ଼ ଅରୁଣ କୁମାର ସାହୁ: ବିଧାୟକ ଏବଂ କାଉଂଟିଂ ଏଜେଂଟ ଡ଼ ସସ୍ମିତ ପାତ୍ର: ସାଂସଦ ଏବଂ କାଉଂଟିଂ ଏଜେଂଟ (ମାମଲାର ଆବେଦକ) ବିଜୁ ଜନତା ଦଳର ପକ୍ଷ ଉପସ୍ଥାପନ କରିବେ। ପୁନର୍ବାର ଏହି ଅନିୟମିତତାରେ ତ୍ୱରିତ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ, ନିରପେକ୍ଷ ଏବଂ ପାରଦର୍ଶୀ ତଦନ୍ତ ଦାବି କରୁଛି, ଯାହା ନିର୍ବାଚନ ପ୍ରକ୍ରିୟାର ପବିତ୍ରତାକୁ ରକ୍ଷା କରିବ। ଦଳ ସଦାସର୍ବଦା ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଓ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଗୁରୁତ୍ୱ ଦେଇଆସିଛି।

ଆଣ୍ଟି କରପସନ ଏବଂ ହ୍ୟୁମାନ ପ୍ରୋଟେକ୍ସନ
ଓଡ଼ିଶାର ସଭାପତି ହେଲେ ନାରାୟଣ ମହାପାତ୍ର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆଣ୍ଟି କରପସନ ଏବଂ ହ୍ୟୁମାନ ପ୍ରୋଟେକ୍ସନ ଏନ.ଜି.ଓ. ଆନ୍ଧ୍ର ପ୍ରଦେଶ ପକ୍ଷରୁ ଓଡ଼ିଶା ରାଜ୍ୟ ସଭାପତି ଭାବେ ମନୋନୀତ ହେଲେ ଡ଼ ନାରାୟଣ ମହାପାତ୍ର ଗ୍ଲୋବାଲ ମାନବ ଅଧିକାର। ଡ଼ ମହାପାତ୍ରଙ୍କ ଅନୁଷ୍ଠାନ ପକ୍ଷରୁ ସମାଜରେ ବିଭିନ୍ନ ପ୍ରକାର ମାନବ ମଙ୍ଗଳ କାର୍ଯ୍ୟକ୍ରମ ଯଥା ଅବହେଳିତ ଗୁରୁଜନ ଓ ଛୋଟ ଅନାଥ ପିଲା ମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ହୋମିୟପାଥି ଓ ଆୟୁର୍ବେଦ ଔଷଧ ବଣ୍ଟନ କରିବା ସହ ମାଗଣା ଏଲୋପାଥିକ ଡାକ୍ତର ପରାମର୍ଶ, ଆଖି ପରୀକ୍ଷା, ରକ୍ତ ପରୀକ୍ଷା ପରି କାର୍ଯ୍ୟକ୍ରମ ନିୟମିତ କରାଯାଇଥାଏ । ସେ ନିଜେ ରକ୍ତ ଦାନ କରିବା ସହ ବହୁ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ ଆୟୋଜନ କରିଥାନ୍ତି, ସମାଜରେ ସ୍ଥିରତା ଓ ଶାନ୍ତି ବଜାୟ ରଖିବା ନିମନ୍ତେ ଓଡ଼ିଆ ସଂସ୍କୃତି ର ସୁରକ୍ଷା ପାଇଁ ଓ ଧାର୍ମିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥାଏ, ଏହି କାର୍ଯ୍ୟ ବ୍ୟାପକ ଭାବେ କରିବାକୁ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼ କେ ଚକ୍ରବର୍ତ୍ତୀ ଡ଼ ମହାପାତ୍ରଙ୍କୁ ଓଡିଶା ରାଜ୍ୟ ସଭାପତି ଭାବେ ମନୋନୀତ କରିଛନ୍ତି ।

ରାଜଧାନୀରେ ଗଞ୍ଜେଇ ଚାଲାଣ : ୩ ଅଟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆମ୍ବୁଲାନ୍ସ ପରେ ଏବେ ଥାର। ଥାର୍‌ରେ ଗଞ୍ଜେଇ ଚୋରା ଚାଲାଣ। ଗଞ୍ଜେଇ ଚାଲାଣ ବେଳେ ମାଡି ବସିଲା ଖଣ୍ଡଗିରି ଥାନା ପୁଲିସ। ଡୁମୁଡୁମା ରଘୁନାଥ ନଗର ନିକଟରେ ପାଟ୍ରୋଲିଂ ବେଳେ ଜଣଙ୍କୁ କାବୁ କରିଥିଲା ପୁଲିସ। ମିଳିଥିବା ସୂଚନାନୁସାରେ, କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ଯୁବପିଢିଙ୍କୁ ବିକ୍ରି ପାଇଁ ପ୍ଲାନ ହେଉଥିଲା ବୋଲି ଜଣାପଡ଼ିଛି। ସେହିପରି ନୟାପଲ୍ଲୀ ଥାନା ପୁଲିସ ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ବେଳେ ଧରିଥିଲା। ଏଥିରେ ୨ ଜଣଙ୍କୁ କାବୁ କରି ପୁଲିସ ତଦନ୍ତ କରୁଛି।

ଓଡ଼ିଶାର ଅଞ୍ଚଳକୁ ଆନ୍ଧ୍ରକୁ ଟେକି ଦିଆଯାଉଛି : ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆସନ୍ତା ଜୁନ୍ ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ରାୟଗଡା ଡିଭିଜନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ରାୟଗଡା ଡିଭିଜନ ଓ ରେଳ ମନ୍ତ୍ରଣାଳୟର ନୂଆ ଜୋନ୍ ଦକ୍ଷିଣତଟ ରେଳବାଇ ପୂର୍ବତଟ ଅଧୀନରେ ଥିବା ୱାଲ୍ଟିଅର ଡିଭିଜନକୁ ୨ ଭାଗରେ ବିଭକ୍ତ କରାଯାଇଛି । ଗୋଟେ ଭାଗ ରାୟଗଡା ଡିଭିଜନ ମାନେ ପୂର୍ବତଟ ରେଳବାଇ ଅଧୀନରେ ରଖାଯାଇଥିବା ବେଳେ ଆଉ ଏକ ଭାଗକୁ ନୂତନ ଗଠନ ହୋଇଥିବା ଜୋନ୍ ଦକ୍ଷିଣତଟ ରେଳବାଇ ଅଧୀନରେ ରଖାଯାଇଛି । ଏହାକୁ ନେଇ ଆଜି ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ରଖିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଡବଲ ଇଞ୍ଜିନ ସରକାର ଡବଲ ବିକାଶ ନାରା ଦେଇ ଆସିଥିବା ବିଜେପି ସରକାର ଓଡିଶାବାସୀଙ୍କ ଅକୁଣ୍ଠ ସମର୍ଥନ ବଦଳରେ କେବଳ ଧୋକା ପ୍ରଦାନ କରୁଛି । ଦୁଃଖ ଓ ପରିତାପର ବିଷୟ ବିଜେପିର ୨୦ ଲୋକସଭା ସାଂସଦ ଓଡିଶାକୁ କେନ୍ଦ୍ର ଅବହେଳା ପ୍ରସଙ୍ଗରେ ଆଖି ବୁଜି ଦେଇ ବସି ରହୁଛନ୍ତି । ଡ଼ ମହାନ୍ତି କହିଛନ୍ତି, ୱାଲଟିଅର ଡିଭିଜନ ଯାହା ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନରେ ଥିଲା, ତାକୁ ଭାଙ୍ଗି ରାୟଗଡା ଓ ବିଶାଖାପଟ୍ଟନମରେ ବିଭକ୍ତ କରାଯାଇଛି । ରାୟଗଡା ଡିଭିଜନକୁ ପୂର୍ବତଟ ରେଳବାଇରେ ରଖାଯାଇଛି । ବର୍ତ୍ତମାନ ନୂତନ ଗଠିତ ରାୟଗଡା ଡିଭିଜନରେ ମୋଟ ୬୯୬ କିଲୋମିଟର ରୁଟ୍ ରହିଛି । ତେବେ ରାୟଗଡା ଡିଭିଜନ ଭିତରେ ଥିବା ଅନେକ ଅଞ୍ଚଳ ଏବେବି ୱାଲ୍ଟିଅର ଡିଭିଜନରେ ରହିଛି । ଏହାଛଡା ଖୋର୍ଦ୍ଧା ରୋଡ୍ ଡିଭିଜନରେ ଥିବା ପଲାସା ଇଚ୍ଛାପୁରମ ୫୩ କିଲୋମିଟର ରୁଟ୍କୁ ମଧ୍ୟ ବିଶାଖାପଟ୍ଟନମ ଡିଭିଜନରେ ମିଶାଯାଇଛି । ଏହାଦ୍ୱାରା ପୂର୍ବତଟ ରେଳବାଇର ରାଜସ୍ୱ ହ୍ରାସ ହେବ ବୋଲି ପ୍ରତିବାଦ କରାଯାଇ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ମାନଙ୍କ ଦ୍ୱାରା ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ରେଳ ବିଭାଗ କର୍ଣ୍ଣପାତ କରୁ ନାହିଁ । ବର୍ତ୍ତମାନ ପୂର୍ବତଟ ଅଧୀନରେ ସମ୍ବଲପୁର ଡିଭିଜନ, ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ରାୟଗଡା ଡିଭିଜନ ରହିଛି । ଜୁନ୍ ପହିଲାରୁ ରାୟଗଡା ଡିଭିଜନ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ତେଣୁ ପୂର୍ବତଟ ରେଳବାଇର କ୍ଷତିକୁ ଭରଣା କରିବା ସହିତ ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଅନ୍ୟ ଅଞ୍ଚଳ ଯଥା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଇତ୍ୟାଦିକୁ ମଧ୍ୟ ପୂର୍ବତଟ ରେଳବାଇରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରୁଛି ।

ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ପାଇଁ ଶକ୍ତି ବିଭାଗର ପ୍ରସ୍ତୁତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର ଲୋକ ସେବା ଭବନଠାରେ ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓପିଟିସିଏଲର ସିଏମଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଓଡ଼ିଶାର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀର ସିଇଓମାନେ ଉପସ୍ଥିତ ଥିଲେ।

ଚଳିତ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ ପାଇଁ ପ୍ରସ୍ତୁତିର ସମୀକ୍ଷା କରି, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସାରା ରାଜ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଗ୍ରାହକଙ୍କ ସମସ୍ତ ଅଭିଯୋଗକୁ ଜରୁରୀକାଳୀନ ଭିତିରେ ଗ୍ରହଣ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରାଯିବା ଉଚିତ। ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ରୋକିବା ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ପାଇଁ ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟରେ କେବଳ ଉଚ୍ଚମାନର ସରଞ୍ଜାମ ଓ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଭାଗୀୟ କର୍ମଚାରୀ ଗ୍ରାହକଙ୍କ ସହ ନମ୍ରତାର ସହ କଥା ହେବା ସହ ସକ୍ରିୟ ଭାବେ ସେବା ଯୋଗାଇବା ଆବଶ୍ୟକ। ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ସେ ଗ୍ରାହକଙ୍କ ଅଭିଯୋଗ ବୁଝିବା ପାଇଁ ସମର୍ପିତ ଦଳର ସଂଖ୍ୟା ବୃଦ୍ଧି କରିବାକୁ କହିଛନ୍ତି।

ଏହାବ୍ୟତୀତ, ଉପ-ମୁଖ୍ୟମନ୍ତ୍ରୀ ବିଦ୍ୟୁତ ଭିତିଭୂମି ସହିତ ଜଡ଼ିତ ଜନସାଧାରଣଙ୍କ ସୁରକ୍ଷା ଦିଗର ମଧ୍ୟ ସମୀକ୍ଷା କରିଛନ୍ତି। ବିଦ୍ୟୁତ ଲାଇନ କିମ୍ବା ବିଦ୍ୟୁତ ପ୍ରତିଷ୍ଠାନ ନିକଟରେ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡ ଲଗାଇବା ସମ୍ପର୍କରେ ସେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବାକୁ କହିଛନ୍ତି। ପ୍ରବଳ ବେଗରେ ପବନ ବହିବା ଏବଂ କାଳବୈଶାଖୀ ସମୟରେ ଦୁର୍ଘଟଣା ରୋକିବା ପାଇଁ ସହରାଂଚଳ ସ୍ଥାନୀୟ ସଂସ୍ଥା ମାନଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡର ଗଠନମୂଳକ ସୁରକ୍ଷା ନିୟମାବଳୀର କଠୋର ଅନୁପାଳନ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ କୁହାଯାଇଛି।

ଓଡ଼ିଶାର ଜନସାଧାରଣଙ୍କୁ ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବା ପାଇଁ ସରକାରଙ୍କ ସର୍ବଦା ଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହିତ ଗ୍ରୀଷ୍ମ ମାସଗୁଡ଼ିକରେ ସମସ୍ତ ଅଧିକାରୀଙ୍କୁ ହାଇ-ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଏବଂ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ଆଲୋଚିତ ବିଷୟବସ୍ତୁ ଉପରେ ସାପ୍ତାହିକ ଅନୁପାଳନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

ଭୁବନେଶ୍ୱର, ୬ ମଇ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନକୁ କରିଦେଲେ ବିବାହ ମଣ୍ଡପ : ବିରୋଧ ପରେ ଟେଣ୍ଟ ଖୋଲିଲେ ଆୟୋଜନକାରୀ

ପୁରୀ, ୦୫/୦୫ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନକୁ ବିବାହ ମଣ୍ଡପ କରିଦେଲେ । ଯେଉଁଠି ଦିନେ ତୁଳସୀ, ଦୟଣା, ମଲ୍ଲୀ, ମାଳତି ହେଉଥିଲା ତାହାକୁ ନଷ୍ଟ କରି ବିବାହ ମଣ୍ଡପ ନିର୍ମାଣ ସହ ଭୋଜିଭାତର ଆସର ଜମୁଛି । ଜଗନ୍ନାଥ ବଲ୍ଲଭ ମଠ ସଂଲଗ୍ନ ପ୍ରମୋଦ ଉଦ୍ୟାନ ପରିସରରେ ବିବାହ ମଣ୍ଡପ ସହ ଟେଣ୍ଟ ବାନ୍ଧି ଭୋଜିର ଆୟୋଜନ ହୋଇଥିଲା। ଏହା ଜଣାପଡ଼ିବା ପରେ କିଛି ବୁଦ୍ଧିଜୀବୀ ବିରୋଧ କରିଥିଲେ। ଲୋକଙ୍କ ବିରୋଧକୁ ଦେଖି ବାଧ ହୋଇ ବିବାହ ଓ ଭୋଜି ଆୟୋଜନ ବନ୍ଦ ହୋଇଥିଲା। ଟେଣ୍ଟ ଖୋଲିବାକୁ ଆୟୋଜନକାରୀ ବାଧ ହୋଇଥିଲେ । ୨୦୧୮ରେ ମହାପ୍ରଭୁଙ୍କ ତୁଳସୀ ଉଦ୍ୟାନକୁ ନଷ୍ଟ କରି ହୃଦୟ ଯୋଜନାରେ ପ୍ରଶାସନ ପାର୍କ ଓ ପୁଷ୍କରିଣୀ ଉନ୍ନତୀକରଣ କରିବାକୁ ପଦକ୍ଷେପ ନେଇଥିଲା । ହେଲେ ଅଧାରୁ ପ୍ରକଳ୍ପ ବନ୍ଦ ହୋଇଗଲା । ଫଳରେ ପ୍ରମୋଦ ଉଦ୍ୟାନରେ ତୁଳସୀ, ଦୟଣା, ମଲ୍ଲୀ, ମାଳତିକୁ ମାଟିରେ ମିଶାଇ ପ୍ରଶାସନର ସୁନ୍ଦର ଉଦ୍ୟାନ ନିର୍ମାଣ ଘୋଷଣା ଓ ପଦକ୍ଷେପ ଅଟକିଗଲା । ପରେ ୨୦୨୧ରେ ଅବଢ଼ା ଯୋଜନାରେ ଏହାର ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଘୋଷଣା

କରାଗଲା । ଅଦ୍ୟାବଧି ତାହା ମଧ୍ୟ ବୁମେରାଂ ପାଲଟିଛି । ଏପର୍ଯ୍ୟନ୍ତ ଜଗନ୍ନାଥ ବଲ୍ଲଭ ମଠରେ ଏହି ପ୍ରମୋଦ ଉଦ୍ୟାନ ତାହାର ପ୍ରାଚୀନ ଓ ଗରିମା ଫେରି ପାଇଲା ନାହିଁ । ସେପଟେ ବାରମ୍ବାର ଏହି ଉଦ୍ୟାନ ପରିସରରେ ବିଭିନ୍ନ ପ୍ରଭାବଶାଳୀ ଲୋକେ ଭୋଜିଭାତର ଆୟୋଜନ କରୁଛନ୍ତି । ଗତ ସୋମବାର ମଧ୍ୟ ଏକ ବିବାହ ଉତ୍ସବ ଓ ଭୋଜି ଆୟୋଜନ ନିମନ୍ତେ ଟେଣ୍ଟ ହୋଇଥିଲା । ଏହା ଜାଣିବା ପରେ ଏହାକୁ ବିରୋଧ କରାଯାଇଥିଲା । ଫଳରେ ଟେଣ୍ଟ ଖୋଲିବାକୁ ଭୋଜି ଆୟୋଜନକାରୀ ବାଧ ହୋଇଥିଲେ । ଭୋଜି ଆୟୋଜନ ବାବଦରେ ଜଗନ୍ନାଥ ବଲ୍ଲଭ ମଠ ଇନ୍ସପେକ୍ଟରଙ୍କୁ ପଚାରିବାରେ ଜଣେ କର୍ମଚାରୀ କରୁଛନ୍ତି ବୋଲି କହିଥିଲେ। ଏଥିନିମନ୍ତେ ଅନୁମତି ପ୍ରଶାସନ ଦେଇଛି କି ବୋଲି ପଚାରିବା ପରେ ବିରୋଧକୁ ଦୃଷ୍ଟିରେ ରଖି ଟେଣ୍ଟ ଖୋଲିବାକୁ ବାଧ ହୋଇଥିଲେ। ଯେଉଁଠି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ବିଭିନ୍ନ ନୀତି ଓ ଲୀଳା ସମ୍ପାଦିତ ହେଉଛି, ତାହାକୁ ସୁରକ୍ଷିତ କରାନଯାଇ ଆମିଷ ଭୋଜିଭାତର ଆୟୋଜନ କରାଯିବା ପରିତାପର ବିଷୟ । ଏଠାରେ ପ୍ରଶାସନ ଦେବାଦେବୀ ଓ ମହାପ୍ରଭୁଙ୍କ ବିଭିନ୍ନ ପ୍ରତିମୂର୍ତ୍ତି ଲଗାଇ ଏହାର ଯତ୍ନ ଏବଂ ସୁରକ୍ଷା ଦାୟିତ୍ୱ ଦେଉନି। ସୂଚନା ଥାଉକି, ଜଗନ୍ନାଥ ବଲ୍ଲଭ ମଠ ପରିଚାଳନା ଦେବୋତ୍ତର ବିଭାଗ ଦ୍ୱାରା ହେଉଛି । ନିକଟରେ ଏହାର ମଧ୍ୟବର୍ତ୍ତୀ କାଳିନ ପରିଚାଳନା ବୋର୍ଡ ମଧ୍ୟ ଗଠନ ହୋଇଛି । ପ୍ରମୋଦ ଉଦ୍ୟାନ ସମ୍ପତ୍ତି ଉପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କବ୍‌ଜା ରହିଛି । ଅଥଚ ଏଠାରେ ଥିବା ବେଣ୍ଟ ପୋଖରୀ, ଉଦ୍ୟାନ ଓ ଅନ୍ୟ ପୁଷ୍କରିଣୀଗୁଡ଼ିକର ଯତ୍ନ ନେଉନି। ପ୍ରମୋଦ ଉଦ୍ୟାନ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ଏହା ଅବହେଳିତ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିଛି ।

ରଥଖଳା ହାଲ୍‌ଚାଲ୍: ନାହାକା ଅଖ ତିଆରିରେ ବ୍ୟସ୍ତ ବିଶ୍ୱକର୍ମା

ପୁରୀ,୦୫/୦୫ ନ୍ୟୁଜ ବ୍ୟୁରୋ

ଶ୍ରୀକ୍ଷେତ୍ରରେ ରଥ ଖଳା ଚଳଚଞ୍ଚଳ । ଭଉଁରୀ ଯାତ୍ରାରେ ଚକ ଅଖ ସଂଯୋଗ ହେବ । ଗତ ସୋମବାର ଅଖ କାର୍ଯ୍ୟ ଆରମ୍ଭ ହୋଇଛି । ଅପରାହ୍ଣରେ ରଥ ଅଖ କାମ ଅନୁକୂଳ ହୋଇଛି । ମହାପ୍ରଭୁଙ୍କ ମାଳ ମାହାର୍ଦ୍ଦ ସମର୍ପଣ କରି ତିନି ରଥର ମୁଖ୍ୟ ବିଶ୍ୱକର୍ମା ନାହାକା ଅଖ ତିଆରି ଆରମ୍ଭ କରିଛନ୍ତି । ଅଖର ଦୁଇ ପାର୍ଶ୍ୱରେ ବାରିସି ଚଳାଇ ଗୋଲେଇ କରୁଛନ୍ତି । ପ୍ରତି ରଥର ନାହାକା ଅଖ କାମ ଚାଲିଛି । ଧଉରା କାଠରେ ତିଆରି ହେଉଛି ଅଖ । ରଥ ଖଳାରେ ଚାଲିଛି ଚକ ନିର୍ମାଣ । ସନ୍ଧ୍ୟା ସୁଦ୍ଧା ତିନି ରଥର ୧୭ଟି ଚକର ସିଙ୍ଗଡ଼ା ପ୍ରସ୍ତୁତି ଶେଷ ହୋଇଥିବା କହିଛନ୍ତି ଭୋଇ ସର୍ଦ୍ଦାର ରବି ଭୋଇ। ଖଳାରେ ନାହାକା ଚକରେ ପଇତା ପିନ୍ଧାଯାଉଛି । ପହିର ମଝି ଅଂଶରେ ଅଢେଇ ଇଞ୍ଚର ଏକ ବିଟ ଭଳି ଚକ୍ରାକାର ବଳୟ ହେଉଛି 'ପଇତା'। ବାରିସିରେ ହାଣି ନିପୁଣ ବିଶ୍ୱକର୍ମାମାନେ ଏହାକୁ ତିଆରି କରିଛନ୍ତି । ପଇତା ଚକର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ରଥତ୍ରୟର ନାହାକା ଚକ, ପଡ଼ିନାହାକା ଚକ ଶେଷ ହେଉଛି । ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇ ସେଥିରେ ପନ୍ଦାରି ବଳା ବସି ଠେକ ତୁଲିଆ କାର୍ଯ୍ୟ ଚାଲିଛି । ବିଲେଇ ବାଡ଼ିଆ ପଦ୍ଧତିରେ ତିନି ରଥର ସମାନ୍ତରାଳ ଭାବେ ଚକ କାର୍ଯ୍ୟ ଶେଷ ହେଉଛି । ତିନି ରଥର ରୂପକାର ସେବକମାନେ ୫ଟି ଲେଖାଁଏ ଗୁଜରେ ନୃସିଂହ ରୂପ ଖୋଦେଇ କରୁଛନ୍ତି । ତାଳଧ୍ୱଜ ରଥର ସିଂହାସନ ଅପସରା ଓ ପରିଚ୍ଛା କାର୍ଯ୍ୟ ଆରମ୍ଭ ହୋଇଛି । ରଥର ସାଲଗୁଜ, ତୀଖଗୁଜ, ଜଳଯନ୍ତ୍ର ଚଉପଟ ଚାଲିଛି । ବିଶ୍ୱକର୍ମାମାନେ ଧଉରା କାଠ ଚଉପଟ କରି ଯୋଗାଉଛନ୍ତି । ରୂପକାର ସେଥିରେ ସିଂହବିରାଳ ମୂର୍ତ୍ତି ତିଆରିରେ ବ୍ୟସ୍ତ । ଚକ ପାଇଁ ଆବଶ୍ୟକ ଅର କଣ୍ଟା, ପନ୍ଦାରି ଓ ବଳା ଯୋଗାଚାଲିଛି । ଏସବୁକୁ ଶାଳରେ ତିଆର ବିଶ୍ୱକର୍ମାଙ୍କୁ ଯୋଗାଉଛନ୍ତି କମାର ସେବକ । ସିଙ୍ଗଡ଼ା ବାଡ଼ିଆ ପଦ୍ଧତିରେ ତୁମ୍ବ ସହ ଅର ଯୋଡ଼ି ରଥଖଳାକୁ ବୋହି ନେଉଛନ୍ତି ଭୋଇ ସେବକ । ମଙ୍ଗଳବାର ୮ଟି ସିଙ୍ଗଡ଼ା ବାଡ଼ିଆ ଯାଇଛି । ରଥଖଳାରେ ବିଲେଇ ବାଡ଼ିଆ ପଦ୍ଧତିରେ ଚକ ପ୍ରସ୍ତୁତ ହେଉଛି । କମାର ଶାଳରେ ଓଝା ସେବକମାନେ ରଥର ଉଚ୍ଛୁଳା ଚକ ପାଇଁ ପନ୍ଦାରି ଏବଂ ବଳା ନିର୍ମାଣ କରୁଛନ୍ତି ।

ଗୁଜରାଟରେ ଓଡ଼ିଶା ନିବେଶ ସମ୍ମିଳନୀ

ଶିଳ୍ପପତିଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫/୦୫ ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଠାରୁ ତିନି ଦିନିଆ ଗୁଜରାଟ ଗସ୍ତ ଆରମ୍ଭ କରିଛନ୍ତି। ମଙ୍ଗଳବାର ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସେ ଶିଳ୍ପପତିମାନଙ୍କୁ ଭେଟି ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି। ନିବେଶକମାନଙ୍କ ପସନ୍ଦ ପାଲଟିଥିବା ଓଡ଼ିଶାରେ ନିବେଶ କରିବାକୁ ସେ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି।

ନିବେଶକମାନେ ଓଡ଼ିଶାର ରସାୟନ, ଗ୍ଲାସ୍ ଓ ଉପକରଣ, ଧାତବ ଭଳି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପୁଞ୍ଜିନିବେଶ ଆଣିବାକୁ ଯାଇଥିବା ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍‌କୁ ଅହମଦାବାଦରେ ଭବ୍ୟ ସ୍ୱାଗତ କରାଯାଇଥିଲା। ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଅସାହି ସଙ୍ଗୱ୍ନ କଲର୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଗୋକୁଳ ଜୟକୃଷ୍ଣ, ଅତୁଲ ଲିମିଟେଡ୍‌ର ନିସ୍ତା ଲାଲଭାଇ, ନିର୍ମା ଲିମିଟେଡ୍‌ର କର୍ସନଭାଇ ପଟେଲ, ଆରଏମ୍‌ଟିଏଲ୍‌ର ପ୍ରକାଶ ସାଂଘଭି ଓ ବୋରୋସିଲ୍ ଲିମିଟେଡ୍‌ର ସିଇଓ ମେଲ୍‌ୱିନ ମୋସେସ୍ ସାକ୍ଷାତ କରିଥିଲେ।

ଗୁଜରାଟ ଗସ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟବାସୀଙ୍କ କଲ୍ୟାଣ ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆମ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ରାଜ୍ୟର ଶିଳ୍ପ ସମୃଦ୍ଧି ଓ ଆମ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ସେହି ସଂକଳ୍ପକୁ ସାକାର କରିବା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କରି ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତିକୁ ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୁଁ ଗୁଜରାଟ ଗସ୍ତରେ ଆସିଛି।

ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାର ଶିଳ୍ପ ସାମର୍ଥ୍ୟ ସହ ପରିଚିତ କରାଇବା ଏବଂ ସେମାନଙ୍କୁ ଆମ ରାଜ୍ୟର ଏହି ଅପରାଜେୟ ବିକାଶ ଯାତ୍ରାରେ ସହଭାଗୀ କରାଇବା ଏହି ଗସ୍ତର ମୂଳ ଅଭିପ୍ରାୟ। ଆମର ଯୁବଶକ୍ତିଙ୍କ ପାଇଁ ନିଜ ମାଟିରେ ହିଁ ସମ୍ମାନଜନକ ଜୀବିକାର ସୁଯୋଗ ସୃଷ୍ଟି କରିବା ସହ ଏକ ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସାବରୀମାଳା ମାମଲାରେ ଆବେଦନକାରୀଙ୍କୁ ସୁପ୍ରିମକୋର୍ଟଙ୍କ କଡା ଭର୍ତ୍ସନା

'ଜନସ୍ୱାର୍ଥ ମାମଲା' ଏବେ 'ବ୍ୟକ୍ତିଗତ ସ୍ୱାର୍ଥ ମାମଲା'

ନୂଆଦିଲ୍ଲୀ,୫ ।୫

ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । କୋର୍ଟ ସବରିମାଲା ବିବାଦରେ ଆବେଦନ ଦାଖଲ କରିଥିବା ୟଙ୍ଗ ଲୟର୍ସ ଆସୋସିଏସନ୍‌କୁ କଡା ଭର୍ତ୍ସନା କରିଛନ୍ତି । ଇଣ୍ଡିଆନ୍ ୟଙ୍ଗ୍ ଲୟର୍ସ ଆସୋସିଏସନ୍ ଦ୍ୱାରା ଦାୟର କରାଯାଇଥିବା ଜନସ୍ୱାର୍ଥ ମାମଲା ଉପରେ କୋର୍ଟ ପ୍ରଶ୍ନ ଉଠାଇ ପଚାରିଥିଲେ ଏହି ସଂଗଠନ କିଏ ? ଆବେଦନକୁ ଆରମ୍ଭରୁ ଖାରଜ କରିଦିଆଯିବା ଉଚିତ ଥିଲା। ପିଆଇଏଲ୍ ବା 'ଜନସ୍ୱାର୍ଥ ମାମଲା' ଏବେ ବ୍ୟକ୍ତିଗତ ସ୍ୱାର୍ଥ, ଆର୍ଥିକ ସ୍ୱାର୍ଥ ଏବଂ ରାଜନୈତିକ ସ୍ୱାର୍ଥ ମାମଲା'ରେ ପରିଣତ ହୋଇଛି । କୋର୍ଟ ଆବେଦନକାରୀଙ୍କୁ ମଧ୍ୟ ଭର୍ତ୍ସନା କରି କହିଛନ୍ତି 'ଆପଣଙ୍କର ଆଉ କୌଣସି କାମ ନାହିଁ କି ?

ଖଣ୍ଡପୀଠ ପଚାରିଥିଲେ, କାହିଁକି ଏକ ଓକିଲ ମନ୍ଦିର ପ୍ରବେଶ ଭଳି ଧାର୍ମିକ ପ୍ରସଙ୍ଗରେ ପିଆଇଏଲ୍ ଦାୟର କଲା ? ଏହା ମଧ୍ୟ ପ୍ରଶ୍ନ ଉଠାଇଥିଲେ ଯେ ଏପରି ଏକ ସଂଗଠନ ହିନ୍ଦୁ ମନ୍ଦିର ସହ ଜଡିତ ମାମଲାରେ କିପରି ପିଟିସନ୍ ଦାୟର କରିପାରିବ ? ସଂଘର ଓକିଲ ଉତ୍ତର ଦେଇଥିଲେ ଯେ ପିଆଇଏଲ୍ ସଂଗଠନର ମହିଳା ସଦସ୍ୟଙ୍କ ଦ୍ୱାରା ଦାୟର କରାଯାଇଥିଲା। କୋର୍ଟ ୨୦୦୬ରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ଆବେଦନକୁ ଆଇନ ପ୍ରକ୍ରିୟାର ଦୂରୁପଯୋଗ ବୋଲି କହିଛନ୍ତି । ଏହା ସହ କଡା ଶବ୍ଦରେ କହିଛନ୍ତି, ଏହି ଆବେଦନ କାହିଁକି ଦାଖଲ କଲ ? କ'ଣ ଆପଣ ଦେଶର ମୁଖ୍ୟ ପୂଜାରୀ ? ଏହି ଟିପ୍ପଣୀ ୯ ବିଚାରପତିଙ୍କ ସମ୍ବିଧାନିକ ଖଣ୍ଡପୀଠ ଦେଇଛନ୍ତି, ଏହାର ଅଧ୍ୟକ୍ଷତା ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କରୁଥିଲେ । ଖଣ୍ଡପୀଠରେ ଜଷ୍ଟିସ୍ ବିଭି ନାଗରତ୍ନା, ଏମଏମ୍ ସୁନ୍ଦରଶ, ଅହସାନୁଦ୍ଦିନ୍ ଅମାନୁଲ୍ଲାହ, ଅରବିନ୍ଦ କୁମାର, ଅଗଷ୍ଟିନ୍ ଜର୍ଜ ମସିହା, ପ୍ରସନ୍ନା ବି ଭରାଳେ, ଆର ମହାଦେଭନ ଓ ଜୟମାଲ୍ୟ ବାଗଚୀ ରହିଛନ୍ତି ।

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କଡ଼ା ଟିପ୍ପଣୀ ଦେଇଥିଲେ, 'ଏପରି ଏକ ଦଲିଲକୁ ସିଧା ଡଷ୍ଟବିନ୍‌ରେ ଫିଙ୍ଗି ଦିଆଯିବା ଉଚିତ ଥିଲା। ଏହି ମାମଲାରେ ଏକ ପିଆଇଏଲ୍

ଆବେଦନ କରିବାର ଆଧାର କ'ଣ ଥିଲା? ଶୁଣାଣି ବେଳେ କୋର୍ଟ ଆବେଦନକାରୀ ସଂଗଠନର ଉଦ୍ଦେଶ୍ୟ ଓ ଅଧିକାର ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ଜଷ୍ଟିସ ନାଗରତ୍ନା କହିଛନ୍ତି, କୌଣସି ଜୁରିଷ୍ଟିକ୍ ବଡି ଅର୍ଥାତ ଆଇନଗତ ସଂସ୍ଥା ବ୍ୟକ୍ତିଗତ ଆସ୍ଥା ନେଇ ଦାବି କରିପାରିବନି । ବିଶ୍ୱାସ ବ୍ୟକ୍ତିର ହୋଇଥାଏ, ସଂସ୍ଥାର ନୁହେଁ । ଆପଣଙ୍କ ପାଖରେ କୌଣସି ଅନ୍ତରଆତ୍ମା ନାହିଁ। ଜଷ୍ଟିସ୍ ଅରବିନ୍ଦ କୁମାର ମଧ୍ୟ ସଂଗଠନକୁ ପଚାରିଛନ୍ତି, କ'ଣ ଆବେଦନ ଦାଖଲ କରିବା ପାଇଁ କୌଣସି ଔପଚାରିକ ପ୍ରସ୍ତାବ ପାସ୍ କରାଯାଇଥିଲା କି ? ଯଦି ହଁ ତେବେ କ'ଣ ସଂଗଠନ ଅଧ୍ୟକ୍ଷ ଏହାକୁ ମଞ୍ଜୁରୀ ଦେଇଥିଲେ ? ସିଜେଆଇ ସୂର୍ଯ୍ୟକାନ୍ତ କଡା ଟିପ୍ପଣୀ ଦେଇ କହିଥିଲେ, ଏଭଳି ଭାବରେ ଆବେଦନ ଦାଖଲ କରିବା ବଦଳରେ ସଂଗଠନକୁ ବାର୍ ଓ ଯୁବ ଓକିଲଙ୍କ ହିତରେ କାମ କରିବା ଦରକାର। ଜଷ୍ଟିସ୍ ନାଗରତ୍ନା ମଧ୍ୟ କହିଛନ୍ତି ଯେ, ଗ୍ରାମୀଣ କ୍ଷେତ୍ରରୁ ଆସୁଥିବା ପ୍ରତିଭାଶାଳୀ ଓକିଲଙ୍କୁ ସହଯୋଗ ଦେବା ଓ ଏଥିପାଇଁ ଅବସର ସୃଷ୍ଟି କରିବା ଦିଗରେ କାମ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ ରବି ପ୍ରକାଶ ଗୁପ୍ତା କୋର୍ଟଙ୍କୁ କହିଛନ୍ତି, ୨୦୦୬ରେ ପ୍ରକାଶିତ ଚାରୋଟି ସମାଚାର ରିପୋର୍ଟ ଆଧାରରେ ଏହି ପିଆଇଏଲ୍ ଦାଖଲ କରାଯାଇଥିଲା । ସେ କହିଛନ୍ତି, ସଂଗଠନର ଉଦ୍ଦେଶ୍ୟ ଭଗବାନ ଅୟାପ୍ପାଙ୍କ ଭକ୍ତଙ୍କ ଆସ୍ଥାକୁ ଚ୍ୟାଲେଞ୍ଜ ଦେବା ନୁହେଁ, ବରଂ ତାଙ୍କୁ ବଜାୟ ରଖିବା । ଉଲ୍ଲେଖନୀୟ ଯେ, କେରଳର ସାବରୀମାଳା ବିବାଦରେ ଦୀର୍ଘ ସମୟ ଧରି ୧୦ ରୁ ୫୦ ବର୍ଷର ମହିଳାଙ୍କ ପ୍ରବେଶ ଉପରେ ରୋକ ରହିଥିଲା। ଏହି ପରମ୍ପରା ଭଗବାନ ଆୟାପ୍ପାଙ୍କୁ ନୈଷ୍ଠିକ ବ୍ରହ୍ମଚାରୀ ମାନିବା ଉପରେ ରହିଛି । ଏହି ପ୍ରଥାକୁ ଚ୍ୟାଲେଞ୍ଜ ଦେଇ ୨୦୦୬ରେ ଇଣ୍ଡିଆନ୍ ୟଙ୍ଗ ଲୟାର୍ସ ଆସୋସିଏସନ୍ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଥିଲେ। ଏହି ମାମଲାରେ ସାବରୀମାଳା ମନ୍ଦିରର ପ୍ରବେଶ ସମ୍ପର୍କିତ ନିଷ୍ପତ୍ତି ୨୦୧୮ ଅନୁସାରେ ୫ ବିଚାରପତିଙ୍କ ସମ୍ବିଧାନିକ ଖଣ୍ଡପୀଠ ସେପ୍ଟେମ୍ବର ୨୦୧୮ରେ ୪:୧ ବହୁମତରେ ରାୟ ଦେଇଥିଲେ। କୋର୍ଟ କହିଥିଲେ ମହିଳାଙ୍କ ପ୍ରବେଶ ଉପରେ ରୋକ ଲଗାଇବା ଅଣସମ୍ବିଧାନିକ। କୋର୍ଟ କହିଥିଲେ ଯେ ଏହି ପ୍ରଥା ମହିଳାଙ୍କ ମୌଳିକ ଅଧିକାର, ବିଶେଷକରି ସମାନତା ଏବଂ ଧାର୍ମିକ ସ୍ୱାଧୀନତାକୁ ଉଲ୍ଲଂଘନ କରୁଛି । ତଥାପି, ଏହି ନିଷ୍ପତ୍ତି ଦେଶବ୍ୟାପୀ ବ୍ୟାପକ ବିତର୍କ ଏବଂ ପ୍ରତିବାଦର କାରଣ ହୋଇଥିଲା। ପରବର୍ତ୍ତୀ ସମୟରେ ଧାର୍ମିକ ପରମ୍ପରା ଏବଂ ସାମ୍ବିଧାନିକ ଅଧିକାର ମଧ୍ୟରେ ସନ୍ତୁଳନ ଉପରେ ପ୍ରଶ୍ନ ଉଠାଇ ଅନେକ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା।

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପେନ୍‌ସନ୍ ମାମଲା : ଉଚ୍ଚଶିକ୍ଷା ସଚିବ, କୁଳସଚିବଙ୍କୁ ହାଜର ନିର୍ଦ୍ଦେଶ

କଟକ,୦୫/୦୫ ନ୍ୟୁଜ ବ୍ୟୁରୋ

ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ଛାତ୍ରାବାସ ଓ ଛାତ୍ରୀ ନିବାସର ଅଣମେସ୍ କର୍ମଚାରୀଙ୍କ ପେନ୍‌ସନ୍ ମାମଲାରେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଜବାବ ଦାଖଲ ନକରିବାରୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିବ ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆରସି) ନୋଟିସ୍ ଜାରି କରିଛନ୍ତି। କମିସନ୍ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଏଭଳି ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ମେ ୧୫ ତାରିଖକୁ ଧାର୍ଯ୍ୟ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରାବାସ ଓ ଛାତ୍ରୀନିବାସର ୬୭ ଜଣ ଅଣମେସ୍ କର୍ମଚାରୀଙ୍କ ଚାକିରି ୨୦୦୪ ନଭେମ୍ବର ୨୭ରେ ନିୟମିତ ହୋଇଥିଲା । ତେଣୁ ସେମାନେ ପେନ୍‌ସନ୍ ପାଇବାକୁ ଯୋଗ୍ୟ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୨୨ ମସିହା ଅଗଷ୍ଟ ୮ରେ ଏକ ଆଦେଶ ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ଏହି କର୍ମଚାରୀମାନେ ପେନସନ୍ ତଥା ଗ୍ରାଚ୍ୟୁଇଟି ପାଇବାରୁ ବଞ୍ଚିତ ହୋଇଛନ୍ତି । ଏନେଇ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିସନ ଗତବର୍ଷ ଫେବୃୟାରୀ ୨୦ରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ରିପୋର୍ଟ ତଲବ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଦର୍ଶାଯାଇଥିଲା ଯେ ଉକ୍ତ କର୍ମଚାରୀମାନେ ବ୍ଲକଗ୍ରାଣ୍ଟରୁ ଦରମା ପାଉଥିଲେ ସୁଦ୍ଧା ସେମାନଙ୍କୁ ପେନସନ୍ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ଦେବାକୁ ଉଚ୍ଚଶିକ୍ଷା ବିଭାଗ କହିଥିଲେ । କିନ୍ତୁ ସେମାନଙ୍କୁ ବ୍ଲକଗ୍ରାଣ୍ଟରୁ ପେନସନ୍ ଦେବା ପାଇଁ ପୁନର୍ବିଚାର କରିବାକୁ ବିଶ୍ୱବିଦ୍ୟାଳୟ ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏନେଇ କମିସନ ଉଚ୍ଚଶିକ୍ଷା ସଚିବଙ୍କୁ ରିପୋର୍ଟ ତଲବ କରିଥିଲେ । କିନ୍ତୁ ବାରମ୍ବାର ରିପୋର୍ଟ ତଲବ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ଜବାବ ଦାଖଲ କରାଯାଇନାହିଁ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୫/୦୫/୨୦୨୬
୫,୦୦,୭୯୩/- ଟଙ୍କା
ସୁନା:-୧୧ଗ୍ରାମ୍୯୦୦ ମିଲିଗ୍ରାମ
ରୂପା:-୩୨ଗ୍ରାମ୍୫୦୦ ମିଲିଗ୍ରାମ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୧୪୮, ୨୫୪୫୬୭୮
Email : utkaldeepika2016@gmail.com

ଉପମୁଖ୍ୟମନ୍ତ୍ରୀଙ୍କ ସହ ଜାତିସଂଘର ଆବାସିକ ସଂଯୋଜକଙ୍କ ସାକ୍ଷାତ

ଭୁବନେଶ୍ୱର, ୫/୦୫ ନ୍ୟୁଜ ବ୍ୟୁରୋ

ଭାରତରେ ଜାତିସଂଘର ଆବାସିକ ସଂଯୋଜକ ମିଷ୍ଟର ଷ୍ଟିଫାନ ପ୍ରିସନର୍ ମଙ୍ଗଳବାର ଲୋକସେବା ଭବନଠାରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିସନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ଏବଂ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି । ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ।

ଏହି ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗ ମଧ୍ୟ ପ୍ରାଧାନ୍ୟ ପାଇଥିଲା । ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ରଣିପୁର-ଝରିଆଲ ଓ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ।

ଭିଜିଲାନ୍ସ ଜାଲରେ ତହସିଲ ଅଫିସ୍ ଅମିନ

୧୫ ହଜାର ଟଙ୍କା ନେଉଥିବା ବେଳେ ଧରାପଡିଲେ

କଣ୍ଟାବାଞ୍ଜି,୦୫/୦୫ ନ୍ୟୁଜ ବ୍ୟୁରୋ

ଭିଜିଲାନ୍ସ ଜାଲରେ ତହସିଲ ଅଫିସ ଅମିନ। ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଲେ ବଙ୍ଗୋମୁଣ୍ଡା ତହସିଲ ଅମିନ ନିର୍ମଳେନ୍ଦୁ କବି । ପାର୍ଟିସନ ସୁଟ୍ କେସ ବାବଦକୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲର ଅମିନ ଜଣେ ଆବେଦନକାରୀଙ୍କଠାରୁ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିବା ଏବଂ ସେମାନଙ୍କର ଜମି ସମ୍ପତ୍ତି ବିଭାଜନ ଏବଂ ସମ୍ପୃକ୍ତ ଅଂଶୀଦାରଙ୍କ ସପକ୍ଷରେ ନୂତନ ଆର୍‌ଓଆର ପ୍ରଦାନ ପାଇଁ ଫାଇଲ୍ ପ୍ରକ୍ରିୟାକରଣ କରିବା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରି ନେଉଥିଲେ। ଆର୍ ଅଣ୍ଡ ଡିଏମ୍ ବିଭାଗର ସରକାରଙ୍କ ନିୟମ ଅନୁଯାୟୀ, ଆବେଦନକାରୀ ସକ୍ଷମ ଅଧିକାରୀଙ୍କ ସମ୍ମୁଖରେ ସେମାନଙ୍କର ଜମି ବିଭାଜନ ପାଇଁ ଆବେଦନ କରିଥିଲେ। ଜମି ବିଭାଜନର ଆବଶ୍ୟକତା ଅନୁଯାୟୀ, ପ୍ରତ୍ୟେକ ଅଂଶୀଦାରଙ୍କ ପାଇଁ ସ୍କେଚ୍ ମ୍ୟାପ୍ ଆବଶ୍ୟକ । ତେଣୁ, ଆବେଦନକାରୀ ଅମିନଙ୍କୁ ଭେଟି ବିଭାଜନର ଆବଶ୍ୟକତା ଅନୁଯାୟୀ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ, ଅମିନ ସ୍କେଚ୍ ମ୍ୟାପ୍ ଏବଂ ଜମି ବିଭାଜନ ଓ ପୃଥକ ଆର୍‌ଓଆର ପ୍ରଦାନ ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି କରାଯାଇଥିବା ଲାଞ୍ଚ ଦେବାକୁ ଅସମର୍ଥ ହୋଇ ଆବେଦନକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଥିଲେ। ଏହା ପରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ମଙ୍ଗଳବାର ଅମିନ ନିର୍ମଳେନ୍ଦୁ କବିଙ୍କୁ ଆବେଦନକାରୀଙ୍କଠାରୁ ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଛି। ଅଭିଯୁକ୍ତ ନିର୍ମଳେନ୍ଦୁ କବିଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି ।

୮୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଲୋକାର୍ପିତ, ଶିଳାନ୍ୟାସ

ମାଲକାନଗିରି, ୫/୦୫ ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲ୍ଲାରେ ଗ୍ରାମୀଣ ଭିତ୍ତିଭୂମିର କାୟାକଳ୍ପ ବଦଳିବାରେ ଲାଗିଛି । ମଙ୍ଗଳବାର ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଜିଲ୍ଲା ପାଇଁ ମୋଟ ୮୪୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ୩୧୮.୯୨ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ୩୧ଟି ପ୍ରକଳ୍ପକୁ ଲୋକାର୍ପିତ କରାଯାଇଥିବା ବେଳେ ୧୮୪.୬୩ କୋଟି ଟଙ୍କା ଅଟକଳ ମୂଲ୍ୟର ୩୦ଟି ନୂତନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ଜିଲ୍ଲାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୨୨ଟି ପ୍ରକଳ୍ପ ମଧ୍ୟରୁ ୩୯୨ଟି ସଫଳତାର ସହ ଶେଷ ହୋଇଥିବା ବେଳେ ଚଳିତ ୨୦୨୫-୨୬ ବର୍ଷରେ ୪୩.୯୬ କୋଟି ଟଙ୍କା ବ୍ୟୟରେ ୯୬୪ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି ଏବଂ ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ

ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିଆଲ ମଧ୍ୟ ସାମିଲ ହୋଇଥିଲେ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାର ଶିକ୍ଷା, ଯୋଗାଯୋଗ ଓ ସାମାଜିକ ସୁବିଧା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ସରକାର ସମସ୍ତଙ୍କ ସାଥୀରେ, ସମସ୍ତଙ୍କ ବିକାଶ ମନ୍ତ୍ରକୁ ଆଗରେ ରଖି ଗ୍ରାମୀଣ ସଂଯୋଗ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାମ ହେଉଛି । ସେ ଆହୁରି କହିଛନ୍ତି ଯେ, ପିଏମଜିଏସୱାଇ ଯୋଜନାରେ ୧୬୮ଟି ରାସ୍ତା ନିର୍ମାଣ ସହ ଦୁର୍ଗମ ଅଞ୍ଚଳକୁ ସଂଯୋଗ କରାଯିବ । ଏହା ସହିତ ଆୟୁର୍ବେଦିକ ମେଡିକାଲ କଲେଜ, ପାନୀୟ ଜଳ ପ୍ରକଳ୍ପ ଓ ରେଳ ସଂଯୋଗ ଭଳି ମୁଖ୍ୟ ପ୍ରକଳ୍ପ ମାଲକାନଗିରିର ଉନ୍ନତିକୁ ଆହୁରି ଗତି ଦେବ । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପ ଜିଲ୍ଲାପାଳ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।